

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୧ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 SEPTEMBER 2020

Vol.No. 30 ■ No. 230 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


# ବାୟୁସେନାରେ ସାମିଲ ହେଲା ବାୟୁବୀର ରାଫେଲ



ଅମ୍ବାଲା ,୧୦।୯ (ନି.ପ୍ର): ଭାରତୀୟ ବାୟୁସେନା ପାଇଁ ଆଜିର ଦିନ ଐତିହାସିକ। ଆଜିର ଦିନରେ ଭାରତୀୟ ବାୟୁସେନାରେ ସାମିଲ ହୋଇଛି ଲଢୁଆ ବିମାନ ରାଫେଲ। ଏବେ ଶତ୍ରୁଙ୍କ ଆଖିରେ ଆଖି ମିଳାଇ ସେମାନଙ୍କୁ ଜବାବ ଦେବ ଭାରତ। ଆଜି ଅମ୍ବାଲା ଏୟାରବେସ୍‌ରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ୫ଟି ଲଢୁଆ ବିମାନକୁ ବାୟୁସେନାରେ ସାମିଲ କରାଯାଇଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଏବଂ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ଫ୍ଲୋରେନ୍ସ ପାର୍ଲିଙ୍କ ସହ ସିଡିଏସବିପିନ୍ ରାୱତ ଏବଂ ଭାରତୀୟ ବାୟୁସେନାର ମୁଖ୍ୟ ଆର.କେ.ଏସ୍ ଭଦୋରିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନିଜର ବକ୍ତବ୍ୟ ରଖି ଆଇଏଏଫ୍ ମୁଖ୍ୟ ଆର.କେ. ଏସ ଭଦୋରିଆ କହିଛନ୍ତି ଯେ, "ବର୍ତ୍ତମାନର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାୟୁସେନାରେ ରାଫେଲକୁ ସାମିଲ କରିବା ଦ୍ୱାରା ଶତ୍ରୁକୁ କଡା ଜବାବ ମିଳିପାରିବ। ରାଫେଲ ଯେକୌଣସି ସ୍ଥାନରେ ଏବଂ ଯେତେବେଳେ ବି ନିୟୋଜିତ ହେବ ସେ ଉପରେ ନିଜର ପ୍ରାଧାନ୍ୟ ବିସ୍ତାର କରିବ।" ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ, ରାଫେଲ ଜେଟ ଭାରତୀୟ ବାୟୁସେନାରେ ସାମିଲ ହେବାଟା ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ସମ୍ପର୍କର ଶକ୍ତି ଦର୍ଶାଉଛି। ବର୍ତ୍ତମାନର ସୁରକ୍ଷା ପରିସ୍ଥିତିରେ ରାଫେଲ ଜେଟ୍ ଭାରତକୁ ସାହାଯ୍ୟ କରିବ। ଏହା ଭାରତର ପ୍ରତିରକ୍ଷା ଇତିହାସରେ ଏକ ଐତିହାସିକ ମୁହୂର୍ତ୍ତ। ଘରୋଇ ପ୍ରତିରକ୍ଷା ଶିଳ୍ପକୁ ଉତ୍ସାହିତ କରିବା ପାଇଁତ ଆମେ ଫ୍ରାନ୍ସକୁ ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ବିନିଯୋଗ କରିବାକୁ ଆମନ୍ତ୍ରଣ କରୁଛୁ। ପ୍ରତିରକ୍ଷା ଏବଂ ପତିରକ୍ଷା କରିଡରରେ ୭୪% ଏଫଡିଆଇ ଅନୁମତି ଦିଆଯାଇଛି। ଆଶା କରୁଛି ଫ୍ରାନ୍ସ ଏହି ପଦକ୍ଷେପର ଲାଭ ଉଠାଇବ। ସ୍କର୍ପିନ୍ ଏବଂ ରାଫେଲ ଆମର ପ୍ରତିରକ୍ଷା ସମ୍ପର୍କକୁ ଆହୁରି ମଜବୁତ କରିଛି ବୋଲି ସେ କହିଛନ୍ତି। ଫ୍ରାନ୍ସ ମନ୍ତ୍ରୀ ଫ୍ଲୋରେନ୍ସ ପାର୍ଲି କହିଛନ୍ତି ଯେ, "କୋଭିଡ-୧୯ ମହାମାରୀ ସତ୍ୱେ ମୁଁ ଭାରତରେ ଥିବାରୁ ଅତ୍ୟନ୍ତ ଆନନ୍ଦିତ ଅଟେ। ଏହା ଭାରତ ଏବଂ ଫ୍ରାନ୍ସ ପାଇଁ ଏକ ଚମତ୍କାର ସଫଳତା। ଏଠାରେ ରହିବା ଏକ ଗୌରବର ବିଷୟ। ରାଫେଲେ ଅର୍ଥ ହେଉଛି ପବନ ବହିବା କିମ୍ବା ଅଗ୍ନି ବିସ୍ଫୋରଣ ହେବା। ଏହା ମଧ୍ୟ ଭାରତ- ଫ୍ରାନ୍ସ ସମ୍ପର୍କର ପ୍ରତୀକ ଅଟେ। ୩୬ ରାଫେଲ୍ ଜେଟ୍ କାର୍ଯ୍ୟକ୍ରମର ଅର୍ଥ ଆମ ପାଇଁ ବହୁତ କିଛି। ସୂଚନା ମୁତାବକ, ୧୦ଟା ୩୦ ମିନିଟରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ ପୁରୋହିତମାନେ ଭାରତୀୟ ବାୟୁସେନାରେ ପାଂଚଟି ରାଫେଲ ଯୁଦ୍ଧ ବିମାନର ସାମିଲ କରିବା ପୂର୍ବରୁ ସର୍ବ ଧର୍ମ ପୂଜାରେ ରୀତିନୀତି ଆରମ୍ଭ କରିଥିଲେ। ଏହା ପରେ ଉଦ୍ଘାଟନୀ ସମାରୋହ ଆରମ୍ଭ ହୋଇଥିଲା। ଫ୍ଲାଏପାଷ୍ଟ ସହ ପାରମ୍ପାରିକ ଶୈଳୀରେ ପୁନର୍ବାର ରାଫେଲ ବିମାନକୁ ଏକ ପାଣି ତୋପ ସଲାମି ଦିଆଯାଇଥିଲା। ପରେ ସାରଙ୍ଗ ଏରୋବାଟିକ୍ ଟିମ୍ ଅମ୍ବାଲା ଏୟାରବେସରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲେ। ଏହି ଦଳ ରାଫେଲକୁ ତାଙ୍କର ଅନନ୍ୟ କୌଶଳ ସହିତ ଅଭିବାଦନ ଜଣାଇଥିଲେ।

# ଆତ୍ମନିର୍ଭର ଭାରତ : ମତ୍ସ୍ୟ ସଂପଦ ଯୋଜନା ଓ ଇ-ଗୋପାଳ ଆପ୍ ଲଂଚ କଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ,୧୦।୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପିଏମ୍? ମତ୍ସ୍ୟ ସଂପଦ ଯୋଜନା, ଇ-ଗୋପାଳ ଆପ୍? ଏବଂ ବିହାରରେ ମତ୍ସ୍ୟ ଓ ପଶୁସଂପଦ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏକ ଭିଡିଓ କନଫରେନ୍ସିଂ ବ୍ୟବସ୍ଥାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏଥିରେ ଉଦ୍ ?ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏସବୁ ଯୋଜନାର ଲକ୍ଷ୍ୟ ହେଲା ଆମ ଗାଁଗୁଡିକୁ ସଶକ୍ତ କରିବା ଏବଂ ଭାରତକୁ ଏକବିଂଶ ଶତାବ୍ଦୀରେ ଆତ୍ମନିର୍ଭରଶୀଳ କରାଇବା । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମତ୍ସ୍ୟ ସଂପଦ ଯୋଜନା ମଧ ଏହି ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଛି । ଦେଶର ୨୧ଟି ରାଜ୍ୟରେ ୨୦ ହଜାର କୋଟି ଟଙ୍କା ବିନିଯୋଗରେ ଏହା କାର୍ଯ୍ୟକାରୀ କରାଯିବ । ଆସନ୍ତା ୪ରୁ ୫ବର୍ଷ ମଧରେ ଏସବୁ ଅର୍ଥ ଏହି ଯୋଜନାରେ ଖର୍ଚ୍ଚ କରାଯିବ । ସେଥିମଧରୁ ଆଜି ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ୧୭୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଯୋଜନାରେ ଆଜି ବିହାରର ପାଟନା, ପୂର୍ଣ୍ଣିଆ, ସୀତାମାଢି, ମାଧେପୁରା, କିଷାନଗଞ୍ଜ ଓ ସମସ୍ତିପୁରରେ ବିଭିନ୍ନ ପ୍ରକଳ୍ପମାନ ଉଦ୍ ?ଘାଟିତ ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନାରେ ନୂଆ ଭିତ୍ତିଭୂମି, ଆଧୁନିକ ଉପକରଣ ଏବଂ ନୂଆ ବଜାର ସୁବିଧା ମତ୍ସ୍ୟ ଉତ୍ପାଦକଙ୍କୁ ଯୋଗାଇ ଦିଆଯିବ । ଏହାଛଡା ମାଛଚାଷ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଅଧିକରୁ ଅଧିକ ସୁବିଧା ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ସେ କହିଛନ୍ତି ଯେ ସ୍ୱାଧୀନତା ପରେ ପ୍ରଥମଥର ପାଇଁ ଦେଶର ମତ୍ସ୍ୟ ଉଦ୍ୟୋଗରେ ଏଭଳି ବଡ଼ଧରଣର ଯୋଜନା ଆରମ୍ଭ ହୋଇଛି । ଏହି ଉଦ୍ୟୋଗର ଗୁରୁତ୍ୱକୁ ବିଚାରକୁ ନେଇ ସ୍ୱତନ୍ତ୍ରଭାବେ ଏକ ମତ୍ସ୍ୟ ମନ୍ତ୍ରଣାଳୟ ଭାରତ ସରକାର ସୃଷ୍ଟି କରିଛନ୍ତି । ▶▶ପୃଷ୍ଠା ୭

# ୧୫ ତାରିଖ ଯାଏଁ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୦।୯ (ନି.ପ୍ର): ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆନ୍ଧ୍ରପ୍ରଦେଶ ଉପକୂଳବର୍ତ୍ତୀ ଅଂଚଳରେ ଦାନା ବାନ୍ଧୁଥିବା ଲଘୁଚାପ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ସ୍ୱଷ୍ଟ ରୂପ ନେବ। ଏହାର ପ୍ରଭାବରେ ୪ରୁ ୫ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି । ସେହିପରି ସମ୍ବଲପୁର, ଅନୁଗୁଳ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, କନ୍ଧମାଳ ଏବଂ ସମ୍ବଲପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପକ୍ଷରେ ୧୨ ତାରିଖ ମଧ୍ୟରେ ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, କନ୍ଧମାଳ ,ଗଜପତି,ରାୟଗଡା, କୋରାପୁଟ ,ମାଲକାନଗିରି, ବରଗଡ, ଝାରସୁଗୁଡା, ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ସେହିପରି ୧୩ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା,ଗଜପତି ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ୧୪ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟଓ ନବରଙ୍ଗପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଗଜପତି,ଗଂଜାମ,କନ୍ଧମାଳ ଓ ରାୟଗଡା ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ସେହିପରି ୧୫ ତାରିଖ ବେଳକୁ ନବରଙ୍ଗପୁର, ନୂଆପଡା , କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ପୂଜା ପାଇଁ ସରକାରଙ୍କ ଗାଇଡ୍ ଲାଇନ୍

➤ଶ୍ରଦ୍ଧାଳୁଙ୍କ ସମାଗମ ମନା , ମଣ୍ଡପରେ ଏକସଙ୍ଗେ ଉପସ୍ଥିତ ରହିପାରିବେ ୭ ଜଣ

➤ଭସାଣୀ ଉତ୍ସବ , ସାଂସ୍କୃତିକ କାର୍ଯ୍ୟକ୍ରମ ନିଷେଧ



ଭୁବନେଶ୍ୱର,୧୦।୯ (ନି.ପ୍ର): ପୂଜା ପାଇଁ ଗାଇଡଲାଇନ ଜାରି କରିଛନ୍ତି ଓଡ଼ିଶା ସରକାର। ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସରେ ପଡୁଥିବା ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ,କାଳୀ ପୂଜା ସମେତ ସମସ୍ତ ପୂଜା ପାଳନ ଲାଗି ଏହି କଟକଣା ପାଇଁ ଲାଗୁ ହେବ । ଗୁରୁବାର ଦିନ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଏହି ଗାଇଡ୍ ଲାଇନ୍ ଜାରି କରାଯାଇଛି। ଏହି ଗାଇଡଲାଇନ ଅନୁସାରେ ମଣ୍ଡପରେ ପୂଜା ପାଇଁ ଜିଲ୍ଲାପାଳ, କମିଶନରଙ୍କଠାରୁ ଅନୁମତି ନେବାକୁ ପଡିବ। କଟକ ଓ ଭୁବନେଶ୍ୱର ସହର ପାଇଁ କମିଶନରେଟ ପୋଲିସ ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ମିଳିପାରିବ । କେବଳ ପରମ୍ପରା ବଜାୟ ରଖିବା ପାଇଁ ପୂଜା କରାଯାଇ ପାରିବ । ମୂର୍ତ୍ତିର ଉଚ୍ଚତା ୪ଫୁଟରୁ ଅଧିକ ହେବ ନାହିଁ। ପୂଜା ଗୁଡିକରେ ସାଧାରଣ ଲୋକ ଭାଗନେଇ ପାରିବେନି କିମ୍ବା ଗହଳି ହୋଇପାରିବନି । ମଣ୍ଡପରେ ଏକସମୟରେ କର୍ତ୍ତା ଓ ପୂଜାରୀଙ୍କୁ ନେଇ ୭ ଜଣରୁ ଅଧିକ ଲୋକ ରହିପାରିବେ ନାହିଁ । ଯେଉଁମାନେ ମଣ୍ଡପରେ ରହିବେ ସେମାନେ ମାସ୍କ ପିନ୍ଧିବା ସହ ସାନିଟାଇଜର ବ୍ୟବହାର, ସାମାଜିକ ଦୂରତ୍ୱ ପାଳନ କରିବେ। ପୂଜା ମଣ୍ଡପକୁ ତିନିପଟୁ ବନ୍ଦ କରାଯିବ । ସାଧାରଣ ଲୋକଙ୍କୁ ଭିତରକୁ ଛଡାଯିବ ନାହିଁ। ଏହା ବ୍ୟତୀତ ପୂଜା କମିଟିର କର୍ମକର୍ତ୍ତାମାନେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି ନିୟମକୁ ପାଳନ କରିବେ। କୌଣସି ଭସାଣି ଉତ୍ସବ ଆୟୋଜନ କରାଯାଇପାରିବ ନାହିଁ, କେବଳ ପ୍ରଶାସନ ଦ୍ୱାରା ପ୍ରସ୍ତୁତ କୃତ୍ରିମ ପୋଖରୀରେ ଭସାଣି କରିହେବ । ପୂଜା ସମୟରେ କୌଣସି ପ୍ରକାରର ମନୋରଂଜନ, ସଂଗୀତ ଆଦି କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ଉକ୍ତ ଗାଇଡ୍ ଲାଇନ୍ ରେ ଉଲ୍ଲେଖ କରାଯାଇଛି। ଗାଇଡ୍ ଲାଇନ୍ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

# ରାଜ୍ୟରେ ଗତ ୨୪ ଘଂଟାରେ ୪୭ହଜାର ୧୬୧ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୧୦।୯ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୭ ହଜାର ୧୬୧ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୭,୦୪୩, ଆରଟିପିସିଆରରେ ୯,୮୧୪ ଓ ଟ୍ରୁନଟ୍‌ରେ ୩୦୪ଟି କରୋନା ନମୁନା ପରୀକ୍ଷା କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୨୨୭୩୫୯୭ ନମୁନାର ପରୀକ୍ଷା କରା ଯାଇଛି ।

# ନିଟ୍ ପରୀକ୍ଷାର୍ଥୀଙ୍କ ପାଇ୍ ନିୟୋଜିତ ହେବେ ଡାକ୍ତରୀ ଟିମ୍

ଭୁବନେଶ୍ୱର,୧୦।୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ହେବାକୁ ଥିବା ନିଟ୍ ପରୀକ୍ଷାର ପରୀକ୍ଷାର୍ଥୀଙ୍କ ରହିବା ପାଇଁ ଯେଉଁ ସବୁ ସ୍ଥାନରେ ବ୍ୟବସ୍ଥା ହୋଇଛି, ସେଠାରେ ଏକ ଡାକ୍ତରୀ ଟିମ୍ ନିୟୋଜିତ କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଭୁବନେଶ୍ୱରର ୩୧ଟି ପରୀକ୍ଷା କେନ୍ଦ୍ରରେ ୧୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୧୩୦୦ ଜଣ ସରକାରୀ ସୁବିଧା ପାଇଁ ପଞ୍ଜୀକରଣ କରିଛନ୍ତି। ପରୀକ୍ଷା କେନ୍ଦ୍ର ବାହାରେ ▶▶ପୃଷ୍ଠା ୭

# ରାଷ୍ଟ୍ର ଉଦ୍ଦେଶ୍ୟରେ ୫୬ ସିଏନ୍‌ଜି ଷ୍ଟେସନକୁ ଉତ୍ସର୍ଗୀକୃତ କଲେ କେନ୍ଦ୍ରମନ୍ତ୍ରୀ

## ଗ୍ୟାସ ଆଧାରିତ ଭିତ୍ତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର: ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ ଭୁବନେଶ୍ୱର,୧୦।୯ (ନି.ପ୍ର): ଦେଶର ତୈଳ ଏବଂ ଗ୍ୟାସ ରାଷ୍ଟ୍ରାୟତ ଉଦ୍ୟୋଗ (ପିଏସୟୁ) ଓ ସେମାନଙ୍କ ଯୌଥ ଉଦ୍ୟୋଗ ସାହାଯ୍ୟରେ ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର ବୋଲି ଆଜି ଭିଡିଓ କନଫରେନ୍ସି ଯୋଗେ ରାଷ୍ଟ୍ର ଉଦ୍ଦେଶ୍ୟରେ ୫୬ଟି ସିଏନଜି ଷ୍ଟେସନ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଲୋକାର୍ପିତ ସିଏନଜି ଷ୍ଟେସନ ଭାରତର ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ଗଠନ ଦିଗରେ ଥିବା ପ୍ରଚେଷ୍ଟାକୁ ସଶକ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳବାୟୁ ନ୍ୟାୟକୁ ନିଶ୍ଚିତ କରିବା ଓ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ସ୍ୱଚ୍ଛ ଇନ୍ଧନ ଯୋଗାଇଦେବା ପାଇଁ ଦୃଢ ନିଶ୍ଚିତ । ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଅନେକ ସିଏନଜି ଷ୍ଟେସନ ଲୋକାର୍ପିତ କରାଯାଇଛି । ସେ କହିଛନ୍ତି ଆଗାମୀ ଦିନରେ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରାଯିବା ପାଇଁ ଚେଷ୍ଟା କରାଯାଉଛି । ଦେଶର ୫ କୋଟି ଘରକୁ ପାଇପ ଯୋଗେ୍ ପ୍ରାକୃତିକ ଗ୍ୟାସ ପହଁଚାଇବାର ଲକ୍ଷ୍ୟ ରଖାଯାଇଛି । ସେହିପରି ସ୍ୱର୍ଣ୍ଣ ଚତୁର୍ଭୁଜରେ ୧୦୦ ଏଲ୍‌ଏନ୍‌ଜି ଷ୍ଟେସନ ପ୍ରତିଷ୍ଠା କରିବାକୁ ହୋଇଥିବା ଯୋଜନା ସ୍ୱଚ୍ଛ ଇନ୍ଧନ ବ୍ୟବହାରରେ ନୂଆ ମାପଦଣ୍ଡ ଆଣିବ । ▶▶ପୃଷ୍ଠା ୭

# ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ ପୂର୍ବରୁ ନବୀନଙ୍କ ସମର୍ଥନ ଲୋଡିଲେ ନୀତିଶ



ଭୁବନେଶ୍ୱର,୧୦।୯ (ନି.ପ୍ର): ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ ପୂର୍ବରୁ ବିହାରର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁର ନେତା ନୀତିଶ କୁମାର ଓଡିଶାର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ଟେଲିଫୋନ ଯୋଗେ କଥାବାର୍ତ୍ତା ହୋଇଛନ୍ତି । ଏହି କଥାବାର୍ତ୍ତା ସମୟରେ ନୀତିଶ କୁମାର ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ ପାଇଁ ଜେଡିୟୁ ▶▶ପୃଷ୍ଠା ୭

# ରାଜ୍ୟରେ ଆଉ ୧୧ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୫୯୧ ହେଲା

ଭୁବନେଶ୍ୱର,୧୦।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୦୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ୨-୨ ଜଣ ରହିଥିବା ବେଳେ, କୋରାପୁଟ, ନୟାଗଡ. ଭଦ୍ରକ, ରାୟଗଡା ଓ ଗଂଜାମ ଜିଲ୍ଲାର ଜଣେ – ଜଣ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ. ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୫୭ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ଭଦ୍ରକର ଜଣେ ▶▶ପୃଷ୍ଠା ୭

# ୨୪ ଘଂଟାରେ ୨,୭୦୬ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୧୦।୯ (ନି.ପ୍ର): ରାଜ୍ୟର ସମସ୍ତ ୩୦ ଜିଲ୍ଲାରୁ ଆଜି ୨,୭୦୬ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି। କଟକ ଜିଲ୍ଲାରୁ ସର୍ବାଧିକ ୪୧୧ ଜଣ ସୁସ୍ଥ ହୋଇଛନ୍ତି। ଏଥିସହିତ ରାଜ୍ୟରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୦୦୧ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ କଟକରୁ ସର୍ବାଧିକ ୪୧୧ ଜଣ ସୁସ୍ଥ ହୋଇଥିବା ବେଳେ ଖୋର୍ଦ୍ଧାରୁ ୩୫୪, ମୟୂରଭଞ୍ଜରୁ ୨୩୩, ଗଞ୍ଜାମରୁ ୧୭୩, ନୟାଗଡ଼ରୁ ୧୫୨, ବରଗଡ଼ରୁ ୧୩୯, ପୁରୀରୁ ୧୩୨, ରାୟଗଡ଼ରୁ ୧୦୧, ଝାରସୁଗୁଡ଼ାରୁ ୯୩, ▶▶ପୃଷ୍ଠା ୭

## ଭଦ୍ରକର ୪ ପ୍ଲାଜମାଦାତା ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୦ା୯ (ନି.ପ୍ର): ପ୍ଲାଜମା ଥେରାପି ଦ୍ୱାରା କୋଭିଡ-୧୯ ସଂକ୍ରମିତ ଗୁରୁତର ରୋଗୀମାନେ ସୁସ୍ଥ ହେଉଥିବା ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାରୁ ୪ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବରେ ନିଜର ପ୍ଲାଜମା ଦାନ କରିଛନ୍ତି। କୋଭିଡ-୧୯ରୁ ସୁସ୍ଥ ହୋଇଥିବା ଭଦ୍ରକର ୪ ଜଣ ବ୍ୟକ୍ତି ଜିଲ୍ଲା ଦାୟିତ୍ୱରେ ଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ଲାଜମା ଦାନ କରିଛନ୍ତି । ପ୍ଲାଜମା ଦାନ କରିଥିବା ବ୍ୟକ୍ତିମାନେ ହେଲେ ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକର ମାନସ ରଞ୍ଜନ ଦାଶ ଏବଂ ବାସୁଦେବପୁର ବ୍ଲକ୍ ର ବସନ୍ତ କୁମାର ବେହେରା, ଦିଲ୍ଲୀପ କୁମାର ସାମଲ ଓ ରମାକାନ୍ତ ଲେଙ୍କା। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ଲାଜମାଦାତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ କଟକ ପାନ୍ଥନିବାସଠାରେ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ପ୍ଲାଜମା ଦାନ କାର୍ଯ୍ୟର ସୁପରିଚାଳନା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ ଭଦ୍ରକ ଜିଲ୍ଲାର ସମସ୍ତ ବିଧାୟକମାନଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ଲାଜମା ଦାନ କରି ଜୀବନ ବଂଚାଇବା ନିମନ୍ତେ ଆଗେଇ ଆସିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି ।

## ଭୁବନ ବ୍ଲକ ଓ ଏନଏସି ରୁ ୧୩୯ ଜଣଙ୍କ ସ୍ୱାବ ସଂଗ୍ରହ ହେଲା

ଭୁବନ,୧୦ା୯ (ନି.ପ୍ର): ଭୁବନ ଏନଏସି ଓ ବ୍ଲକରେ କରୋନା ପଜିଟିଭ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ୫୦୦ ରୁ ଅଧିକ ହୋଇଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ସକାଶେ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ଙ୍କ ନିର୍ଦ୍ଦେଶକ୍ରମେ ଆଜି ଭୁବନ ଏନଏସି ଅନ୍ତର୍ଗତ ହରିହରପୁର ପଟଣା ଉପ୍ରା ବିଦ୍ୟାଳୟ ରେ ୧୨୩ ଏବଂ ବ୍ଲକର ଏକତାଳି ଉଚ୍ଚ ବିଦ୍ୟାଳୟରେ ମାତ୍ର ୧୬ ଏହିପରି ମୋଟ ୧୩୯ ଜଣ ଙ୍କ ଠାରୁ ସ୍ୱାବ ସଂଗ୍ରହ କରାଯାଇଥିଲା । ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ କୁମାର ସାହୁ , ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ, ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଙ୍କ ତତ୍ତ୍ୱାବଧାନ. ଆକାଉଁଟ ମ୍ୟାନେଜର ଦିଲ୍ଲୀପ କୁମାର ଦାସ ଏବଂ ଏନଏସି କର୍ମଚାରୀ ଙ୍କ ସହଯୋଗରେ ସ୍ୱାବଟେଷ୍ଟ ହୋଇଥିଲା ।

## ସଂସ୍କାରକ ଶ୍ରୀବସ୍ତ ପଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟ ସ୍ତରୀୟ କମିଟି ଗଠିତ

ଭୁବନେଶ୍ୱର,୧୦ା୯ (ନି.ପ୍ର): ଓଡିଶାରେ ସମାଜ ସଂସ୍କାରର ପ୍ରଥମ ବାର୍ତ୍ତାବହ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରଥମ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିରେ, ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ପ୍ରଥମ ସଭାପତି ତଥା ଓଡିଶାରେ ଆର୍ଯ୍ୟ ସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ଓ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ସଦସ୍ୟ ସଂସ୍କାରକ ଶ୍ରୀବସ୍ତ ପଣ୍ଡାଙ୍କର ୧୫୦ତମ ଜୟନ୍ତୀ ଉତ୍ସବ ରାଜ୍ୟ ସ୍ତରରେ ପାଳନ କରିବା ପାଇଁ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ଅଧ୍ୟାପକ କୈଳାସ ଆଚାର୍ଯ୍ୟ, ଉପସଭାପତି ଶିକ୍ଷାବିତ୍ ଡଃ ବଦ୍ରିନାଥ ପଟ୍ଟନାୟକ ଓ ଡଃ ବିକାଶ ପଣ୍ଡା ଏବଂ ଆବାହକ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସାଧାରଣ ସଂପାଦକ ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ରହିଛନ୍ତି। ଏହି କମିଟିରେ ସଦସ୍ୟ ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ପଣ୍ଡିତ ଧନେଶ୍ୱର ବେହେରା, ପୂର୍ବତନ ଡିନ୍ ପ୍ରଫେସର ବୁଦ୍ଧଦେବ ମିଶ୍ର, ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ, ସାହିତ୍ୟ ସଂଗଠକ ଦଣ୍ଡପାଣି ମହାପାତ୍ର, ଡଃ ବଂଶୀଧର ତ୍ରିପାଠୀ, ଡଃ ମନୋଜ ଲେଙ୍କା ପ୍ରମୁଖ ରହିଛନ୍ତି। ଆର୍ଯ୍ୟ ସମାଜ ଓଡିଶା ପକ୍ଷରୁ ହେବାକୁ ଥିବା ଏହି ବର୍ଷବ୍ୟାପୀ କାର୍ଯ୍ୟକ୍ରମକୁ ପଣ୍ଡାଜୀଙ୍କ ଜନ୍ମଦିନ ଅକ୍ଟୋବର ୧ ତାରିଖରେ ଆନୁଷ୍ଠାନିକ ଭାବେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟନ କରିବେ। ନୂତନ ଯୁବପୀଢୀଙ୍କ ନିକଟରେ ସଂସ୍କାରକ ଶ୍ରୀବସ୍ତ ପଣ୍ଡାଙ୍କ ପ୍ରେରଣାଦାୟୀ ବାର୍ତ୍ତାକୁ ପହଂଚାଇବା ପାଇଁ ଏକ ସେମିନାର ଉକ୍ତଦିନ ଅନୁଷ୍ଠିତ ହେବ ବୋଲି ଆର୍ଯ୍ୟ ସମାଜ, ଓଡିଶାର ସଭାପତି ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସୂତ୍ରରୁ ପ୍ରକାଶ।

## ପଞ୍ଚାୟତ ସମିତିର ବିଭିନ୍ନ କାର୍ଯ୍ୟକଳାପକୁ ବିରୋଧ: ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ ୧୮ଜଣ ଜନପ୍ରତିନିଧି

ଗୁଣପୁର,୧୦ା୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ଆଜି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ରାଜ୍ୟ ସରକାରଙ୍କ ଅର୍ଥ କମିଶନ ପକ୍ଷରୁ ଆସିଥିବା ଅନୁଦାନ କିଭଳି ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟରେ ବିନିଯୋଗ ହୋଇ ପାରିବ ସେନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା। ବ୍ଲକର ସମସ୍ତ ପଞ୍ଚାୟତର ପାନୀୟଜଳ ବ୍ୟବସ୍ଥା, ନୂତନ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ, ବିଦ୍ୟାଳୟ କୋଠା ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପଶୁଙ୍କ ଚିକିତ୍ସା ନିମନ୍ତେ ଏଲ୍ ?ଆଇ କୋଠା ନିର୍ମାଣ ଓ ମରାମତି ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ଗୁଡିକ ତ୍ୱରାନ୍ୱିତ କରିବାକୁ ଏହି ଅର୍ଥ ବିନିଯୋଗ କିଭଳି କରାଯାଇ ପାରିବ ସେନେଇ ବିସ୍ତୃତ ଆଲୋଚନା ବୈଠକରେ କରାଯାଇଥିଲା। ଏଥି ନିମନ୍ତେ କେନ୍ଦ୍ରୀୟ ଅର୍ଥ କମିଶନ ପକ୍ଷରୁ ୬ ଲକ୍ଷ ୬୬ ହଜାର ୩୧୩ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ଅର୍ଥ କମିଶନ ପକ୍ଷରୁ ୪ଲକ୍ଷ ୩୮ହଜାର ୮୩୯ ଟଙ୍କା ପଞ୍ଚାୟତ ପିଛା ଖର୍ଚ୍ଚ କରାଯିବ ବୋଲି ସୂଚନା ମିଳିଛି। ଏଥି ନିମନ୍ତେ ପଞ୍ଚାୟତର ଜନପ୍ରତିନିଧି ମାନେ ନିଜ ପଞ୍ଚାୟତର ତାଲିକା ପ୍ରସ୍ତୁତ କରି ପୂର୍ବରୁ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିଥିବା ସୂଚନା ଦିଆଯାଇଥିଲା। ଅନ୍ୟପଟେ ପଞ୍ଚାୟତ ସମିତି ତଥା ବିଡିଓଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ବିରୋଧ କରି ଆଜି ୧୮ଜଣ ଜନପ୍ରତିନିଧି ବୈଠକ ବର୍ଜନ କରିଛନ୍ତି। ଏଥିସହ ବ୍ଲକ ଉପାଧ୍ୟକ୍ଷ ଏସୋ ଶବରଙ୍କ ନେତୃତ୍ୱରେ ଅସନ୍ତୁଷ୍ଟ ଜନପ୍ରତିନିଧି ମାନେ ଏନେଇ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲ୍ଲାପାଳ ରୀନା ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ସମିତି ବୈଠକରେ ରୁର୍ବାନ୍ ଅନୁଦାନ ବିନିଯୋଗ ନେଇ ସମିତି ସଭ୍ୟ ଓ ସରପଞ୍ଚ ଦେଇଥିବା ପ୍ରସ୍ତାବ ପରିବର୍ତ୍ତନ କରାଯିବା, ଟେଣ୍ଡର ଦ୍ୱାରା ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ନିମ୍ନମାନର କରାଯିବା, କାମ ସମ୍ପୂର୍ଣ୍ଣ ହେଲେ ମଧ୍ୟ ବିଲ୍ କରାଯାଉନଥିବା, ସମିତି ଦ୍ୱାରା ଅନୁମୋଦନ ମିଳିବା ସତ୍ତ୍ୱେ ପଞ୍ଚାୟତର ସ୍ତରରେ କାର୍ଯ୍ୟ ଗୁଡିକୁ ଜାଣିଶୁଣି ବନ୍ଦ କରିବା, ଆକ୍ସନ ପ୍ଲାନ କାର୍ଯ୍ୟ କରୁନଥିବା, ଅର୍ଥ ଅଭାବ ଆଳ ଦେଖାଇ ନିଜ ମନମୁତାବକ କାର୍ଯ୍ୟ କରିବା ଭଳି ବିଭିନ୍ନ ଅଭିଯୋଗ ଏହି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ମନରେଗା ପ୍ରକଳ୍ପ ଗୁଡିକ ନିଜ ମନ ମୁତାବକ ଆକ୍ସନ ପ୍ଲାନରେ ଯୋଡ଼ିବା, ଆମ ଗାଁ ଆମ ବିକାଶ କାର୍ଯ୍ୟ ଗୁଡିକ ସମିତି ସଭ୍ୟ ଓ ସରପଞ୍ଚଙ୍କ ଅଗୋଚରରେ ଠିକାଦାରଙ୍କୁ ଯୋଗାଇ ନିମ୍ନମାନର କାର୍ଯ୍ୟ କରି ବିଲ୍ କରାଯାଉଥିବା ନେଇ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଯଦି ଉପରୋକ୍ତ ଅଭିଯୋଗ ପ୍ରତି ଦୃଷ୍ଟି ଦିଆ ନଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅସନ୍ତୁଷ୍ଟ ସମିତି ସଭ୍ୟ ଏବଂ ସରପଞ୍ଚ ମାନେ ଆଜି ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଅଧ୍ୟକ୍ଷାଙ୍କ ପୌରାହିତ୍ୟରେ ଆୟୋଜିତ ଏହି ବୈଠକରେ ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଡିଓ ଶାନ୍ତି ପ୍ରଭା ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଜିପିଇଓ ପତିତ ପାବନ ବିଷୋୟୀ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ଦୁର୍ଯ୍ୟୋଧନ ଜାନୀ, ପିଏ ସୁଦର୍ଶନ ବେହେରାଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀ, ୭ଟି ପଞ୍ଚାୟତର ସରପଞ୍ଚ ଓ ୮ଟି ପଞ୍ଚାୟତର ସମିତି ସଭ୍ୟ ଓ ସଭ୍ୟା ଯୋଗ ଦେଇଥିଲେ।

## ୨ଟି ବ୍ଲକ୍‌ର ସଂଯୋଗୀକରଣ କୃଷ୍ଣ-ସେତୁ ଏବେ ବିପଦପୂର୍ଣ୍ଣ

ଭଦ୍ରକ, ୧୦/୯ (ହି.ସ.) - ଏହି ଜିଲାର ଭଣ୍ଡାରିପୋଖରୀ ଆଉ ବନ୍ତ ବ୍ଲକ୍‌କୁ ସଂଯୋଗ କରୁଥିବା କୃଷ୍ଣ ସେତୁ ଏବେ ବିପଦ ସଂକୁଳ ଅବସ୍ଥାରେ। ଏହି ସେତୁରେ ଲଗାଯାଉଥିବା ନାମ ଫଳକ ମଧ୍ୟ ନଦୀଗର୍ଭକୁ ଖସିଯାଇଛି, କେବେଠୁଁ। ୨ ପାଖର ୱିଙ୍ଗ୍ ୱାଲ ଦବିଯାଇ ଥିବାରୁ କ୍ରମଶଃ ମାଟି ଆସିବାକୁ ଆରମ୍ଭ କରିଛି। ବ୍ରିଜ୍ ଉପରର ସାଇଡ୍ ୱାଲ୍ ମଧ୍ୟ ଭାଙ୍ଗିବାକୁ ଆରମ୍ଭ କଲାଣି। ନିହାତି ଭାବରେ ରେବ ନଈ ଉପରେ ୨୦୦୧ ମସିହାରେ ନିର୍ମିତ ଏହି ସେତୁର ମରାମତି ବା ହେପାଜତ ଆବଶ୍ୟକ କରୁଛି। ବିମ୍ବଳବର ଗ୍ରାମରୁ ସେତୁ ଓ ସେତୁ ଠାରୁ ଦଣ୍ଡୋ ଗ୍ରାମ ଯାଏ ଥିବା ରାସ୍ତା ସଂପୂର୍ଣ୍ଣ ଖାଲୁଆ ଏବଂ ବ୍ୟବହାର ଅନୁପଯୋଗୀ ରହୁଥିବା ବେଳେ ପ୍ରତିବର୍ଷ ବର୍ଷାଦିନେ ଓ ବନ୍ୟା ସମୟରେ ଏହା ଜଳାର୍ଣ୍ଣବ ହେବା ସହିତ ଯୋଗାଯୋଗ ବିଚ୍ଛିନ୍ନ କରାଇଥାଏ। ଗୋଟିଏ ପାର୍ଶ୍ୱରେ ଭଣ୍ଡାରିପୋଖରୀ ବ୍ଲକ୍ ଅଧୀନସ୍ଥ ସାନ ଶାସନ ପଂଚାୟତର ବିମ୍ବଳବର ଗ୍ରାମ ଓ ଅପରପାର୍ଶ୍ୱରେ ବନ୍ତ ବ୍ଲକ୍‌ର ଦଣ୍ଡୋ ଗ୍ରାମ ରହିଅଛି। ଗୋଟିଏ ପାର୍ଶ୍ୱରେ ମଂଜୁରୀ ରୋଡ ଓ ଭଣ୍ଡାରିପୋଖରୀ ବ୍ଲକ୍ ହେଡ୍ କ୍ୱାର୍ଟର୍ସ୍ ଥିବାବେଳେ ଅନ୍ୟ ପାର୍ଶ୍ୱରେ କେନ୍ଦୁଆପଦା ରେଳଷ୍ଟେସନ, ବନ୍ତ ବ୍ଲକ୍ ଓ ଭଦ୍ରକ ଜିଲା ହେଡ୍ କ୍ୱାର୍ଟର ରହିଅଛି। ତେଣୁ ଏହି ରାସ୍ତାରେ ବହୁ ସଂଖ୍ୟାରେ ୨ ଚକିଆ ଯାନବାହନ ଆଦି ଏବଂ ଲୋକମାନେ ଯାତାୟତ ପାଇଁ ନିର୍ଭର କରୁଥିବାର ଏହା ଉପରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲ ଓ ସାଧାରଣରେ ଦାବୀ ହୋଇଛି।

## କରୋନା କଟକଣା ନିୟମ ମଧ୍ୟରେ ମନ୍ଦିର ଓ ଧର୍ମାନୁଷ୍ଠାନ : ଖୋଲିବାକୁ ଧାରଣାରେ ସେବାୟତ



ବାରିପଦା,୧୦ା୯ (ନି.ପ୍ର): କରୋନା କଟକଣା ନିୟମ ମଧ୍ୟରେ ମନ୍ଦିର ଓ ଧର୍ମାନୁଷ୍ଠାନ ମାନ ଖୋଲିବାକୁ ରାଜ୍ୟ ସେବାୟତ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ଜଣାଇବା ପରେ ଏବେ ସମୂହ ଧାରଣାରେ ବସିଛନ୍ତି ସେବାୟତ ମାନେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ପ୍ରତ୍ୟେକ ମନ୍ଦିରର ସେବାୟତ ନିଜ ଅଂଚଳର ମନ୍ଦିର ସମ୍ମୁଖରେ ରାଜ୍ୟ ସରକାର ମନ୍ଦିର ଖୋଲିବାର ଅନୁମତି ନଦେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ୯ ଘଟିକା ଠାରୁ ଦିବା ୧୨ ଘଟିକା ପର୍ଯ୍ୟନ୍ତ ଧାରଣା ଦେବା ଆରମ୍ଭ କରିଛନ୍ତି। ମହାମାରୀ କରୋନା କଟକଣା ମଧ୍ୟରେ ମନ୍ଦିର ଖୋଲିବାକୁ ନେଇ ଓଡିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ଆହୂତ ଆନ୍ଦୋଳନ ଡ଼ାକରା କ୍ରମେ ବାରିପଦା ସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ଜଗନ୍ନାଥ ମନ୍ଦିରର ସେବାୟତ ମାନେ ମଧ୍ୟ ଧାରଣା ଦେଇଛନ୍ତି। ମନ୍ଦିର ଖୋଲା ନହେବା ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୯ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ମନ୍ଦିର ସମ୍ମୁଖରେ ସମସ୍ତ ସେବାୟତ ଅନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଜଣାଯାଇଛି। ଦୀର୍ଘ ଦିନ ଧରି ଭକ୍ତମାନଙ୍କୁ ମନ୍ଦିରକୁ ପ୍ରବେଶ ନିଷେଧ କରିଥିବାରୁ ସେବାୟତମାନେ ପାଉଥିବା ଦାନ ଦକ୍ଷିଣାରୁ ବଂଚିତ ରହିଛନ୍ତି। ଏହି ଅର୍ଥରେ ସେମାନେ ପରିବାର ଭରଣ ପୋଷଣ କରୁଥିବା ବେଳେ ୫ମାସ ଧରି ତାଙ୍କ ପ୍ରତି ସରକାର ନିର୍ଦ୍ଦୟ ରହିଛନ୍ତି ବୋଲି ସେବାୟତ ମାନେ କହିଛନ୍ତି।

## କ୍ଷେତ୍ର ପରିଦର୍ଶନ ସହ କୋଭିଡ୍-୧୯ର ପ୍ରତିରୋଧ ପଦକ୍ଷେପର ତଦାରଖ କଲେ ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ସଚିବ : ଶ୍ରମଭିତିକ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ

କେନ୍ଦୁଝର,୧୦ା୯ (ନି.ପ୍ର): ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ଶାସନ ସଚିବ ତଥା କେନ୍ଦୁଝର ଜିଲ୍ଲା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଫିସର ସୁରେନ୍ଦ୍ର କୁମାର କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ ତରଫରୁ କୋଭିଡ୍-୧୯ ର ପ୍ରତିରୋଧ ପାଇଁ ନିଆଯାଇଥିବା ପଦକ୍ଷେପର ତଦାରଖ କରିଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ଶ୍ରମଭିତିକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରମୁଖ ଶାସନ ସଚିବ ଶ୍ରୀ କୁମାର ହରିଚନ୍ଦନପୁର ବ୍ଲକ୍ ଗସ୍ତ କରି ମନରେଗା ଯୋଜନା ଅର୍ନ୍ତଗତ କାର୍ଯ୍ୟକ୍ରମ ତଦାରଖ କରିବା ସହିତ ଶଗଡ଼ପଟା ଗ୍ରାମ ପଚାଂୟତ ଅର୍ନ୍ତଗତ ବିଲା ପ୍ରାଥମିକ ବିଦ୍ୟାଳୟଠାରୁ ଢୋଲପିଟା ଗ୍ରାମ ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତା କାର୍ଯ୍ୟ ତଦାରଖ କରିଥିଲେ। ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ସହ ବାର୍ତ୍ତାଳପ କରି ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସେଠାରୁ ଭଗାମୁଣ୍ଡା ଗ୍ରାମ ପଚାଂୟତ ଗସ୍ତ କରି କୋଭିଡ୍ କେୟାର୍ ହୋମ୍ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ଏବଂ ପରିଚାଳନା ତଦାରଖ କରିଥିଲେ। ସେଠାରେ କୋଭିଡ୍ ଯୋଦ୍ଧା ଡାକ୍ତର, ପାରା ମେଡିକାଲ ଷ୍ଟାଫ୍, ନର୍ସ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କ ସହ କୋଭିଡ୍ କେୟାର ହୋମ୍‌ର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରମୁଖ ଶାସନ ସଚିବଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ଏହାପରେ ପ୍ରମୁଖ ଶାସନ ସଚିବ ଶ୍ରୀ କୁମାର ଜିଲ୍ଲା ସଦର ମହକୁମା ସର୍କିଟ୍ ହାଉସ୍‌ଠାରେ କେନ୍ଦୁଝର ଜିଲ୍ଲାରେ ମହାମାରୀ କରୋନାର ପ୍ରତିରୋଧ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଉଥିବା ପଦକ୍ଷେପ ଏବଂ ଶ୍ରମ ଭିତିକ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକରେ ପାୱାର ପଏଂଟ ପ୍ରେଜେଂଟେସନ୍ ମାଧ୍ୟମରେ କୋଭିଡ୍-୧୯ ପରିଚାଳନା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ବର୍ତ୍ତମାନ କୋଭିଡ୍-୧୯ର ସ୍ଥିତି, ଆକ୍ରାନ୍ତ ସଂଖ୍ୟା, ଆରୋଗ୍ୟ ସଂଖ୍ୟା, ଚିକିତ୍ସାଧିନ ରୋଗୀଙ୍କ ସଂଖ୍ୟା, ମୃତ୍ୟୁ ସଂଖ୍ୟା ସମ୍ପର୍କରେ ବ୍ଲକ୍‌ୱାରୀ ପ୍ରମୁଖ ଶାସନ ସଚିବ ସମୀକ୍ଷା କରିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲାରେ ସ୍ଥାପନ କରାଯାଇଥିବା କୋଭିଡ୍ କେୟାର ହସ୍‌ପିଟାଲ, କୋଭିଡ୍ କେୟାର ସେଂଟର ଓ କୋଭିଡ୍ କେୟାର ହୋମ୍‌ର ସ୍ଥିତି ଓ ଶଯ୍ୟା ସଂଖ୍ୟା ତଥା ପରିଚାଳନା ସମ୍ପର୍କରେ ସମୀକ୍ଷା କରି କଂଟାକ୍ଟ ଟ୍ରେସିଂ ଓ ଟେଷ୍ଟିଂକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କୋଭିଡ୍ ଇନ୍‌ସେନ୍‌ଟିଭ୍ ପ୍ରଦାନ ସମ୍ପର୍କରେ ସମୀକ୍ଷା କରି ଶତପ୍ରତିଶତ କୋଭିଡ୍ ଇନ୍‌ସେନ୍‌ଟିଭ୍ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କୋଭିଡ୍ ବିରୁଦ୍ଧରେ ଲଢେଇ ପାଇଁ ଆବଶ୍ୟକୀୟ ବ୍ୟବସ୍ଥାଗତ କାର୍ଯ୍ୟ ନିମନ୍ତେ ସହଯୋଗ ଓ ସହାୟତା ଡିଏମ୍‌ଏଫ୍ ତରଫରୁ କରାଯାଉଛି ବୋଲି ଜିଲ୍ଲାପାଳ ଅବଗତ କରାଇଥିଲେ। ବର୍ତ୍ତମାନର ପରିପ୍ରେକ୍ଷିରେ ଜୀବନ ସହ ଜୀବିକାର ସୁରକ୍ଷା ପାଇଁ ଶ୍ରମ ଭିତିକ କାର୍ଯ୍ୟକ୍ରମର ଗୁରୁତ୍ୱ ବଢିଯାଇଛି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ କୁମାର କହିଥିଲେ ଏବଂ ଏ ଦିଗରେ ଲାଇନ୍ ଡିପାର୍ଟମେଂଟମାନେ ସକରାତ୍ମକ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜରିଆରେ କିପରି ଶ୍ରମ ଭିତିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି ସେ ସମ୍ପର୍କରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ ପାୱାର ପଏଂଟ ପ୍ରେଜେଂଟେସନ୍ ମାଧ୍ୟମରେ ବ୍ଲକ୍‌ୱାରୀ ତଥ୍ୟ ଉପସ୍ଥାପନ କରିଥିଲେ। କିପରି ଅଧିକ ଲୋକଙ୍କୁ ଜବ୍ କାର୍ଡ ପ୍ରଦାନ କରାଯିବ ଏବଂ ସବୁ ଗାଁରେ କାମ ସୃଷ୍ଟି କରାଯାଇ ଅଧିକ ଲୋକଙ୍କୁ କାମ ଦିଆଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ କୁମାର ନିର୍ଦ୍ଦେଶ ଦେଇଥିଲେ। ମନରେଗା ଯୋଜନା ଜରିଆରେ ଉଦ୍ୟାନ ବିଭାଗ ତରଫରୁ ହାତକୁ ନିଆଯାଇଥିବା ଶ୍ରମ ଭିତିକ କାର୍ଯ୍ୟକ୍ରମ, ଆମ୍ବ ଏବଂ କାଜୁ ଚାରା ରୋପଣ ସହିତ ଶ୍ରମ ଦିବସ ସୃଷ୍ଟି, ଧାର୍ଯ୍ୟ ଲକ୍ଷ୍ୟ ହାସଲ ସମ୍ପର୍କରେ ସମୀକ୍ଷା କରିଥିଲେ। କୃଷି ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରମୁଖ ଶାସନ ସଚିବ ସମୀକ୍ଷା କରି ବର୍ତ୍ତମାନ ଚାଷର ସ୍ଥିତି, ବିହନ ଯୋଗାଣ ଏବଂ ସାର ଯୋଗାଣ ସମ୍ପର୍କରେ ସମୀକ୍ଷା କରିଥିଲେ। ସାର କଳା ବଜାରୀ କରୁଥିବା ୬ଜଣ ଘରୋଇ ଡିଲର୍‌ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ସାର ଯୋଗାଣ କ୍ଷେତ୍ରରେ ଅନିୟମିତତା ପ୍ରଦର୍ଶନ କରିଥିବା ଲ୍ୟାମ୍ପସ୍/ପାକ୍ସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ଅବଗତ କରାଇଥିଲେ। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶଙ୍କ ସମେତ ଡିପିଏମ୍ ଦିଲୀପ ଦୁବେ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶରତ ଚନ୍ଦ୍ର ଦାଶ, ଉପ ନିର୍ଦ୍ଦେଶକ ଉଦ୍ୟାନ ଓମ୍‌ପ୍ରକାଶ ରଥ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ୍, ଆସିଷ୍ଟାଂଟ କଲେକ୍ଟର କିରଣ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଧାମନଗର କୋଭିଡ କେୟାର ସେଣ୍ଟରରେ ଅବ୍ୟବସ୍ଥା ଅଭିଯୋଗ:ବିଡିଓ କରୋନା ସଂକ୍ରମିତ

ଭଦ୍ରକ, ୯ ସେପ୍ଟେମ୍ବର (ହି.ସ.) - କରୋନା ଏବେ ମହାମାରୀର ରୂପ ନେଲାଣି । ହେଲେ ସରକାର ଲୋକଙ୍କ ଆର୍ଥିକ ପରିସ୍ଥିତିକୁ ଲକ୍ଷ୍ୟ କରି କରୋନା ଜନିତ କଟକଣା କୋହଳ କରିଛନ୍ତି । କିନ୍ତୁ କଟକଣା କୋହଳ ପରେ ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଥିବା ବେଳେ ଧାମନଗରର କେତେକ ଅମାନିଆ ଏହାକୁ ଫୁ କରିଚାଲିଛନ୍ତି । ସେଥିପାଇଁ ପ୍ରଶାସନିକ ସ୍ତରରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସେପରି ଆଉ ହେଉନି । ଫଳରେ ଧାମନଗର ଅଂଚଳରେ କ୍ରମଶଃ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଆଜି ଧାମନଗର ବିଡିଓ ମଧ୍ୟ ଏହି ଆକ୍ରାନ୍ତର ସ୍ୱୀକାର ହୋଇଛନ୍ତି । ସେହିପରି ଏନଏସି ଅଂଚଳରୁ ୨, ରାଧାବଲ୍ଲଭପୁର ପଂଚାୟତରୁ ୩, ଅସୁରାଳି ପଂଚାୟତରୁ ୩, ନଦୀଗାଁ ପଂଚାୟତରୁ ୧, ୟୁକୋ ବ୍ୟାଙ୍କର ଜଣେ କର୍ମଚାରୀ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଆଜିର ଆକ୍ରାନ୍ତକୁ ଲଗାଇ ବ୍ଲକରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୧୯ ଛୁଇଁଛି । ଧାମନଗରରୁ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କୁ ଭଦ୍ରକ ନଯାଇ ଏବେ ସେମାନେ ଧାମନଗରସ୍ଥିତ କୋଭିଡ କେୟାର ସେ ରରେ ରଖାଯାଉଛି । ହେଲେ ସେଠାରେ ଆକ୍ରାନ୍ତମାନେ ବିଭିନ୍ନ ଅବ୍ୟବସ୍ଥାର ସ୍ୱୀକାର ହେଉଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଆକ୍ରାନ୍ତଙ୍କୁ ମାସ୍କ ଓ ସାନିଟାଇଜ କି ଫିନାଇଲ ମିଳୁନଥିବା ବେଳେ ପରିବେଷକୁ ସଫା ସୁତରା କରାଯାଉନାହିଁ । ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏସମ୍ପର୍କରେ କୋଭିଡ କେୟାର ଦାୟିତ୍ୱରେ ଥିବା ସ୍ଥାନୀୟ ଏବିଡିଓ ସୁଶ୍ରୀ ଷର୍ମିଷ୍ଠା କହନ୍ତି, ମାସ୍କ ଦିଆଯାଉଛି ହେଲେ ସାନିଟାଇଜ ଆସିନଥିବାରୁ ଆକ୍ରାନ୍ତଙ୍କୁ ଦିଆଯାଇନାହିଁ। ତେବେ ତୁରନ୍ତ ସମସ୍ତ ସମସ୍ୟାର ସମାଧାନ କରାଯିବ ସହିତ ଉତମ ସେବା ଯୋଗାଇ ଦିଆଯାଉଛି ବୋଲି ପ୍ରକାଶ କରିଛନ୍ତି।

## ଅସହାୟ ଗରିବ କୃଷ୍ଣଚନ୍ଦ୍ରଙ୍କୁ ମିଳିଲା ସରକାରୀ ସହାୟତା

କନ୍ଧମାଳ,୧୦ା୯ (ନି.ପ୍ର): ଦିର୍ଘ ଦିନପରେ ବିଭିନ୍ନ ଗଣ ମାଧ୍ୟମରେ ପ୍ରସାର ହେବାପରେ କନ୍ଧମାଳ ଜିଲ୍ଲା କ.ନୁଆଗାଁ ବ୍ଲକର ବଣ୍ଡଗୁଡା ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କୁ ମିଳିଲା ସରକାରୀ ସହାୟତା । ତାଙ୍କର ଘରଟି ଗତ କିଛି ଦିନ ପୂର୍ବେ ହୋଇଥିବା ଲଘୁଚାପ ବର୍ଷାରେ ଭାଙ୍ଗି ଯାଇଥିଲା । ଫଳରେ ସେ ଏବଂ ତାଙ୍କ ପରିବାର ଲୋକେ ଗୋଟିଏ ପଲିଥିନ ତଳେ ଆଜି ପର୍ଯ୍ୟନ୍ତ ରହି ଆସୁଥିଲେ । ଏହି ସଂକ୍ରାନ୍ତରେ ବିଭିନ୍ନଖବର କାଗଜ ଓ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ଜିଲ୍ଲା ପ୍ରଶାସନ ତରଫରୁ କୃଷ୍ଣଚନ୍ଦ୍ରଙ୍କୁ ଜିଲ୍ଲା ପ୍ରଶାସନ ତରଫୁ କ.ନୁଆଗାଁ ତହସିଲଦାର ଶଶାଙ୍କ ଶେଖର ପାତ୍ର କୃଷ୍ଣଚନ୍ଦ୍ରଙ୍କ ପରିବାର ନିକଟରେ ପହଂଚି ତାଙ୍କୁ (୧,୦୫,୭୦୦/-) ଏକ ଲକ୍ଷ ପାଂଚ ହଜାର ସାତ ଶହ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି । ପ୍ରଶାସନର ଏହି ସହାୟତାରେ ସେହି ଅଂଚଳରେ ଏବଂ କୃଷ୍ଣଚନ୍ଦ୍ରଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଛି ।

## ରେଳ ଧାରଣାର ନିରୀକ୍ଷଣ ଓ ଜରୁରୀ ମରାମତି ପାଇଁ ସମ୍ବଲପୁର ମଣ୍ଡଳ ଦ୍ୱାରା ରେଳ ବାଇସାଇକେଲର ବ୍ୟବହାର

ସମ୍ବଲପୁର,୧୦ା୯ (ନି.ପ୍ର): ରେଳ ଧାରଣାର ନିରୀକ୍ଷଣ, ଯାଂଚ ଓ ମରାମତି କରିବା ପାଇଁ ଭାରତୀୟ ରେଳବାସୀ ଦ୍ୱାରା ଅଭିନବ ରେଳ ବାଇସାଇକେଲ ପରିକଳ୍ପନା କରାଯାଇଅଛି । ରେଳ ଧାରଣାରେ ଦୈନିକ ମରାମତି ପାଇଁ ରେଳ କର୍ମଚାରୀ ମାନଙ୍କୁ କାର୍ଯ୍ୟରେ ସହାୟକ ହେବ । ଏହି ରେଳ ବାଇସାଇକଲ ସମ୍ବଲପୁର ମଣ୍ଡଳର ସମ୍ବଲପୁର, ବଲାଙ୍ଗୀର, ସଇଁତଳା ପିଡବ୍ଲୁଆଇ ୟୁନିଟ୍ ଦ୍ୱାରା ତିଆରି କରାଯାଇଅଛି । ଏହି ରେଳ ବାଇସାଇକଲ ଗଠନ ହାଲୁକା ଏବଂ ବହୁତ ଉପଯୋଗୀ ଅଟେ ଏବଂ ଏହା ରେଳ ଧାରଣା, ପୋଲ ଏବଂ ଏହାର ନିକଟବର୍ତ୍ତୀ ଅଂଚଳ, ବେଙ୍କ ସ୍କିପର ସ୍ଥାନ, ରେନକଟ୍ ଆଦି ସ୍ଥାନ ପର୍ଯ୍ୟନ୍ତ ଶିଘ୍ର ପହଂଚିବ, ଯାହାକି ସଡ଼କ ମାର୍ଗରେ ନିକଟତର ନୁହେଁ । ଏହି ରେଳ ସାଇକେଲରେ ଦୁଇଜଣ ଯାଇପାରିବେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଶିଘ୍ର ଦୂର ସ୍ଥାନକୁ ପହଂଚିବା ପାଇଁ ମଧ୍ୟ ଉପଯୋଗୀ ହେବ । ଟ୍ରାକ୍ ମେନ୍ ମାନେ ମରାମତି ସ୍ଥାନକୁ ପାଦରେ ଚାଲି ଚାଲି ଯିବା ପରିବର୍ତ୍ତେ ଏହି ରେଳବାଇ ବାଇସାଇକଲ ବ୍ୟବହାର ଦ୍ୱାରା ମରାମତି ସ୍ଥାନକୁ ପହଂଚିବା ପାଇଁ ବହୁମୂଲ୍ୟ ସମୟ ସଂଚୟ ହୋଇଥାଏ । ଟ୍ରେନ୍ ପହଂଚିବା ପୂର୍ବରୁ ପ୍ରଥମେ ରେଳବାଇ ଟ୍ରାକ୍‌ର ଆକଳ୍ପ ଏବଂ ନିରୀକ୍ଷଣ କରିବା ତୀବ୍ର ଉପାୟ ଅଟେ । ବହୁତ ଶସ୍ତା ଏବଂ ଅଳ୍ପ ଖର୍ଚ୍ଚରେ ହୋଇଥିବା ଦୃଷ୍ଟିରୁ ରେଳ ସାଇକଲରେ ସମୟ ସଂଚୟ କରିବାରେ ଟ୍ରାକ୍ ମେନ ମାନଙ୍କର ଶାରୀରୀକ ପ୍ରୟାସ କମ୍ କରିବାରେ ଫଳପ୍ରଦ ହେବ ।

## ବଗଲା ଧର୍ମଶାଳା ବିକ୍ରି ବିରୁଦ୍ଧରେ ବିଜେପି ପକ୍ଷରୁ ବିକ୍ଷୋଭ ୧୯ ଦିନରେ ପହଂଚିଚି




ପୁରୀ,୧୦ା୯ (ନି.ପ୍ର): ବଗଲା ଧର୍ମଶାଳା ବିକ୍ରି ବିରୁଦ୍ଧରେ ବିଜେପି ପକ୍ଷରୁ ଚାଲିଥିବା ଆନ୍ଦୋଳନ ଆଜି ୧୯ ଦିନରେ ପହଂଚିଚି। ବହୁତ ଦିନ ଧରି ବଗଲା ଧର୍ମଶାଳା ସମ୍ମୁଖରେ ବଡଦାଣ୍ଡରେ ଧାରଣା ରେ ବସିବା ପରେ ମଧ୍ୟ ଗଣତାନ୍ତ୍ରିକ ପ୍ରକ୍ରିୟା କୁ ସମ୍ମାନ ଜଣାଇ ଜିଲାପାଳ ଆନ୍ଦୋଳନ କାରୀ ଙ୍କ ସହ କୌଣସି ଆଲୋଚନା କଲେନାହିଁ। ତେଣୁ ଆଜି ଜିଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୋଭିଡ୍ ନିୟମକୁ ମାନି ବିକ୍ଷୋଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ପ୍ରବକ୍ତା ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ, ପ୍ରଭଞ୍ଜନ ମହାପାତ୍ର, ବାଇଧର ମଲ୍ଲିକ, ଉମାକାନ୍ତ ନାୟକ, ଜୟନ୍ତ ଦାସ, ସୋମନାଥ ଖୁଂଟିଆ, ଦାଣ୍ଡ ମୁକୁନ୍ଦପୁର ସଭାପତି ସୁଧିର ବିଶ୍ୱାଳ, ପ୍ରଦୀପ ସାହୁ, ଦେବୀ ପ୍ରସାଦ ମଲ୍ଲିକ, ସୁକାନ୍ତ କୁମାର ଦାସ, ବାଉରୀ ବନ୍ଧୁ ସେଠୀ, ଶରତ କୁମାର ମହାନ୍ତି, ସଂଜୀବ କୁମାର ମୁଖାରଜୀ, ସୌମ୍ୟା ମିଶ୍ର, କମଳିନୀ ମହାପାତ୍ର, ଅନୀତା ପଟ୍ଟନାୟକ, ହରିହର ରଥ, ଅକ୍ଷୟ ମହାନ୍ତି, ଭବାନୀ ଦାଶ ମହାପାତ୍ର, ପ୍ରିୟଙ୍କା ମହାପାତ୍ର, ଲୀନା ମହାନ୍ତି, ବିଜୟ ପ୍ରଦାନ, ଅଜିତ ସାମନ୍ତରା, ସୁଶାନ୍ତ ପଟ୍ଟନାୟକ, ରାଜଶ୍ରୀ ଦୋରା, ସୁଦକ୍ଷା ପଣ୍ଡା ପ୍ରମୁଖ ଏହି ଆନ୍ଦୋଳନ ରେ ଯୋଗ ଦେଇଥିଲେ।

# ଡିଜିଟାଲ୍ ଡିଭାଇସ୍‌ର ବିପଦ



କରୋନା ଭୂତାଣୁ କାରଣରୁ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ଅଛି । ତେଣୁ ଅନ୍‌ଲାଇନ୍‌ରେ ଚାଲିଛି ପିଲାଙ୍କ ପାଠପଢ଼ା । ଦେଶ ବିଦେଶର ଅନେକ ସ୍କୁଲ ପୂରାପୂରି ରିମୋଟ ବା ହାଇବ୍ରିଡ୍ ଲର୍ଣ୍ଣିଂ ମଡେଲ ପ୍ରସ୍ତୁତ କଲେଣି । ଏଭଳି ପରିସ୍ଥିତିରେ ପିଲାଙ୍କ ସ୍କ୍ରିନିଂ ଟାଇମ୍ ବଢ଼ିବା ସୁନିଶ୍ଚିତ । ଅର୍ଥାତ୍ ସେମାନେ ସ୍ମାର୍ଟଫୋନ୍ ଓ ଲ୍ୟାପ୍‌ଟପ୍ ସ୍କିନ୍ ସାମ୍ନାରେ ଅଧିକରୁ ଅଧିକ ସମୟ ବିତାଇବେ । ଫଳରେ ବାପା, ମା' ପିଲାମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି ସେମାନଙ୍କ ଦୃଷ୍ଟିଶକ୍ତିକୁ ନେଇ ଚିନ୍ତିତ ହେଉଛନ୍ତି ।

ଗତ ମାର୍ଚ୍ଚ ମାସରେ ପିୟୁ ରିସର୍ଚ୍ଚ ସେଣ୍ଟରର ଏକ ସର୍ଭେରୁ ଜଣାପଡ଼ିଛି ଯେ ପିଲାଏ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ଓ କମ୍ପ୍ୟୁଟର ଆଦିରେ ଅଧିକ ସମୟ ବିତାଇବାକୁ ନେଇ ଅଧିକାଂଶ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି । ସ୍କ୍ରିନ୍ ସାମ୍ନାରେ ଅଧିକ ସମୟ ବିତାଇବା ଦ୍ୱାରା ମାନସିକ ଚାପ, ଥକାପଣ, ମୁଣ୍ଡବ୍ୟଥା ଭଳି ସମସ୍ୟା ଉପୁଜିଥାଏ । ତେବେ ପିଲାଙ୍କର ଏସବୁ ସମସ୍ୟା ଦୂର କରିବା ପାଇଁ ବିଶେଷଜ୍ଞମାନେ ଅଭିଭାବକଙ୍କୁ ସହଜ ଉପାୟ ବତାଇଛନ୍ତି । ଆସନ୍ତୁ ଜାଣିବା ସହଜ ଉପାୟଗୁଡ଼ିକ ବିଷୟରେ ।

**ଭାଇରସ୍‌ଠାରୁ ସୁରକ୍ଷିତ ଦୂରତା:**

ଅପ୍ଟୋମେରିଷ୍ଟ ଓ ଗ୍ଲୋବଲ୍ ମାୟୋପିଆ ଆୱାରନେସ୍ କୋଆଲିସନ୍‌ର ପ୍ରବକ୍ତା ଡା. ମିଲିସେଣ୍ଟ ନାଇଟ୍‌ଙ୍କ କହିବାନୁସାରେ, ସାଧାରଣତଃ ଆମେ ବହିକୁ ଆଖିଠାରୁ ୧୬ ଇଞ୍ଚ ଦୂରତାରେ ରଖି ପଢୁଥିଲୁ । ମାତ୍ର ବର୍ତ୍ତମାନ ଦେଖାଯାଉଛି, ଲୋକମାନେ ୧୦ରୁ ୧୨ ଇଞ୍ଚ ଦୂରତାରେ ପଢୁଛନ୍ତି । ବିଶେଷକରି ଯେଉଁମାନେ ଫୋନ୍ ଜରିଆରେ ପଢୁଛନ୍ତି ସେମାନେ ଏଭଳି କରୁଛନ୍ତି । ଏତିକି ଦୂରତାରେ ଆଖି ଆରାମ ବଦଳରେ ସ୍କ୍ରିନ୍ ଉପରେ ଫୋକସ୍ କରିଥାଏ । ଏହା ଦ୍ୱାରା କିଛି ସମୟ ପରେ ଆଖିର ମାଂସପେଶୀ ପ୍ରଭାବିତ ହୁଏ ଓ ଏହି କାରଣରୁ ମୁଣ୍ଡବ୍ୟଥା ଓ ଦେଖିବା ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୁଏ । ତେବେ ମାୟୋପିଆ (ନିକଟରେ ଥିବା ଜିନିଷ ସ୍ୱଷ୍ଟ ଦେଖିପାରିବା ଓ ଦୂରର ଜିନିଷ ଝାପ୍‌ସା ଦେଖାଯିବ) ଏବଂ ସ୍ମାର୍ଟଫୋନ୍, ଲାପ୍‌ଟପ୍ ଆଦିର ସ୍କ୍ରିନ୍ ବ୍ୟବହାର ମଧ୍ୟରେ କିଛି ସମ୍ପର୍କ ଥିବା କୌଣସି ରିସର୍ଚ୍ଚରୁ ଜଣାପଡ଼ିନାହିଁ । ଆମେରିକାନ୍ ଆପ୍ଟୋମେରିକ ଆସୋସିଏସନ୍‌ର ତଥ୍ୟ ଅନୁସାରେ, ୨୦୧୮ରେ ଚାରି ଜଣ ଅଭିଭାବକଙ୍କ ମଧ୍ୟରୁ ଜଣକର ସନ୍ତାନଙ୍କ ନିକଟରେ ମାୟୋପିଆ ସମସ୍ୟା ଥିଲା ।

**୨୦/୨୦/୨୦ ନିୟମ କ'ଣ?:**

ଡାକ୍ତର ନାଇଟ୍ ଅଭଭାବକ ଓ କେୟାରଟେକର୍ ବା ତତ୍ତ୍ୱାବଧାରକଙ୍କୁ ୨୦/୨୦/୨୦ ନିୟମ ଫଲୋ କରିବା ପାଇଁ ପରାମର୍ଶ ଦିଅନ୍ତି । ଏହାର ଅର୍ଥ ପ୍ରତି ୨୦ ମିନିଟରେ ଆପଣଙ୍କୁ ୨୦ ଫୁଟ ଦୂରତାକୁ କମ୍ ସେ କମ୍ ୨୦ ସେକେଣ୍ଡ ପର୍ଯ୍ୟନ୍ତ କୌଣସି ଜିନିଷକୁ ଦେଖିବା ଉଚିତ । ଏହା ଦ୍ୱାରା ଆଖିକୁ ଆରାମ ମିଳିଥାଏ ଏବଂ ଆଖି ନିଜର ପ୍ରାକୃତିକ ପୋଜିସନକୁ ଆସିପାରିଥାନ୍ତି । ନୀଳ ଆଲୋକ ରୋକିପାରୁଥିବା ଚଷମା ବ୍ୟତୀତ ମଝିରେ ମଝିରେ ବ୍ରେକ୍ ନେବା ଠିକ୍ ବୋଲି କହିଛନ୍ତି ଡାକ୍ତର ଲ୍ୟୁକ୍ । ସେ ଆହୁରି ମଧ କହିଛନ୍ତତି ଯେ, ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କ ପାଇଁ ଏଭଳି ଚଷମା ସମ୍ପର୍କରେ ପଚାରିଥାନ୍ତି । ମାତ୍ର ଏଭଳି ଚଷମା ବ୍ୟବହାର କରିବା ପାଇଁ ସେ କୌଣସି ଅଭିଭାବକଙ୍କୁ ପରାମର୍ଶ ଦିଅନ୍ତି ନାହିଁ । କାରଣ ଆଖି କ୍ଲାନ୍ତି ଦୂର କରିବା ପାଇଁ ଏହି ଚଷମା ଏକମାତ୍ର ଉପଯୋଗୀ । ଏହା ଆଜିଯାଏଁ ସ୍ୱଷ୍ଟ ଭାବରେ ପ୍ରମାଣିତ ହୋଇନାହିଁ । ଡାକ୍ତର ଲ୍ୟୁକ୍‌ଙ୍କ କହିବାନୁସାରେ, ଅଭିଭାବକ ପିଲାଙ୍କ ପାଇଁ ସନ୍‌ଗ୍ଲାସେସ୍ ବ୍ୟବହାର କରିବାକୁ ଉତ୍ସାହିତ କରିବା ଦରକାର । ଏହା ଦ୍ୱାରା ପିଲାଙ୍କ ଆଖିକୁ ଅଲ୍‌ଟ୍ରାଭାଓଲେଟ୍ କିରଣରୁ ରକ୍ଷା କରାଯାଇପାରେ ।

**ମାୟୋପିଆର ଚିକିତ୍ସା ଜରୁରୀ:**

ଯଦି ମାୟୋପିଆର ଚିକିତ୍ସା କରାନଯାଏ, ତା' ହେଲେ ତାହା ଭବିଷ୍ୟତରେ ମାୟୋପିକ ମ୍ୟାକ୍ୟୁଲର ଡିଜନରେସନ, ରେଟିନାଲ୍ ଡିଟାଚ୍‌ମେଣ୍ଟ, କ୍ୟାଟେରେକ୍ଟସ୍ ଏବଂ ଗ୍ଲୁକୋମା ଭଳି ଗମ୍ଭୀର ରୋଗର କାରଣ ହୋଇପାରେ ।

କରୋନା ଭାଇରସ୍ ଯୋଗୁ ଏଯାଏଁ ସ୍କୁଲ ଯାଇନାହାନ୍ତି ପିଲାଏ । ଅନ୍‌ଲାଇନ୍‌ରେ ସେମାନଙ୍କ ପାଠପଢ଼ା ଚାଲିଛି । ଫଳରେ ପିଲାଏ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ସାମ୍ନାରେ ଅଧିକରୁ ଅଧିକ ସମୟ ବିତାଉଛନ୍ତି । ଏହାଦ୍ୱାରା ପିଲାମାନେ ମୁଣ୍ଡବ୍ୟଥା, ଥକାପଣ, ଦୃଷ୍ଟି ସମସ୍ୟା ଭୋଗିବା ଆଶଙ୍କା ରହିଛି । ଏ ସମସ୍ୟାକୁ କିଭଳି ଦୂର କରାଯିବ ଜାଣିବା ଆସନ୍ତୁ ।

**ଦୁଇ ଫୁଟ ଦୂରତା ରକ୍ଷା:**

ଲସ୍‌ଏଞ୍ଜେଲ୍‌ସର ପିଡିଆଟ୍ରିକ୍ ଅପ୍‌ଥୋଲମୋଲଜିଷ୍ଟ ଡାକ୍ତର ଲ୍ୟୁକ ନାଇଟ୍‌ଙ୍କ କହିବାନୁସାରେ, ଡିଜିଟାଲ୍ ଡିଭାଇସ୍‌କୁ ଆଖି ଲେବଲଠାରୁ ଅତି କମ୍‌ରେ ଦୁଇ ଫୁଟ ଦୂରତାରେ ରଖିବା ଉଚିତ । ଏହି ଦୂରତା କମ୍ ହେଲେ ଇମେଜକୁ ସ୍ୱଷ୍ଟ ଦେଖିବା ପାଇଁ ଆମ ଆଖି ଫୋକସ୍ କରିବାରେ ଅସୁବିଧା ସାମ୍ନା କରିଥାଏ । ଏହା ଆଖି ଉପରେ ଅଯଥା ଚାପ ପକାଇବା ସହିତ ମାୟୋପିଆକୁ ବିଗାଡ଼ି ଦେବାର ଆଶଙ୍କା ରହିଛି । ସାଧାରଣତଃ ପିଲାମାନେ ଟେବୁଲ ଉପରେ କହୁଣୀ ରଖନ୍ତି ଓ ଦୁଇ ହାତକୁ ମୁଣ୍ଡର ଦୁଇପଟେ ରଖିଥାନ୍ତି । ଏହି ପୋଜିସନ୍‌ରେ ପିଲାଏ କହୁଣୀକୁ ଉଠାଇ ସ୍କ୍ରିନ୍‌କୁ ଛୁଇଁବା ଉଚିତ ବୋଲି ପରାମର୍ଶ ଦିଅନ୍ତି ଡାକ୍ତର ନାଇଟ୍ ।



**ସତର୍କ ରୁହନ୍ତି:**

ମୁଣ୍ଡବ୍ୟଥା, ଆଖିପତା ଅଧିକ ପକାଉଠା କରିବା, ଆଖି ମଳିବା ବା ପିଲାଏ ଥକିଯିବା ଭଳି ଅନୁଭବ କରିବା ଇତ୍ୟାଦି ସେମାଙ୍କ ବ୍ୟସ୍ତତାର ଲକ୍ଷଣ । ଡାକ୍ତର ଲ୍ୟୁକ୍‌ଙ୍କ ଅନୁସାରେ, ପିଲାଏ ସ୍ମାର୍ଟଫୋନ୍ ଲ୍ୟାପଟପ୍ ଆଦିରୁ ନିର୍ଗତ ତୀବ୍ର ଆଲୁଅରୁ ଦୂତା ରକ୍ଷା କରିବା ଜରୁରୀ । ଘରେ ଥିବାବେଳେ ସ୍କ୍ରିନ୍‌ର ବ୍ରାଇଟ୍‌ନେସ୍ ବା ଉଜ୍ଜ୍ୱଳତାକୁ କମ୍ ରଖିବା ଦରକାର । ଏହା ସହିତ ଡିଜଟାଲ୍ ଡିଭାଇସ୍‌ର ଅତ୍ୟଧିକ ବ୍ୟବହାର ନ କରିବାର ଭଲ । ଆଖି ଶୁଷ୍କ ଲାଗିବା ମଧ ଚିନ୍ତାର ବିଷୟ ।

ଡାକ୍ତରଙ୍କ କହିବାନୁସାରେ, ଲୋକମାନେ ଡିଭାଇସ୍‌ରେ ପଢ଼ନ୍ତି । ପ୍ରତି ମିନିଟ୍‌ରେ ସେମାନଙ୍କର ବ୍ଲିଙ୍କ୍ ରେଟ୍ (ଆଖିପତା ପକାଇବା, ଉଠାଇବା ହାର) ୫ରୁ ୧୦ ଥର କମ୍ ହୋଇଯାଏ । ଏହା ଆଖି ଶୁଖିଲା ହେବାର କାରଣ ହୋଇଥାଏ । ତେବେ ପିଲାଙ୍କ ଆଖି ବଡ଼ମାନଙ୍କ ଆଖି ଭଳି ଶୁଖିଯାଏ ନାହିଁ । ପିଲାଟି ସ୍କ୍ରିନ୍‌କୁ ଦେଖି ବାରମ୍ବାର ଆଖିପତତା ପକାଉଥିଲେ ହେଁ ସେମାନଙ୍କୁ ଏ ସମ୍ବନ୍ଧରେ ବାରମ୍ବାର ମନେପକାନ୍ତୁ ଓ ଏଭଳି କରିବାକୁ ଉତ୍ସାହିତ କରନ୍ତୁ । ଆପଣଙ୍କ ସତର୍କତା ହିଁ ସେମାନଙ୍କୁ ନାନା ସମସ୍ୟାରରୁ ମୁକ୍ତିଦେବାର ଏକମାତ୍ର ବାଟ ।





## କୃତ୍ରିମ ହସ ହସୁଛନ୍ତି କି ? ସାବଧାନ ରୁହନ୍ତୁ

ଯଦି କେବେ କାହାକୁ ଦେଖି ମନ ରଖିବା ପାଇଁ ବା କାହାକୁ ଖୁସି କରିବାକୁ କୃତ୍ରିମ ହସ ହସୁଛନ୍ତି, ତା' ହେଲେ ଜାଣି ରଖନ୍ତୁ ଯେ ଆପଣ ମସ୍ତବଡ଼ ଭୁଲ କରୁଛନ୍ତି । କାରଣ କୃତ୍ରିମ ହସ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି ଗବେଷକମାନେ ଏକ ସନ୍ଧାନରୁ ଜାଣିପାରିଛନ୍ତି । ଏହା ଦ୍ୱାରା ହାର୍ଟ ଉପରେ ପ୍ରଭାବ ପଡ଼ିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ବି ଦେଖାଦେଇଥାଏ । ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଜର୍ଣ୍ଣାଲ୍ ଅନୁସାରେ କୃତ୍ରିମ ହସ ହସୁଥିବା ଲୋକମାନଙ୍କ ଆୟୁ କମ୍ ହୋଇଥାଏ । ବସ୍, ଅଟୋରେ ଅଫିସ୍ କିମ୍ବା କୌଣରସି ବ୍ୟବସାୟିକ ଅନୁଷ୍ଠାନକୁ ଗଲେ ଆପଣଙ୍କୁ ଅଭିବାଦନ କରିବା ଅବସରରେ ଯେଉଁମାନେ କୃତ୍ରିମ ହସ ହସୁଛନ୍ତି, ସେମାନେ ଜାଣିନାହାନ୍ତି ଯେ ଏହା ସେମାନଙ୍କର ସ୍ୱାସ୍ଥ୍ୟ ପାଇଁ କେତେ ଖରାପ । ଏଣୁ ସବୁବେଳେ ସଜାଗ ରୁହନ୍ତୁ, କୃତ୍ରିମ ହସରୁ ଦୂରେଇ ରୁହନ୍ତୁ । ଯଦି ଆପଣ କାହାକୁ ଦେଖି ସ୍ମିତହାସ୍ୟ ଦେଉଛନ୍ତି, ସ୍ୱାଭାବିକ ଭାବେ ଦିଅନ୍ତୁ । ମାତ୍ର ବାଧ୍ୟବାଧକତାରେ ତାହା କରନ୍ତୁ ନାହିଁ ।



## ପ୍ରକୃତ ସୌନ୍ଦର୍ଯ୍ୟ ହୃଦୟରୁ ଦେଖାଯାଏ

ଶେହେନାଜ୍ ଗିଲ୍ ନିଜ ଫ୍ୟାନ୍‌ମାନଙ୍କୁ ବହୁତ ଭଲ ପାଇବା ସହିତ ସେମାନଙ୍କୁ ସରପ୍ରାଇଜ୍ ଦେବା ଲାଗି ଗୋଟିଏ ବି ସୁଯୋଗ ମିସ୍ କରନ୍ତିନି । ସେ ଫ୍ୟାନ୍‌ମାନଙ୍କ ସହିତ ପ୍ରାୟ ସମୟ ଲାଇଭ୍ ଚାଟ୍ କରିଥାନ୍ତି । ନିକଟରେ ଇନ୍‌ଷ୍ଟାଗ୍ରାମରେ



ତାଙ୍କର ଫଲୋଅର୍ସଙ୍କ ସଂଖ୍ୟା ୫ ମିଲିୟନରେ ପହଞ୍ଚିଛି । ଯେଉଁଥିପାଇଁ ସେ ଖୁସି ହୋଇ ଧନ୍ୟବାଦ ଜଣାଇବା ସହ ଏକ ସ୍ୱେଶିଆଲ୍ ଭିଡିଓ ମଧ ଶେୟାର କରିଥିଲେ । ନିକଟରେ ସେ କରିଥିବା ଫଟୋଶୁଟ୍ ଇନ୍‌ଷ୍ଟାରେ ଅପ୍‌ଲୋଡ କରିଥିଲେ । ଏହି ଫଟୋଗୁଡ଼ିକ ପାଇଁ ଶେହେନାଜ୍ ଏବେ ଚର୍ଚ୍ଚାରେ । ଏଥିରେ ସେ ଖୁବ୍ ସୁନ୍ଦର ମଧ ଦିଶୁଛନ୍ତି । ଫଟୋ ସହିତ ସେ ଏକ କ୍ୟାପସନ୍ ଲେଖିଛନ୍ତି । ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ସେ ଲେଖିଛନ୍ତି ଯେ, ମଣିଷର ପ୍ରକୃତିର ସୌନ୍ଦର୍ଯ୍ୟ କେବଳ ହୃଦୟରୁ ହିଁ ଦେଖାଯାଏ । କାହାକୁ ନିଜର ସୌନ୍ଦର୍ଯ୍ୟତା ଦେଖାଇବା ଦରକାର ନାହିଁ, ଯିଏ ତୁମର ହୋଇଥିବ ତମେ ତା' ପାଖରେ ସବୁବେଳେ ସୁନ୍ଦର ଦିଶିବ । ସୁନ୍ଦରତା ଦେଖାଇବା ପାଇଁ ସମ୍ପୂର୍ଣ୍ଣ ଡ୍ରେସ କିମ୍ବା ସର୍ଟ ଡ୍ରେସ ପିନ୍ଧିବାର ଆବଶ୍ୟକତା ନାହିଁ । ନିଜ ଭିତରେ ଥିବା ଆତ୍ମବିଶ୍ୱାସକୁ ଦୃଢ଼ କରିବା ଦରକାର । ନିଜ ରଙ୍ଗ, ସଂସ୍କୃତିକୁ ଚିହ୍ନିବା ଦରକାର । ତାକୁ ହିଁ ନିଜର ଷ୍ଟାଇଲ ବନାନ୍ତୁ । ତାଙ୍କର ସବୁ ଫଟୋ ଗୁଡ଼ିକୁ ଫ୍ୟାନମାନେ ଭୂରି ଭୂରି ପ୍ରଶଂସା କରିଛନ୍ତି । କେହି କେହି ତାଙ୍କୁ କମେଣ୍ଟରେ କୁଇନ୍ ବୋଲି ଲେଖିଛନ୍ତି ।

## ୫୧ ବର୍ଷରେ ମାଟ୍ରିକ୍ ପାସ୍

୫୧ ବର୍ଷରେ ମାଟ୍ରିକ ପାସ୍ କରିବା ପରେ ତେଲଙ୍ଗାନାର ମୋହମ୍ମଦ ନୁରୁଦ୍ଦିନଙ୍କ ଖୁସି କହିଲେ ନସରେ । ସତେ ଯେମିତି ଭଗବାନଙ୍କ ଆଶୀର୍ବାଦ ତାଙ୍କ ଉପରେ ଅଜାଡ଼ି ହୋଇଗଲା, ସେଇଭଳି ସେ ମନେ କରୁଛନ୍ତି । ମହାମାରୀ କରୋନାର ତାଣ୍ଡବ ବିଶ୍ୱାବାସୀଙ୍କୁ କଲବମଲ କରିଚାଲିଥିବାବେଳେ ଏହା ନୁରୁଦ୍ଦିନଙ୍କ ଲାଗି ଖୁସି ଆଣିଦେଇଛି । ଦୀର୍ଘ ୩୩ ବର୍ଷ ଧରି ସେ ମାଟ୍ରିକ ପରୀକ୍ଷା ଦେଇ ବିଫଳ ହୋଇଆସୁଥିଲେ । ମନରେ ଅବ୍‌ସୋସ୍ ରହିଗଲା ବୋଲି ସେ ଭାବୁଥିଲେ । ହାଇଦ୍ରାବାଦରେ ରହୁଥିବା ଏହି ବ୍ୟକ୍ତି ୧୯୮୭ରେ ମୁସିରାବାଦସ୍ଥିତ ଅଞ୍ଜୁମାନ ବୟେଜ୍ ହାଇସ୍କୁଲରେର ପଢୁଥିଲେ । ସେଇବର୍ଷ ସେ ପ୍ରଥମେ ମାଟ୍ରିକ ପରୀକ୍ଷା ଦେଇ ବିଫଳ ହୋଇଥିଲେ । ଇଂଲିଶ୍‌ରେ



ଦୁର୍ବଳତା ଯୋଗୁ ସେ ବାରମ୍ବାର ଫେଲ୍ ହୋଇଆସୁଥିଲେ । ଦୀର୍ଘ ୩୩ ବର୍ଷ ଏମିତି ନିରାଶ ହୋଇ ପରୀକ୍ଷାରେର ଫେଲ ହେଉଥିଲେ । ଏଥର କିନ୍ତୁ କରୋନା ଯୋଗୁ ତେଲଙ୍ଗାନା ସରକାର ବିନା ପରୀକ୍ଷାରେ ସବୁ ଛାତ୍ରଛାତ୍ରୀଙ୍କୁ ପାସ୍ କରିବା ଲାଗି ଘୋଷଣା କରିଥିଲେ । ନୁରୁଦ୍ଦିନଙ୍କ ଆନନ୍ଦ କହିଲେ ନସରେର । ୩୩ ବର୍ଷ ପରେ ମାଟ୍ରିକ ପାସ୍ କରିଥିବାରୁ ସେ ଭଗବାନଙ୍କୁ ମୁଣ୍ଡିଆ ମାରିବା ସହ ନିଜକୁ ଧନ୍ୟ ମନେକରିଛନ୍ତି । ଉର୍ଦ୍ଦୁ ମିଡିୟମରେ ପାଠ ପଢୁଥିବା ନୁରୁଦ୍ଦିନ ଇଂଲିଶ୍‌ରେ ଦୁର୍ବଳ ଥିଲେ ହେଁ ଯେମିତି ବି ହେଲେ ମାଟ୍ରିକ ପାସ୍ କରିବା ଲାଗି ଜିଦ୍ ଧରିଥିଲେ । ବହୁ ଥର ପାସ୍ ପାଖାପାଖି ମାର୍କ ରହୁଥିଲେ ହେଁ ତାଙ୍କୁ ବିଫଳ ହେବାକୁ ପଡୁଥିଲା । ଭଉଣୀ ଇଂଲିଶ୍ ମିଡିୟମ୍‌ରେ ବି.କମ୍ ପାସ୍ କରିଥିବା ବେଳେ ସବୁବେଳେ ସହଯୋଗ କରିଆସୁଥିଲେ ବୋଲି କହିଛନ୍ତି ୪ ସନ୍ତାନର ବାପା ନୁରୁଦ୍ଦିନ । ୧୯୯୦ରୁ ଜଣେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିବା ନୁରୁଦ୍ଦିନ ଜଣେ ପୋଲିସ କିମ୍ବା ରେଲୱେ ଚାକିରି କରିବା ଲାଗି ଆଶା ରଖିଥିଲେ । ହେଲେ ମଣିଷ ପରିସ୍ଥିତିର ଦାସ । ପୂର୍ବରୁ ଏଭଳି ସ୍ଥିତି ଆସିଥିଲେ ହୁଏତ କେବେଠାରୁ ମାଟ୍ରିକ ପାସ୍ କରିସାରିଥାନ୍ତେ ବୋଲି କହିଛନ୍ତି ସେ । ଏବେ ତାଙ୍କୁ ମାସିକ ୮ ହଜାର ଟଙ୍କାରେ ପରିବାର ପ୍ରତିପୋଷଣ କରିବାକୁ ପଡୁଛି । ୧୯୯୪ରେ ବିବାହ କରିସାରିବା ପରେ ପରୀକ୍ଷା ଦେବା ଲାଗି ତାଙ୍କୁ ଲଜ୍ଜାବୋଧ ହୋଇଥିଲା । ଅନେକ ସାଙ୍ଗ ତାଙ୍କୁ ଏଥିଲାଗି ବିଭିନ୍ନ କମେଣ୍ଟ ମଧ କରୁଥିଲେ । ହେଲେ ସେ ସବୁକୁ ଅଣଦେଖା କରି ପରୀକ୍ଷାରେ ଭଲକରିବା ଲାଗି ଚେଷ୍ଟା କରୁଥିଲେ । ଶେଷରେ ସଫଳ ହୋଇଥିବା କହିଛନ୍ତି ନୁରୁଦ୍ଦିନ । ସ୍ଥାନୀୟ ଆଟ୍ଟାପୁର ଅଞ୍ଚଳରେ ଗରିବ ପିଲାମାନଙ୍କ ଲାଗି ସେ ଏକ ମଦ୍ରାସା ଖୋଲିଥିବା ପ୍ରକାଶ କରିଛନ୍ତି ।

## ୱାଟର କ୍ୟାନନ ସାଲ୍ୟୁଟ୍

ଯୁଦ୍ଧବିମାନ ରାଫାଲ ଭାରତରେ ପହଞ୍ଚିବା ପରେ ଅମ୍ବାଲା ଏୟାରବେସ୍‌ରେ 'ୱାଟର କ୍ୟାନନ ସାଲ୍ୟୁଟ' ପ୍ରଦାନ କରାଯାଇଥିଲା । ସାରା ପୃଥିବୀରେ ବିମାନକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ପରମ୍ପରା ପ୍ରଚଳିତ ।



ବାଦବିବାଦ, ଆଶାଆଶଙ୍କା ଭିତରେ ଲଢୁଆ ଯୁଦ୍ଧବିମାନ 'ରାଫାଲ' । ୭୦୦୦ କିଲୋମିଟର ଦୀର୍ଘପଥ ଅତିକ୍ରମ କରି ଏହି ବିମାନ ଭାରତୀୟ ବାୟୁସେନାର ଅମ୍ବାଲା ଏୟାରବେସ୍‌ରେ ପହଞ୍ଚିଥିଲା । 'ରାଫାଲ'ର ଉପସ୍ଥିତି ବାୟୁସେନାର ଶକ୍ତିବୃଦ୍ଧି କରିଥିବା ବେଳେ 'ୱାଟର କ୍ୟାନନ ସାଲ୍ୟୁଟ୍' ବା 'ଜଳ ସଲାମି' ସହ ଏହାକୁ ସ୍ୱାଗତ କରାଯାଇଥିଲା ।

ଅମ୍ବାଲା ଏୟାରବେସ୍‌ରେ ଅବତରଣ କରିବା ପରେ ଗେଟ୍ ନିକଟରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସ୍ୱତନ୍ତ୍ର ଉପକରଣ ସହାୟତାରେ ପାଣିର ଏକ ସ୍ରୋତ ସୃଷ୍ଟି କରିଥିଲେ । ଆକାଶରେ ଏହି ଜଳସ୍ରୋତ ଅର୍ଦ୍ଧୟ ବୃତ୍ତାକାର ଆକାର ଧାରଣ କରିବା ପରେ ବିମାନଟି ଏହା ମଧ ଦେଇ ଗତି କରିଥିଲା । ଅନେକ ସମୟରେ ୱାଟର ସ୍ୟାଲୁଟ୍ ସମୟରେ ଫାଣି ଫୁଆରା ଇନ୍ଦ୍ରଧନୁ ସୃଷ୍ଟି କରି ଆକର୍ଷଣୀୟ ଦେଖାଯାଇଥାଏ । ସାଧାରଣତଃ ସିନିୟର ପାଇଲଟ୍, ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କ ଅବସର, ଏୟାରପୋର୍ଟରେ କୌଣସି ଏୟାରଲାଇନ୍ସର ପ୍ରଥମ କିମ୍ବା ଶେଷ ଉଡାଣ, ସ୍ୱତନ୍ତ୍ର ଏୟାରକ୍ରଫ୍ଟର ପ୍ରଥମ କିମ୍ବା ଶେଷ ଉଡାଣ ଏବଂ କୌଣସି ସ୍ମୃତିକୁ ରୋମନ୍ଥନ କରିବା ମୁହୂର୍ତ୍ତରେ 'ୱାଟର କ୍ୟାନନ ସାଲ୍ୟୁଟ' ଦିଆଯାଇଥାଏ । ଏହା ଏବେ ବାୟୁସେନାର ପରମ୍ପରା ପାଲଟିଯାଇଛି । ତେଣୁ ଯେତେବେଳେ ବି ଏକ ନୂଆ ବିମାନ ବାୟୁସେନା ସ୍କ୍ୱାଡ୍ରେନ୍‌ରେ ସାମିଲ ହୁଏ ତାକୁ 'ୱାଟର କ୍ୟାନନ ସାଲ୍ୟୁଟ୍' ଦିଆଯାଇଥାଏ । ଗତ ଜାନୁଆରରୀରେ ତାଞ୍ଜୋରରେ ସୁଖୋଇ-୩୦ ଏମ୍‌କେଆର ଯୁଦ୍ଧଦବିମାନରେ ବ୍ରହ୍ମୋସ୍ ମିଶାଇଲ ଖଞ୍ଜାଯିବା ପରେ ଏହାର ମାରକ କ୍ଷମତତା ବୃଦ୍ଧି ପାଇଥିଲା । ଏହି ସମୟରେ ମଧ ସୁଖୋଇକୁ 'ୱାଟର କ୍ୟାନନ ସାଲ୍ୟୁଟ୍' ସହ ସମ୍ମାନିତ କରାଯାଇଥିଲା । ଏଥିପୂର୍ବରୁ ୨୦୧୯ରେ ବାୟୁସେନାରୁ 'ମିଗ୍-୨୭'କୁ ବିଦାୟ କରାଯାଇଥିଲା । ସୂଚନାଯୋଗ୍ୟ, 'ମିଗ୍-୨୭' ଭାରତୀୟ ବାୟୁସେନାରେ ଦୀର୍ଘ ୩୪ ବର୍ଷ ଧରି ସେବା ଯୋଗାଇ ଆସୁଥିଲା । କେବଳ ଭାରତ ନୁହେଁ ଆମେରିକା, ଚାଇନା, ବ୍ରିଟେନ ସମେତ ଅନ୍ୟ ଦେଶରେର ମଧ 'ୱାଟର କ୍ୟାନନ ସାଲ୍ୟୁଟ୍' ପରମ୍ପରା ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ୨୦୧୬ରେ ପ୍ରଥମ ଥର ପାଇଁ ସରକାରୀ ଭାବେ ବିମାନରେ ବସିଥିଲେ । ଏହି ସମୟରେ ତାଙ୍କୁ ମଧ 'ୱାଟର କ୍ୟାନନ ସାଲ୍ୟୁଟ୍' ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହି ଜଳ ସଲାମି ଜାହାଜକୁ ମଧ ଦିଆଯାଇଥାଏ । ସମୁଦ୍ରରେ 'ୱାଟର କ୍ୟାନନ ସାଲ୍ୟୁଟ୍' ପାଇଁ ବୋଟ ସହାୟତାରେର ପାଣି ଛଡ଼ାଯାଇଥାଏ । ଜାହାଜରେ ପ୍ରଥମ ଏବଂ ଅନ୍ତିମ ଯାତ୍ରା ସମୟରେ ହେଉଥିବା ସମାରୋହରେ ମୁଖ୍ୟତଃ ଏପରି ସମ୍ମାନ ପ୍ରଦାନ କରାଯିବା ପରମ୍ପରା ରହିଛି । ବିଶେଷଜ୍ଞଙ୍କ କହିବା କଥା, ଏପରି ସମ୍ମାନ ପ୍ରଥମେ ନୌସେନାରେ ଆରମ୍ଭ ହୋଇଥିଲା । ଏହାପରେ ବାୟୁସେନା, ସ୍ଥଳସେନାଠାରୁ ଆରମ୍ଭ କରି ବିମାନ ଯାଏ ପହଞ୍ଚିଛି ।

## କରୋନା ଭୟ ଦୂର କରିବ ହରର୍ ସୋ'

ସାରା ବିଶ୍ୱରେ ଏବେ କରୋନା ଭାଇରସ୍‌ର ଭୟ ଜାରି ରହିଛି । ଏହା ଯୋଗୁଁ ଲୋକଙ୍କ ବଞ୍ଚିବାର ଶୈଳୀରେ ପରିବର୍ତ୍ତନ ହୋଇଛି । ତଥାପି ମଧ ଲୋକଙ୍କ ମନରୁ ଏଥିଜନିତ ଚାପ କମୁନାହିଁ । ଏପରିସ୍ଥଳେ ଲୋକଙ୍କର ମାନସିକ ସ୍ଥିତିକୁ ଟିକେ ହାଲ୍‌କା କରିବା ଲାଗି ଜାପାନର ଏକ ଗ୍ରୁପ୍ ପକ୍ଷରୁ ଏକ ଅଜବ ଉପାୟ ଚିନ୍ତା କରାଯାଇଛି । ହରର୍ ସୋ' ମାଧ୍ୟମରେ ଲୋକଙ୍କ ମନରୁ ଭୟ ଦୂର କରିବା ଲାଗି ଗ୍ରୁପ୍ ଲକ୍ଷ୍ୟ ରଖିଚି । ଲୋକଙ୍କୁ ଏଥିଲାଗି କଫିନ୍ ଭଳି ଏକ ବଡ଼ା କାଠ ବାକ୍ସ (ପ୍ରାୟ ସାଢ଼େ ୬ ଫୁଟ ଲମ୍ବା) ମଧ୍ୟରେ ଭର୍ତ୍ତି କରାଯିବ । ସେହି ଅବସ୍ଥାରେ ତାଙ୍କୁ ଭୟାନକ କାହାଣୀ ଶୁଣାଯିବ । ହରର୍ ଫିଲ୍ମର ଦୃଶ୍ୟ ଭଳି କିଛି ଅଭିନେତା ତାଙ୍କ ଚାରିପଟେ ଅଭିନୟ କରିବେ । ଏପରିକି ସେମାନେ ତାଙ୍କ ତଣ୍ଟି ଚିପିବାକୁ ଆସୁଥିବା ସେ ଅନୁଭବ କରିବେ । ଏପରି କାର୍ଯ୍ୟ ପଚର ଉଦ୍ଦେଶ୍ୟ ହେଲା ଲୋକମାନେ ଏହାଦ୍ୱାରା ଭୟଭୀତ ହୋଇ ପାଟି କରିବେ । ଫଳରେ ସେମାନଙ୍କର ମାନସିକ ଚାପ କିଛିଟା କମିଯିବ । ଚଳିତ ସପ୍ତାହ ଶେଷରେ ଟୋକିଓରେ ଏହି ସୋ' ଆରମ୍ଭ ହେବାକୁ ଆଉଛି । ଏ ସଂପର୍କରେ ପ୍ରଡକ୍ସନ୍ କଂପାନି କୋୱାଗସେଟାଇର ସଂଯୋଜକ କେଣ୍ଟା ଇୱାନା କହିଛନ୍ତି, 'ଏହି ମହାମାରୀ ସମୟରେ ବହୁ ଲୋକ ମାନସିକ ଚାପର ଶିକାର ହୋଇଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅସମ୍ଭାଳ କରୋନା...

ସମଗ୍ର ବିଶ୍ୱରେ ଚହଳ ପକାଇ ଦେଇଥିବା କରୋନା ଭୂତାଣୁ ସଂକ୍ରମଣ ହୁ ହୁ ହୋଇ ବ୍ୟାପିବାରେ ଲାଗିଛି । କେତେବେଳେ ସଂକ୍ରମଣର ମାତ୍ରା ଊଣା ହେବାର ନାମ ଧରୁନାହିଁ । ଚୀନ୍‌ର ଉହାନ୍ ପ୍ରଦେଶର ନିର୍ଦ୍ଦିଷ୍ଟ ପରୀକ୍ଷାଗାରରୁ କରୋନା ଭୂତାଣୁ ବାହାରିବା ପରେ ତାହା ଗୋଟେଅଧେ ନୁହେଁ, ବିଶ୍ୱ ୨୧୩ଟି ଦେଶକୁ ମାଡ଼ି ଚାଲିଲା । ଯେଉଁ ମାତ୍ରାରେ ଓ ଯେତେ ବେଗରେ ଭୂତାଣୁ ବ୍ୟାପି ଚାଲିଛି, ତାହାର ଏମିତିରେ କେବେ ଅନ୍ତଘଟିବ, କେହି କହିପାରିବେ ନାହିଁ । ବିଶ୍ୱବାସୀଙ୍କୁ ଥରହର କରି ରଖିଥିବା କୋଭିଡ୍ ସଂକ୍ରମଣ ରୋକାଯିବାକୁ କିଛି ତୁରନ୍ତ ପ୍ରତିଷେଧକ ବାହାରିନଥିବାରୁ ସମସ୍ତ ଭିତରେ ଆତଙ୍କ ଲାଗି ରହିବା ସ୍ୱାଭାବିକ । ଅଧିକାଂଶ ଦେଶରେ ଆମ ଭଳି ସାମାଜିକ ଦୂରତ୍ୱ, ହାତଧୁଆ ଓ ମୁଖାପିନ୍ଧା ଭଳି ଉପଚାର ପାଇଁ ଜନସଚେତନତା ସୃଷ୍ଟିରେ ବିଳମ୍ବ ହେତୁ ସଂକ୍ରମଣର କ୍ଷୀପ୍ରତା ରୋକାଯାଇ ପାରିନଥିବା କୁହାଯାଉଛି । ତେବେ ଅଶ୍ରୁତପୂର୍ବ ସଂକ୍ରମଣ ନେଇ ଲୋକମାନଙ୍କ ଭିତରେ ସଚେତନତା ଆମ ଦେଶରେ ସଂକ୍ରମଣର ପରିବ୍ୟାପ୍ତିକୁ କିଛିମାତ୍ରାରେ ରୋକାଯାଇ ପାରିଛି ବୋଲି ଆତ୍ମସନ୍ତୁଷ୍ଟି ଥିଲା, ହୁଏତ ତାହା ମିଳେଇ ଯିବାର ଆଶଙ୍କା ଦେଖାଗଲାଣି । ଅଗଷ୍ଟ ମାସରେ ସଂକ୍ରମଣ ଯେଉଁଭଳି ପିକ୍‌ରେ ଥିଲା, ତାହା ଶୀଘ୍ର ଫ୍ଲାଟ୍ ହୋଇଯିବ ବୋଲି ଆଶା ଓ ଅନୁମାନ ଥିଲା । କିନ୍ତୁ ଏବେ ସେପ୍ଟେମ୍ବର ମଧ୍ୟଭାଗକୁ ଅଗ୍ରସର ହେବାବେଳକୁ ଦେଖାଯାଉଛି ତାହା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଆମେରିକା ଓ ବ୍ରାଜିଲ ଆଗ-ପଛ କ୍ରମିକରେ ଥିଲେ । କିନ୍ତୁ ଆମ ଦେଶ ଏହା ମଧ୍ୟରେ ଦ୍ୱିତୀୟ ସ୍ଥାନକୁ ଚାଲିଯାଇଛି । ହିସାବରୁ ଜଣାଯାଇଛି, ଦିନକ ତଳେ ସଂକ୍ରମଣର ମାତ୍ରା ୪୦ ଲକ୍ଷକୁ ପାର୍ କରିସାରିଥିଲା । ପୁଣି ନବେ ହଜାର ନୂଆ ରୋଗୀଙ୍କର ସାମିଲ ଫଳରେ ଏହି ସଂଖ୍ୟାର ଆହୁରି ବଢ଼ିଯିବ ବୋଲି ଆଶଙ୍କା ରହୁଛି । ଏହି କେତେଦିନ ହେଲା, କିଛି ଜାଗାରେ ଆରୋଗ୍ୟ ହୋଇଥିବା କରୋନା ପୀଡ଼ିତଙ୍କଠାରେ ପୁଣି ପଜିଟିଭ ଲକ୍ଷଣ ଦେଖାଯିବାର ସୂଚିତ ହେଉଛି । ଏହାର ଅର୍ଥ ହୋଇପାରେ ଭୂତାଣୁ ସଂକ୍ରମଣର ପୂରା ମୂଳପୋଛ ହୋଇପାରିବ, ସେମିତି କୁହାଯାଇପାରୁନି । ହୋଇପାରେ ଆରୋଗ୍ୟ ହାରରେ ଜାତୀୟ ହାର ୭୭.୩% କୁ ବୃଦ୍ଧି ପାଇଲାଣି । ସେହି ଅନୁପାତରେ ସଂକ୍ରମଣ ହାରରେ ଊଣା ନହେଉଥିବାରୁ ସମସ୍ତଙ୍କ ଭିତରେ ଆଶଙ୍କା ଉଙ୍କିମାରୁଛି ଯେ, ଚଳିତ ମାସରେ ଶୀର୍ଷବିନ୍ଦୁ ଛୁଇଁବାର ଆଶଙ୍କ ଅଧିକ ହୋଇପାରେ । ମାତ୍ର ସାତ ଦିନରେ ଭାରତରେ ୨୪,୩୫୬ ଜଣଙ୍କୁ ସଂକ୍ରମଣ ହୋଇଛି । ବ୍ରାଜିଲ ଅତିକ୍ରମ କରି ଏବେ ଆମେରିକା ପଛକୁ ଭାରତ ପହଞ୍ଚି ସାରିଲାଣି । ଶୀର୍ଷବିନ୍ଦୁ ଛୁଇଁବାକୁ ବେଶୀ ସମୟ ଲାଗିନପାରେ ବୋଲି ଆଶଙ୍କା ଉଙ୍କି ମାରୁଛି । ବ୍ରାଜିଲ, ସ୍ପେନ୍, ଚୀନ୍ ଭଳି ଦେଶରେ ସଂକ୍ରମଣ ଓ ମୃତ୍ୟୁ ହାର ଭାରତଠାରୁ ଏବେ ଊଣା ରହିଛି । ଯଦି ଆମେରିକାରେ ସଂକ୍ରମଣ ରୋକାଯିବା ପ୍ରକ୍ରିୟାରେ ରୋକ୍ ଲଗାଯାଇ ପାରୁଛି ଏବଂ ଭାରତ ସେହି ମାତ୍ରାରେ ଅଗ୍ରସର ହୋଇନପାରୁଛି; କାହିଁକି ଜନସଂଖ୍ୟା ଅନୁପାତରେ ସଂକ୍ରମଣ ଓ ମୃତ୍ୟୁ ହାର ବଢ଼ିଯିବନି, କିଏ କହିପାରେ । ଦେଶ ତଥା ରାଜ୍ୟରେ କରୋନା ସଂକ୍ରମଣ ନେଇ ଜାଗରୁକତା ଦେଖାଯାଉଛି । ପ୍ରଶାସନ ତାହାର ଦାୟିତ୍ୱ ନିର୍ବାହ କରୁଛି ସତ, ହେଲେ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ବ୍ୟବସ୍ଥା ବାଦ୍ କୋଭିଡ୍ ହସ୍ପିଟାଲଗୁଡ଼ିକ ଖୋଲାଯାଇ ବିଶେଷ ଚିକିତ୍ସା କରାଯାଉଛି । ହେଲେ ଏଥିସକାଶେ ସ୍ୱତନ୍ତ୍ର ଚିକିତ୍ସା ନେଇ ଆମ ଦେଶରେ କିଛି ବିଶେଷ ଜ୍ଞାନକୌଶଳ ହାସଲ କରିଥିବା ମାନବ ସମ୍ବଳ ପର୍ଯ୍ୟାପ୍ତ ନାହିଁ । ସେହି ଦୁର୍ବଳତାକୁ କାଟି କିଭଳି ଉତ୍ପନ୍ନ ସଙ୍କଟର ମୁକାବିଲା କରିହେବ, ତାହା ଦେଖାଯିବା କଥା । ଯଦି ସେଥିରେ ଆମେ ସଫଳକାମୀ ନହେବା, କେତେବେଳେ ଭାରତ ସଂକ୍ରମଣର ଶୀର୍ଷବିନ୍ଦୁ ଛୁଇଁସାରିଥିବ, ତାହା କୁହାଯାଇନପାରେ । ମାତ୍ର ଭାରତ ସରକାର ଏ ବାବଦରେ ଶୀଘାତିଶୀଘ୍ର ପଦକ୍ଷେପ ନେବାରେ କିଛି ଢିଲା କରୁଛନ୍ତି ବୋଲି କହିହେବ ନାହିଁ । ଯେମିତି ଭାରତକୁ ମଧୁମେହର ରାଜଧାନୀ ବୋଲି ଆଖ୍ୟାୟିତ କରାଯାଉଛି, ସେମିତି ଦିନ ଆସିବ କରୋନା ସଂକ୍ରମଣ ନେଇ ସଚେତନତାକୁ ଆୟୁଧ କରି କେମିତି ମହାଭୂତାଣୁର ବ୍ୟାପ୍ତିକୁ ଅଟକାଯାଇ ପାରିବ, ତାହା ସମସ୍ତଙ୍କ ପାଇଁ ମହାଚିନ୍ତାର ବିଷୟ ହୋଇ ରହିଥିବା ନିଶ୍ଚିତ । ଅବସ୍ଥା ଦେଖି ବ୍ୟବସ୍ଥା କରାନଗଲେ ନେଡ଼ି ଗୁଡ଼ କହୁଣିକୁ ବୋହିଯିବା ସାର ।




## ଧରଣୀ ମାଆ..

**ପ୍ରଶାନ୍ତ କୁମାର ନାଥ**

ଧରଣୀ ମାଆକୁ ସଜେଇବା ଚାଲ
ସବୁଜ ରଙ୍ଗରେ ଆଜି
ଗୋଟିଗୋଟି କରି ପୋତି ଦେବା ଗଛ
ଆମେ ତା' ସନ୍ତାନ ସାଜି ।

ବଞ୍ଚିବା ପାଇଁକି ରାହା ସେ ଯୋଗାଏ
ଦିଏ ପୁଣି ଖାଦ୍ୟ ପେୟ
ନିଜକୁ ନିଜେ ହେଁ ବଡଭାବି ଏବେ
କରୁଅଛୁ ତାକୁ ହେୟ ।

ଫୁଲ ଫଳ ନାହିଁ ବାସି ମହକିବ
ଗଛ ନାହିଁ ଦେବ ଛାଇ
ଶବ୍ଦ ପ୍ରଦୂଷଣ ବାୟୁ ପ୍ରଦୂଷିତ
ହୋଇଯାଏ ଆମ ପାଇଁ ।

ଅମ୍ଳଜାନ ପାଇଁ ଡହଳ ବିକଳ
ଯାହାତ ଗଛରୁ ମିଳେ
ଗଛକାଟି ଆମେ ଖୁଜୁଥିଲେ ଯେତେ
ମିଳିବନି କାଳେ କାଳେ ।

ଧରଣୀ ମାଆର ସନ୍ତାନ ସେ ଗଛ
ତା'କୋଳୁ ଛଡେଇ ନେଉ
ହସଖୁସିଭରା ସନ୍ତାନକୁ ତା'ର
ଆମେ ଜୀବନ୍ୟାସ ଦେଉ ।

ଗଛ ଅଟେ ପରା ଭାରି ଉପକାରୀ
ମାନବ ପ୍ରାଣର ବନ୍ଧୁ
ଗଛ ବଞ୍ଚିଥିଲେ ଆମକୁ ଦେବ ସେ
କାହିଁ କେତେ ସୁଖ ସିନ୍ଧୁ ।

+ ସୁନ୍ଦରପୁର, ଉତ୍ତର କୂଳହାଟ୍, ପ୍ରୀତିପୁର, ଯାଜପୁର ।
ମୋ- ୦୮୮୯୨୩୦୧୧୪୩

# ବରେଣ୍ୟ ଆଧ୍ୟାତ୍ମିକ ଯୋଦ୍ଧା ସ୍ୱାମୀଜୀପ୍ରତି

**ବିପିନ ବିହାରୀ ମହାନ୍ତ**

ଯୁଝିବା ଅର୍ଥରେ ଯୋଦ୍ଧା। କାର୍ଯ୍ୟ ଓ କାରଣକୁ ନେଇ ଯୋଦ୍ଧା ମାନଙ୍କୁ ଶ୍ରେଣୀ ଭୁକ୍ତ କରାଯାଇଥାଏ। ଯୋଦ୍ଧାର କର୍ତ୍ତବ୍ୟ ହିଁ ସଂଗ୍ରାମ କରିବା । ସେ ଜୀବନ ସଂଗ୍ରାମ ହୋଇପାରେ; ହୋଇପାରେ ରାଜନୈତିକ ସଂଗ୍ରାମ , ଆଧ୍ୟାତ୍ମିକ ସଂଗ୍ରାମ ଅଥବା ସେମିତି କିଛି। ସଂଗ୍ରାମ ପାଇଁ ଯୋଦ୍ଧାର ବଳ ଦରକାର। ସେ ବାହୁବଳ ହୋଇପାରେ; ହୋଇପାରେ ଅସ୍ତ୍ର ବା ଶସ୍ତ୍ର ବଳ; ମନୋବଳ; କଳବଳ; କୌଶଳବଳ; ମାନସିକ ବଳ ଅଥବା ଆଧ୍ୟାତ୍ମିକ ବଳ ଇତ୍ୟାଦି ହୋଇପାରେ। ବଳକୁ ଆଧାର କରି ସ୍ୱାମୀ ବିବେକାନନ୍ଦଙ୍କ ପରି କେହି ଆଧ୍ୟାତ୍ମିକ ଯୋଦ୍ଧା, ଗାନ୍ଧିଙ୍କ ପରି କେହି ନିରସ୍ତ୍ର ଯୋଦ୍ଧାତ, କେହି ନେତାଜୀଙ୍କ ପରି ପ୍ରଚଣ୍ଡ ଦେଶପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀ ଯୋଦ୍ଧା ହୋଇପାରନ୍ତି। ଏମାନଙ୍କ ଉଦ୍ଦେଶ୍ୟ ଥିଲା ଗୋଟିଏ ଅଥଚ ସାଧନାର ମାର୍ଗଥିଲା ନିଆରା।

ସ୍ୱାମୀ ବିବେକାନନ୍ଦ , ଗାନ୍ଧି ଏବଂ ନେତାଜୀ ଏମାନେ ସମସ୍ତେ ମହାନ୍ ଦେଶପ୍ରେମୀ, ସମସ୍ତେ ପରାଧୀନ ଭାରତର ମୁକ୍ତି କାମନା କରୁଥିଲେ ଏବଂ ବିଶ୍ୱ ଦରବାରରେ ଭାରତର ପରମ୍ପରା, ଧର୍ମ ଏବଂ ଐତିହ୍ୟକୁ ନେଇ ସ୍ୱତନ୍ତ୍ର ସ୍ଥାନ ଦାବୀ କରୁଥିଲେ ଓ ସେହି ଅର୍ଥରେ ଲଢୁଥିଲେ।

ସ୍ୱାମୀ ବିବେକାନନ୍ଦ, ସଂକ୍ଷେପରେ ସ୍ୱାମୀଜୀ, ଥିଲେ ଜଣେ ଆଧ୍ୟାତ୍ମିକ ଯୋଦ୍ଧା, ସଂଗଠକ ଏବଂ ସ୍ୱଦେଶ ପ୍ରେମୀ। ତାଙ୍କ ବାଲ୍ୟକାଳର ନାମ ଥିଲା ନରେନ୍ଦ୍ରନାଥ ଦତ୍ତ । ତାଙ୍କ ପିତାଙ୍କ ନାମ ଥିଲା ବିଶ୍ୱନାଥ ଦତ୍ତ ଏବଂ ମା' ଥିଲେ ଭୁବନେଶ୍ୱରୀ। ଏହିମାନଙ୍କ କୋଳରେ ନରେନ୍ଦ୍ରନାଥ ଜନ୍ମ ନେଲେ ୧୨ ଜାନୁୟାରୀ ୧୮୬୩ ମସିହାରେ ଏକ ସୋମବାର ବାସରେ। ତାଙ୍କ ପିତା ତଥା ତାଙ୍କର ପୂର୍ବ ପୁରୁଷ ଥିଲେ ସମ୍ଭ୍ରାନ୍ତ , ଧର୍ମ ପ୍ରାଣ ତଥା କଳା ଓ ସଂଗୀତ ପ୍ରେମୀ । ଏମାନଙ୍କର ପ୍ରଭାବ ନିଶ୍ଚିତ ଭାବରେ ନରେନ୍ଦ୍ର ନାଥଙ୍କ ଉପରେ ପଡିଛି।

ଯଥାରୀତି ବାଲ୍ୟଶିକ୍ଷା ଶେଷହୁଏ । ୧୮୬୧ ମସିହା ନଭେମ୍ବର ମାସ। ସେତେବେଳେ ତାଙ୍କୁ ୧୮ବର୍ଷ ଏବଂ ସେ ଏଫ୍.ଏ ପରୀକ୍ଷା ଦେବାକୁ ପ୍ରସ୍ତୁତି ହେଉଥାଆନ୍ତି, ଯେତେବେଳେ ତାଙ୍କ ଗାଁ ଶିମୁଳିଆ ନିକଟରେ ଏକ ସଭାରେ ଶ୍ରୀ ରାମ କୃଷ୍ଣଦେବଙ୍କ ସହ ତାଙ୍କର ଦେଖାହୁଏ। ସେଠାକୁ ନରେନ୍ଦ୍ରଙ୍କୁ ଗୀତ ଗାଇବାକୁ ଡକାଯାଇଥାଏ। ସେଇଠି ପ୍ରଥମ କରି ସଂପର୍କ ସ୍ଥାପନ ହୁଏ ଶ୍ରୀରାମକୃଷ୍ଣ ଦେବଙ୍କ ସହିତ ; ବଢ଼େ ଆତ୍ମୀୟତା ଏବଂ ପରବର୍ତ୍ତୀ ସମୟରେ ସେ ପାଲଟି ଯାଆନ୍ତି ତାଙ୍କ ଭକ୍ତ, ପଟ୍ଟଶିଷ୍ୟ, ଅନ୍ୟ ପକ୍ଷରେ ମା'କାଳୀଙ୍କ ଭକ୍ତ। ଦୀକ୍ଷୀତ ହୁଅନ୍ତି ସନ୍ନ୍ୟାସ ଧର୍ମରେ। ପରିବର୍ତ୍ତିତ ହୁଏ ନାମ। ନାମିତ ହୁଅନ୍ତି ଭିନ୍ନ ନାମେ: ସ୍ୱାମୀ ବିବେକାନନ୍ଦ।

ଏହି ସ୍ୱାମୀ ବିବେକାନନ୍ଦ ଥିଲେ ଜଣେ ପ୍ରଚଣ୍ଡ ଦେଶପ୍ରେମୀ ଏବଂ ଆଧ୍ୟାତ୍ମିକ ଯୋଦ୍ଧା। ପାଶ୍ଚାତ୍ୟ ସଭ୍ୟତାକୁ ଭଲ ବୋଲି କହିବାକୁ ଭୟଙ୍କର ଭାବେ ଘୃଣା କରୁଥିଲେ ସେ ଏବଂ ତାଙ୍କ ଦାସତ୍ୱରୁ ମୁକ୍ତି ନେବାକୁ ଆହ୍ୱାନ ଖାଲି ଦେଉନଥିଲେ ବରଂ ଗୁରୁଗର୍ଜନ କରି କହୁଥିଲେ: "ହେ ଭାରତ! ଏହି ପରାନୁବାଦ, ପରାନୁକରଣ, ପରମମୁଖାପେକ୍ଷିତା, ଏହି ଦାସ ସୁଲଭ ଦୁର୍ବଳତା, ଏହି ଘୃଣିତ ଜଘନ୍ୟ ନିଷ୍ଠୁରତା,- ଏହି ସମ୍ବଳରେ କ'ଣ ତୁମେ ଉଚ୍ଚାଧିକାର ଲାଭ କରିବ? ଏହି ଲଜ୍ଜାକର କାପୁରୁଷତା ସହାୟତାରେ ତୁମେ ବୀର ଭୋଗ୍ୟ ସ୍ୱାଧୀନତା ଲାଭ କରିବ?"

ଯେଉଁ ସମୟରେ ପାଶ୍ଚାତ୍ୟ ଜଗତର ଦେଶମାନେ ଭାରତୀୟ ଧର୍ମଧାରା, ସଂସ୍କୃତି ଏବଂ ଆଦର୍ଶକୁ ହୀନ ଏବଂ ଭିନ୍ନ ଦୃଷ୍ଟିରେ ବିଚାରୁଥିଲେ ଏବଂ ଭାରତର ସନାତନ ଧର୍ମକୁ କୁସଂସ୍କାର ପୂର୍ଣ୍ଣ ବୋଲି କହୁଥିଲେ, ସେ ସେହି ଅସମୟରେ ଭାରତୀୟ ଧର୍ମ ଓ ସଂସ୍କୃତିର ମହିମା ଓ ଯଶ ଗାନକୁ ଉଦାର କଣ୍ଠରେ ଘୋଷଣା କରି ବିଶ୍ୱ ଦରବାରରେ ନିଜ ପ୍ରିୟ ଜନ୍ମଭୂମିକୁ ଗୌରବମୟ ଉଚ୍ଚାସନରେ ଅଧିଷ୍ଠିତ କରାଇଥିଲେ ସେ ଏବଂ ଭାରତୀୟମାନଙ୍କୁ ଜାଗୃତିର ସନ୍ଧାନ ଦେଇ ନିଜ ଜାତି ପ୍ରାଣରେ ଆତ୍ମବିଶ୍ୱାସ, ଦେଶପ୍ରେମ, ମାନବପ୍ରେମ, ତ୍ୟାଗ ଓ ସେବାରେ ପ୍ରେରଣା ଯୋଗାଇ ଜାତିକୁ ପ୍ରାଣବନ୍ତ କରି ଏ ଜାତିର ଗତିକୁ ପ୍ରଗତିରେ ପରିଣତ କରାଇ ଯେଉଁ ସ୍ପୃହା ସୃଷ୍ଟି କରାଇଛନ୍ତି, ତାହା କ୍ରମବର୍ଦ୍ଧିତ , କ୍ରମ ବିସ୍ତୃତ ଏବଂ ସୁଦୂର ପ୍ରସାରୀ ନିଶ୍ଚିତ।

ଭାରତକୁ ବିଶ୍ୱଦରବାରରେ ଉପସ୍ଥାପିତ ଏବଂ ପ୍ରତିଷ୍ଠିତ କରିବାରେ ତଥା ଭାରତ ସଂପର୍କରେ ପାଶ୍ଚାତ୍ୟ ଜଗତର ସମସ୍ତ ଭ୍ରମ ଧାରଣାକୁ ଦୂର କରିବାରେ ଚିକାଗୋର "କଲମ୍ବସ୍ ହଲରେ" ଧର୍ମମହାସଭା ଥିଲା ସ୍ୱାମୀଙ୍କ ପାଇଁ ଏକ ଅପରାଜୟ ବିରାଟ କୃତିତ୍ୱ ଯାହା ବିଶ୍ୱାବସୀଙ୍କୁ ଖାଲି ଚମକାଇ ଦେଇନଥିଲା, ସେମାନଙ୍କ ହୃଦୟକୁ ଦୋହଲାଇ ଦେଇ ସମଗ୍ର ବିଶ୍ୱର ସମସ୍ତ ଧର୍ମର ଉର୍ଦ୍ଧ୍ୱରେ ଛିଡ଼ା କରାଇ ଭାରତ ଆଡ଼କୁ ସେମାନଙ୍କ ଦୃଷ୍ଟିକୁ ଆକର୍ଷଣ କରାଇ ଦେଇଥିଲା।

ସ୍ୱାମୀ ଜୀ ଥିଲେ ବିଶ୍ୱପ୍ରେମୀ । ବିଶ୍ୱପ୍ରେମର ସଲିଳ ସିଂଚନ କରିଦେଲେ ଚିକାଗୋ ଧର୍ମ ମହାସଭାରେ । କହିଗଲେ: ସବୁଜାତି, ସବୁଧର୍ମ ମନୁଷ୍ୟକୁ ନିଜର ଭାଇ ବୋଲି ଭାବନ୍ତୁ ଏବଂ ଅନ୍ୟକୁ ଭାବିବାକୁ ଶିଖାନ୍ତୁ। ହତାଶ ମଣିଷ ପାଇଁ ଆଶାର ବାଣୀ ଶୁଣାଇ ସଭିଙ୍କ ଅନ୍ତରରେ ଅସୀମ ଶକ୍ତି, ଅପାର ଜ୍ଞାନ ଓ ଅଗାଧପ୍ରେମ ଭରିଗଲେ; ଏବଂ ଏହାର ବିକାଶ କଲ୍ପେ ଅଭୟ, ଆନନ୍ଦମୟ ଓ ଅମୃତସ୍ୱରୂପ ହୋଇ ଯା ବୋଲି କହିଗଲେ।

ତାଙ୍କ ଦେଶପ୍ରେମର ପଟାନ୍ତର ନାହିଁ। ତାଙ୍କରି ଭାଷାରେ କହିଲେ: ଦେଶର ବିକାଶ ଲାଗି ଯଦି ନରକର ଯାତ୍ରୀ ହେବାକୁ ପଡେ, ତାହାହିଁ ମୋ ପକ୍ଷରେ ଶ୍ରେୟ। ୧୬ ଡିସେମ୍ବର ୧୮୯୬ରେ ଇଂଲଣ୍ଡରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ବେଳେ ଶ୍ରୀ ଓ ଶ୍ରୀମତୀ ସେଭିୟାରଙ୍କୁ ସେ କହିଥିଲେ: ବର୍ତ୍ତମାନ ମୋର ଏକ ମାତ୍ର ଚିନ୍ତା ମୋ ଭାରତ; ମୋ ମାତୃଭୂମି: Now I have but one thought and that is India. I am looking forward to India.

ସେହି ବିଦାୟ ବେଳରେ କେହି ଜଣେ ପଚାରିଲେ: ସ୍ୱାମୀଜୀ, ଆପଣ ଆପଣଙ୍କ ମାତୃଭୂମିକୁ କେମିତି ଦେଖନ୍ତି? ଏଠି ଚାରିବର୍ଷ ବିଳାସୀ ଜୀବନ କଟାଇଲେ ପରେ ଭାରତ କ'ଣ ଆପଣଙ୍କୁ ଭଲ ଲାଗିବ?

ସେ ଉତ୍ତରରେ କହିଥିଲେ ଭାରତକୁ ମୁଁ ଭଲ ପାଉଥିଲି ଯାହା କେଇଦିନ ପାଇଁ ତାକୁ ଛାଡି ଆସିଥିଲି। ବର୍ତ୍ତମାନ ତା'ର ପ୍ରତିଟି ଧୂଳିକଣିକା ମୋ ପାଇଁ ପବିତ୍ରମାଟି। ଏହା ମୋର ପବିତ୍ର ଭୂମି, ତୀର୍ଥ ଯାତ୍ରାର ଭୂମି; ମୋ ତୀର୍ଥ କ୍ଷେତ୍ର। India I loved before I came away. Now the very dust of India has become holy to me. It is now the holy Land-the Place of Pilgrimage, the Tirtha. ବୋଧହୁଏ ତାଙ୍କ ଦେଶପ୍ରେମ ସଂପର୍କରେ ଏତିକି କହଲେ ଯଥେଷ୍ଟ ହେବ।

ମଣିଷ ଦେହରେ ଅମଣିଷ ପଣିଆ ଦେଖି ସେ କହିଛନ୍ତି: ଗୋଟିଏ ମଣିଷ ଯଦି ତିଆରି ହୋଇପାରେ, ତାହାହେଲେ ଲକ୍ଷ ବକ୍ତୃତାର କାର୍ଯ୍ୟସାଧିତ ହେବ। ମନୁଷ୍ୟ ହିଁ ଆବଶ୍ୟକ, କେବଳ ମନୁଷ୍ୟ ଆବଶ୍ୟକ ଆଉ ସବୁକିଛି ସମ୍ଭବ। ବୀର୍ଯ୍ୟବାନ, ସଂପୂର୍ଣ୍ଣ ଅକପଟ, ତେଜସ୍ୱୀ ,ବିଶ୍ୱାସୀ ଯୁବଗୋଷ୍ଠୀର ଏଥିପାଇଁ ପ୍ରୟୋଜନ ଅଛି।

ତାଙ୍କ ମତରେ କେବଳ ଯୁବଗୋଷ୍ଠୀ ଏ ବିଶ୍ୱକୁ ସମ୍ଭାଳି ପାରିବେ। ତାଙ୍କ ଚେତନ ଶକ୍ତିକୁ ଜାଗ୍ରତ କରାଇ ଯୁଗନିର୍ମାଣ ଓ ବିଶ୍ୱ ନିର୍ମାଣର ସହାୟକ ହେବେ। ତାଙ୍କ ମତରେ ଯୌବନରେ ମନର ସମସ୍ତ ଶକ୍ତି ସତେଜ ଥାଏ। ମନ ନମନୀୟ ଥାଏ। ଆନ୍ତରିକତା ସହିତ ଚେଷ୍ଟା କଲେ ଏ ସମସ୍ତ ପୂର୍ବ ଗଠନ ଭାଂଗି ମନକୁ ଯେପରି ଖୁସି ନୁତନ ଭାବରେ ଗଢ଼ିତୋଳିବା ସହଜ ହୁଏ। କୌଣସି ଉଚ୍ଚଭାବ ଗ୍ରହଣ କରି ଜୀବନରେ ସ୍ଥାୟୀ ଭାବରେ ଧରି ରଖିଥିବାର ଏହାହିଁ ଉପଯୁକ୍ତ ସମୟ। ମାନ୍ଦ୍ରାଜର ଯୁବକମାନଙ୍କୁ ତାଙ୍କ ଭାରତ ଭ୍ରମଣ କାଳରେ ସେ ଏକଦା କହିଥିଲେ: ମୁଁ ଚାହେ କେତେ ଜଣ ଯୁବକ। ବେଦ କହିଛି, ଆଶିଷ୍ଟ. ବଳିଷ୍ଠ , ଦୃଢିଷ୍ଠ, ମେଧାବୀ ଯୁବକଗଣ ଈଶ୍ୱରଙ୍କୁ ଲାଭକରିବେ। ଏହି ସମୟ ସେମାନଙ୍କର ଭବିଷ୍ୟତ ଜୀବନ ଗତି ସ୍ଥିର କରିବାର ସମୟ ଯେତେବେଳେ ତୁମ୍ଭେମାନଙ୍କ ଭିତରେ ନବୀନତା ଓ ସତେଜଭାବ ରହିଛି, କାର୍ଯ୍ୟରେ ଲାଭ ଏହାହିଁ ସମୟ... ତୁମ୍ଭମାନଙ୍କର ଜାତିର କଲ୍ୟାଣ ପାଇଁ , ସମଗ୍ର ମାନବଜାତିର କଲ୍ୟାଣ ପାଇଁ ଆତ୍ମବଳି ଦାନ ଶ୍ରେଷ୍ଠକର୍ମ।

କଲିକତାର ଯୁବକମାନଙ୍କୁ ସମ୍ବୋଦ୍ଧିତ କରି ସେ କହିଥିଲେ : ଯୁବକଗଣ! ଉଠ, ଜାଗ, ଶୁଭ ମୂହୁର୍ତ୍ତ ସମାଗତ...। ସାହାସ ଅବଲମ୍ବନ କର, ଭୟକରନାହିଁ। ନିର୍ଭୀକ ହେବାକୁ ହେବ, ତେବେ ଯାଇ କାର୍ଯ୍ୟରେ ସଫଳତା ଲାଭ କରିବ। ଉଠ,ଜାଗ, କାରଣ ତୁମ୍ଭେମାନଙ୍କ ମାତୃଭୂମି ଏହିପରି ଆହ୍ୱାନ କରୁଛି। ଯୁବକମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସାଧିତ ହେବ।... ହୃଦୟରେ ଉତ୍ସାହାଗ୍ନିଜାଳି ଜାଗ୍ରତହୁଅ।

ଯୁବକମାନେ ଶକ୍ତିର ଉତ୍ସ ,ଦେଶ ଓ ଜାତିର ଭାଗ୍ୟବିଧାତା ଓ ନିର୍ମାତା। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ଛାଡି ଯାଇଛନ୍ତି ଅନେକ ଅମର୍ଷିବାଣୀ।

ଦେଶବାସୀଙ୍କ ପ୍ରତି ତାଙ୍କ ଭଲପାଇବାର ଭାବକୁ ଆକଳନ କରାଯାଇ ପାରିବ ନାହିଁ। ବିଦେଶରୁ ଫେରି ସେ ଭାରତୀୟ ମାନଙ୍କୁ କହିଥିଲେ: ମୁଁ ଭାରତକୁ ଫେରି ଆସିଛି ମୋର ସମସ୍ତ ଉଦ୍ଦେଶ୍ୟକୁ କହିବାକୁ ନେଇ; ଯଦି ଏକଥା ମାନ, ମୁଁ ତୁମାନଙ୍କ ସହିତ କାମ କରିବାକୁ ପ୍ରସ୍ତୁତ ଅଛି। ଯଦି ନା'ଏବଂ ମୋତେ ପଦାଘାତ କର, ତଡିଦିଅ, ତଥାପି ମୁଁ ତୁମମାନଙ୍କ ପାଖରେ ଥିବି. . . .ଯଦି ବୁଡିବା, ତେବେ ଆମେ ସମସ୍ତେ ଏକ ହୋଇ ବୁଡ଼ିବା; କିନ୍ତୁ କାହାର ପ୍ରତି ଆମେ ଯେପରି କଟୁକ୍ତି ପ୍ରୟୋଗ ନକରୁ। . . . . ସମାଜର ପୃଷ୍ଟି ପାଇଁ ଯାହା ଆବଶ୍ୟକ , ତାହା ଏହାକୁ ଦେଇଦିଅ; ସେ ଆପଣାର ପ୍ରକୃତି ଅନୁଯାୟୀ ନିଜର ଦେହ ଗଠନ କରିବ. . . . .ମନରେ ଅଗ୍ନି ସଂଯୋଗ କର; ଅଗ୍ନିକ୍ରମଶଃ ଉର୍ଦ୍ଧ୍ୱ ଦେଶକୁ ଉଠୁ; ଗୋଟିଏ ଅଖଣ୍ଡ ଭାରତୀୟ ଜାତି ଗଠନ ହେଉ।

ମୋଟ ଉପରେ ସ୍ୱାମୀଜୀଙ୍କର ସମାଜ ସେବା ଥିଲା ସଂଗଠନ ମୂଳକ, ଧ୍ୱଂସାତ୍ମକ ନୁହେଁ। ସମାଜରେ ଥିବା ସଂକୀର୍ଣ୍ଣତା, ଜାତିଭେଦ ଓ ବୈଷମ୍ୟ ଦୂରୀକରଣ ପାଇଁ ସେ କୁହନ୍ତି: ଅନୁନ୍ନତ ମାନଙ୍କର ଉନ୍ନତି କରି ସାମ୍ୟ ଆଣିବାକୁ ହେବ; ଉନ୍ନତକୁ ଅବନତ କରି ନୁହେଁ । ଏକଚାଟିଆ ଅଧିକାର କାହାକୁ ଦିଆଯାଇନାହିଁ। ସମସ୍ତଙ୍କ ପାଇଁ ସମାନ ଭୋଗ, ସମାନ ଅଧିକାର ବ୍ୟବସ୍ଥା କରିବାକୁ ହେବ।

ଉଭୟ ନାରୀ ଓ ପୁରୁଷଙ୍କ ଶିକ୍ଷାପ୍ରତି ସେ ସମାନ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ମତରେ ଗୋଟିଏ ଡେଣାରେ ପକ୍ଷୀ ଉଡିପାରେ ନାହିଁ। . . . । ଯେଉଁମାନଙ୍କର ମା' ଶିକ୍ଷିତା ଓ ନୀତି ପରାୟଣା ହୁଅନ୍ତି , ସେମାନଙ୍କ ଘରେ ମହତ୍ ଲୋକ ଜନ୍ମଗ୍ରହଣ କରନ୍ତି। . . . .ସ୍ତ୍ରୀ ମାନଙ୍କୁ ଆମେ ଉଠାଇବାକୁ ହେବ. . . .।

ଅର୍ଥାତ୍ ନାରୀଶକ୍ଷା ପ୍ରତି ସେ ଯଥାର୍ଥ ଗୁରୁତ୍ୱ ଦେଉଥିଲେ।

ଭାରତରେ ସ୍ୱାଧୀନତା ଏବଂ ତା'ର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ଆତ୍ମା କାନ୍ଦି ଉଠୁଥିଲା। ୧୮୯୭ ମସିହାରେ ସେ ଏକଦା କହିଥିଲେ ଯେ ଆଗାମୀ ୫୦ ବର୍ଷ ମାତୃଭୂମି ଯେପରି ଆମ୍ଭମାନଙ୍କର ଏକ ମାତ୍ର ଉପାସ୍ୟ ଦେବୀ ହୁଏ।. . .. . ଏବେ ଉଠ ,ଜାଗ, ଦୀର୍ଘ ଅନ୍ଧକାର ରଜନୀର ଆବସାନ ହେଉଛି।. . . .ଦୁର୍ଗତ ଜନଗଣଙ୍କର ସୁଖ ସମୃଦ୍ଧିର ଦିନ ସମାଗତ।

ଠିକ୍ ଏହାର ପଚାଶ ବର୍ଷପରେ ଭାରତ ସ୍ୱାଧୀନ ହେଲା ୧୯୪୭ ମସିହାରେ। ଏହିକଥାଟି ଯେମିତି ତାଙ୍କୁ ଖାସ୍ ଦେଖା ଯାଉଥିଲା। ଆଉ ଗୋଟିଏ କଥା ମଧ୍ୟ ତାଙ୍କୁ ଦେଖାଯାଉଥିଲା ଯାହାକି ପ୍ରତିଟି ଜୀବ ପାଇଁ ନିଶ୍ଚିତ ସତ୍ୟ : ମୃତ୍ୟୁ । ସେହି ୧୮୯୭ରେ ସେ ଏକଦା ଘୋଷଣା କରିଥିଲେ . . . ମୋର କାର୍ଯ୍ୟ ଶେଷ ହୋଇଛି। . . . ଅତି ବେଶୀରେ ତିନି ଚାରିବର୍ଷ ଜୀବନ ଅବଶିଷ୍ଟ ଅଛି।...ବୋଧହୁଏ ମୁଁ ଚାଳିଶ ବର୍ଷ ଯାଏଁ ବଂଚିପାରିବି ନାହିଁ। I shall never live to see forty ....

୪ ଜୁଲାଇ ୧୯୦୨ ଶୁକ୍ରବାର ଥିଲା ତାଙ୍କ ଜୀବନର ଶେଷଦିନ। ସେତେବେଳକୁ ତାଙ୍କୁ ମାତ୍ର ୩୯ ବର୍ଷ ଓ କେଇ ମାସ। ମୃତ୍ୟୁର କେଇ ମୁହୂର୍ତ୍ତ ପୂର୍ବରୁ ମଠ ପ୍ରାଙ୍ଗଣରେ ବୁଲଚାଲ କଲାବେଳେ ସେ ମନକୁ ମନ ସେ କହିଚାଲିଥିଲେ: ଆଉ ଗୋଟିଏ ବିବେକାନନ୍ଦ ଥିଲେ ବୁଝିଥାଆନ୍ତା ଏହି ବିବେକାନନ୍ଦ କଣ କରିଗଲା।...

ବାସ୍ ସେହିଦିନ ରାତି ୯ଟାରେ ସେ ମହାସମାଧିରେ ମହାନିର୍ବାଣ ନେଲେ। ଭାରତମାତାର ଏକ ମହାନ୍ ଆଧ୍ୟାତ୍ମିକ ଯୋଦ୍ଧା ଓ ସନ୍ତାନର ଅବସାନ ଘଟିଲା। ସତରେ କ'ଣ ତାଙ୍କ ମନକଥା ବୁଝିବାକୁ ଆଉଜଣେ ବିବେକାନନ୍ଦ ଜନ୍ମ ହେବେ! ବୋଧ ହୁଏ, ନୁହେଁ।

ସ୍ୱାମୀ ବିବେକାନନ୍ଦଙ୍କର ଜନ୍ମର ଠିକ୍ ୬ବର୍ଷ ୫ମାସ ଏବଂ ୨୧ଦିନ ପରେ ଅର୍ଥାତ୍ ଅକ୍ଟୋବର ୨ ୧୮୬୯ମସିହାରେ ଏ ଭାରତ ଭୂଖଣ୍ଡରେ ଯେଉଁ ମହାନ ବ୍ୟକ୍ତିତ୍ୱ ପଦାର୍ପଣ କଲେ ସେ ହେଉଛନ୍ତି ଆମର ନିରସ୍ତ୍ର ଯୋଦ୍ଧା ମହାତ୍ମା ଗାନ୍ଧି। ପୃଥିବୀର ସମସ୍ତ ପ୍ରାନ୍ତରୁ ବଡ଼ ଓ ସାନ, ଧନୀ ଓ ଗରିବ, ସମାର୍ଥ୍ୟବାନ ବା ସାମର୍ଥ୍ୟହୀନ, ବନ୍ଧୁ ଓ ଅବନ୍ଧୁ... ଇତ୍ୟାଦି ନିର୍ବିଶେଷରେ ଗାନ୍ଧିଜୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଏବଂ ସମ୍ମାନ ପ୍ରଦର୍ଶନ କରିଥାନ୍ତି ଏବଂ ଯେଯାଏଁ ଚନ୍ଦ୍ର, ସୂର୍ଯ୍ୟ ଓ ତାରାମାନେ ଅଛନ୍ତି ଅଥବା ଗୋଟାଏ ମଣିଷ ଏ ପୃଥିବୀରେ ଥିବ ସେଯାଏଁ ଏ କଥା କରୁଥିବେ କାରଣ ତାଙ୍କପରି ଜଣେ ବ୍ୟକ୍ତିତ୍ୱ, ଏ ମରଜଗତରେ ନିହାତି ବିରଳ। ସେ ଏତେଭଲ, ଏତେ ଶ୍ରେଷ୍ଠ ଏବଂ ଏତେ ମହାନ ଥିଲେ ଯେ ତାଙ୍କ ନେଇ ଆଲବର୍ଟ ଏଇନଷ୍ଟେଇନ ଏକ ମନ୍ତବ୍ୟରେ କହିଛନ୍ତି ଆଗାମୀ ବଂଶଧର କ୍ୱଚିତ୍ ବିଶ୍ୱାସ କରିପାରନ୍ତି ଯେ ଏମିତି ଜଣେ ରକ୍ତ - ମାଂସ ଧାରି ବ୍ୟକ୍ତି ଏ ପୃଥିବୀରେ ପଦାର୍ପଣ କରିଥିଲେ : Generation to come it may be, will scarce believe that such a one as this even in flesh and blood walked upon this earth.

+ ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା,
ଫୋନ୍-୯୯୩୮୩୪୧୩୮

# ଭିଜିଲାନ୍ସ ଜାଲରେ ସହକାରୀ ଅଫିସର

**ସୁବ୍ରତ କର**



ଏଟା ନିଶ୍ଚିତ ଯାହା ଧରା ହେଉଛି ସମୁଦ୍ରକୁ ଶଙ୍ଖେ । ଠିକ ଭାବରେ ଦେଖିଥିବା ମୋ ମତରେ ପ୍ରାୟ ୭୦-୮୦ ଭାଗ ସରକାରୀ ଅଫିସର ଯେ ଯାହା ସ୍ତରରେ ଟଙ୍କା ନ ନେଇ କାମ କରନ୍ତି ନାହିଁ । କୌଣସି ପ୍ରକାରରେ ଭ୍ରଷ୍ଟାଚାର କମିନାହିଁ, କମିବାର ସମ୍ଭାବନା ମଧ ନାହିଁ । ସମସ୍ତେ ଚାହନ୍ତି ପଇସା ନେଇ କରାଇ ଦେବା ପାଇଁ ।

ସକାଳୁ ଉଠି ଖବରକାଗଜ ଖୋଲିଦେଲେ ୨-୩ ଜଣ ସରକାରୀ ଅଫିସର (କୋଟିପତି) ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ଏବଂ ତନ୍ମଧ୍ୟରୁ କେତେକ ସିଧାସଳଖ ଏରେଷ୍ଟ ହୋଇ ଜେଲ ଯାଉଛନ୍ତି । ଫାଇଭ-ଟି'ର ଏହା ଏକ ଅଂଶ । ମୋତେ ଜଣା ନାହିଁ ଭିଜିଲାନ୍ସ ବିଭାଗର କର୍ମଚାରୀଙ୍କ ସାରା ରାଜ୍ୟରେ କେତେ ହେବେ କିନ୍ତୁ ମୋତେ ଜଣା ଅଛି ସରକାରୀ କର୍ମଚାରୀଙ୍କ ସଂଖ୍ୟା ଏବଂ ଏହା ପ୍ରାୟ ୪ ଲକ୍ଷ । ଗତକାଲି ହିସାବରୁ ଯାହା ଜଣା ପଡୁଛି ଖୁବ ଜୋର ସାରା ରାଜ୍ୟରେ ୨୦୦ ଭିତରେ ସିଧା ସଳଖ ଧରା ପଡୁଛନ୍ତି କାରଣ ସରକାରୀ ଅଫିସରଙ୍କ ଆୟ ବର୍ହିର୍ଭୂତ ସମ୍ପତ୍ତି ଧରିବା ଏତେ ସହଜ ନୁହେଁ, କାରଣ ଗୋଟିଏ ଫେଲ ମାରିଲେ ଅମୃତରେ ଠୋପାଏ ବିଷ ସଦୃଶ । ଖବ୍ ସାବଧାନରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ପଡ଼ିଥାଏ ଏବଂ ଏହା ମଧ ବହୁତ କଷ୍ଟରେ ହିସାବ ଟଙ୍କା ୪ ଲକ୍ଷ କର୍ମଚାରୀରେ ୨୦୦ କେସ୍ ଯଦି ଫଳପ୍ରଦ ହୁଏ ତେବେ ଏହା କଛି ନୁହଁ । ସମସ୍ତେ ଜାଣନ୍ତି ଭିଜିଲାନ୍ସ କେସ୍ ବର୍ଷ ବର୍ଷ ଧରି ଚାଲିଥାଏ ଏବଂ ଏମିତି ଦେଖାଯାଇଛି ଦୋଷ କରିଥିବା ଲୋକ ଫଇସଲା ହେବା ପୂର୍ବରୁ ଆର ପାରିରେ ଯାଗା ଠିକ୍ କରି ନେଇଥାଏ । ଏଟା ନିଶ୍ଚିତ ଯାହା ଧରା ହେଉଛି ସମୁଦ୍ରକୁ ଶଙ୍ଖେ । ଠିକ ଭାବରେ ଦେଖିଥିବା ମୋ ମତରେ ପ୍ରାୟ ୭୦-୮୦ ଭାଗ ସରକାରୀ ଅଫିସର ଯେ ଯାହା ସ୍ତରରେ ଟଙ୍କା ନ ନେଇ କାମ କରନ୍ତି ନାହିଁ । କୌଣସି ପ୍ରକାରରେ ଭ୍ରଷ୍ଟାଚାର କମିନାହିଁ, କମିବାର ସମ୍ଭାବନା ମଧ ନାହିଁ । ସମସ୍ତେ ଚାହନ୍ତି ପଇସା ନେଇ କରାଇ ଦେବା ପାଇଁ । ଦଶଥର ବୁଲିବା ବା ସରକାରୀ ଅଫିସରଙ୍କୁ କାଗଜପତ୍ରରେ ସନ୍ତୁଷ୍ଟ କରିବାଠୁ ଭଲ ହେଉଛି ଛପା କାଗଜ ମାଧମରେ କାମ ହାସଲ କରିବା । ଭିଜିଲାନ୍ସ ପାଖକୁ ଯିବା ଲୋକ ହେଉଛନ୍ତି ପଇସା ଦେଇ କାମ ହୋଇନଥାଏ, ବା ଅତିବେଶୀ ତାଙ୍କର ଚାହିଦା ଥିଲେ ଏବେ ସାଧାରଣ ଲୋକଙ୍କ ମନରେ ରହିଯାଇଛି, "ହଁ ମୋ କିଛି ଟଙ୍କା ଦେଇଦେ କାମଟା କରିନେଇ ଆସ" । ଏହା ପାଇଁ ସାଧାରଣ ଜନତା ସଦାବେଳେ ପ୍ରସ୍ତୁତ । ସମସ୍ତେ ନିଶ୍ଚିତ ବିନା ପଇସାରେ ସରକାରୀ ସ୍ତରରେ କାମ କରାଇନେବା ସମ୍ଭବ ନୁହଁ । ସେ ଯେତେ ଫାଇଭ ଟି ଲାଗୁ ହେଉ । ଫାଇଭ ଟି ଫାଇଭ ଟି ସ୍ତରରେ ରହିଲେ, କିରାଣୀ କିରାଣୀ ସ୍ତରରେ ରହିଲେ, ଅଫିସର ଅଫିସର ସ୍ତରରେ ରହିଲେ ଏବଂ ଶେଷରେ ସାଧାରଣ ଜନତା ତାଙ୍କ ସ୍ତରରେ ରହିଲେ ଏବଂ ଭିଜିଲାନ୍ସ ଭିଜିଲାନ୍ସ ସ୍ତରରେ ରହିଲେ, ସରକାର ଚାଲିଲା ଆର ଥରକୁ ।

+ ମୋ: ୯୬୬୮୭୬୪୮୭

# ବିଗୁଡୁଛି ଜଳବାୟୁ



**ଜଳବାୟୁ ପରିବର୍ତ୍ତନର ପ୍ରଭାବ ମନୁଷ୍ୟଙ୍କ ବ୍ୟତୀତ ବଣଜଙ୍ଗଲ ଏବଂ ଜୀବଜନ୍ତୁଙ୍କ ଉପରେ ମଧ୍ୟ ପଡୁଥିବାର ଦେଖିବାକୁ ମିଳୁଛି । ଗଛବୃଛରେ ଫଳ ଫଳିବା ଏବଂ ଫୁଲ ଫୁଟିବାର ମସୟ ମଧ୍ୟ ଧୀରେ ଧୀରେ ବଦଳିଗଲାଣି ।**

**ଏଇ କିଛିବର୍ଷ ହେବ ପରିସ୍ଥିତି ଏଭଳି ହୋଇଛି ଯେ ମଣିଷ ବର୍ଷାଟିକେ ପାଇଁ ଅପେକ୍ଷା କରୁଛି 'ଲଘୁଚାପ' ଉପରେ । ଶୀତଦିନେ ଯେଉଁଠି ପାଗ ଶୁଖିଲା ରହିବା କଥା ସେଠାରେ ନାହିଁ ନଥିବା ବର୍ଷା ଏବଂ ଶୀତଦିନେ ଶୀତ ବଦଳରେ ରାଜ୍ କରୁଛି ଅସହ୍ୟ ଗୁଳୁଗୁଳି । ଏଥିରୁ ଗୋଟିଏ କଥା ପ୍ରତୀୟମାନ ଯେ ଯାହା ଯେତେବେଳେ ହେବାକଥା ତାହା ହେଉନାହିଁ । ଏହାର ସବୁଠୁ ବଡ଼ ପ୍ରଭାବ ପଡୁଛି ଚାଷବାସ ଉପରେ । ମଣିଷ ତ ସବୁ ସିଜନକୁ ନେଇ ନିଜକୁ ଆଡଜଷ୍ଟ କରିନେଉଛି କିନ୍ତୁ ପରିବେଶ ଯେ ଦିନକୁ ଦିନ ବିଗିଡ଼ିଯାଉଛି ଏକଥାକୁ ଅସ୍ୱୀକାର କରାଯାଇପାରେନା । ଏଇ ବିଗୁଡୁଥିବା ଜଳବାୟୁର ପ୍ରଭାବରୁ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ କଣ ସବୁପ୍ରଭାବ ପଡୁଛି ତାକୁ ନେଇ ଆଜିର ଉପସ୍ଥାପନା ।**

ଏବେ ପୃଥିବୀର ତାପମାତ୍ରା ପ୍ରାୟ ୧୫ ଡିଗ୍ରୀ ସେଲସିୟସ । ପୂର୍ବାପେକ୍ଷା କେତେ ବଢ଼ିଛି କେତେ କମିଛି ତାହା ବଡ଼କଥା ନୁହେଁ କିନ୍ତୁ ଜଳବାୟୁରେ ହଠାତ୍ ବହୁତ ବଡ଼ ପରିବର୍ତ୍ତନ ଆସିବାରେ ଲାଗିଛି । ଋତୁ ବଦଳିଥାଏ ସତ କିନ୍ତୁ ଯେଉଁ ଢଙ୍ଗରେ ବଦଳିବା କଥା ତାହା ସେପରି ବଦଳୁନାହିଁ । ଦିନକୁ ଦିନ ପରିବେଶ ଅଧିକରୁ ଅଧିକ ଉତ୍ତପ୍ତ ହୋଇଚାଲିଥିବା ବେଳେ ଶୀତଦିନର ଅବଧି ଦିନକୁ ଦିନ ଖୁବ୍ ଛୋଟ ହୋଇଯାଉଛି । ଖାଲି ଯେ ଭାରତରେ ଏସବୁ ଘଟୁଛି ତାହା ନୁହେଁ ବରଂ ବିଶ୍ୱ ସ୍ତରରେ ଏସବୁ ଘଟି ଏବଂ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି । ଏବେ ମନରେ ପ୍ରଶ୍ନ ଉଠୁଥିବ ଏଭଳି ହେବାର କାରଣ କ'ଣ । ଏକଥା ମଧ୍ୟ ଲୋକମାନେ ଜାଣନ୍ତି ସବୁ 'ଗ୍ରୀନ୍ ହାଉସ ଇଫେକ୍ଟ' ।

ପୃଥିବୀର ବାତାବରଣ ଯେଉଁଭଳି ଭାବେ ସୂର୍ଯ୍ୟଙ୍କର କିଛି କିରଣକୁ ଗ୍ରହଣ କରିନିଏ ତ ତାକୁ ଗ୍ରୀନ ହାଉସ ଇଫେକ୍ଟ କୁହାଯାଇଥାଏ । ପୃଥିବୀର ଚାରିପଟେ ରହିଛି ଗ୍ରୀନହାଉସ ଗ୍ୟାସର ଏକ ପରସ୍ତ । ଏହି ଗ୍ୟାସରେ କାର୍ବନ ଡାଇଅକ୍ସାଇଡ, ମିଥେନ, ନାଇଟ୍ରସ ଅକ୍ସାଇଡ ମିଶିକି ରହିଛି । ଏହି ପରସ୍ତ ସୂର୍ଯ୍ୟଙ୍କ ଅଧିକ ଉତ୍ତାପକୁ ଗ୍ରହଣ କରିନେଇ ଏହାକୁ ପୃଥିବୀର ସବୁଠି ପହଞ୍ଚାଇଦେଇଥାଏ ଏବଂ ଏହି କିରଣର ପୃଥିବୀ ଉପରେ ପଡ଼ିବା କାରଣରୁ ପୃଥିବୀ ଉତ୍ତପ୍ତ ହୋଇଥାଏ । ଯଦି ଏହି ପ୍ରଭାବ ନରହନ୍ତା ପୃଥିବୀର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସରୁ ଅଧିକ ଥଣ୍ଡା ରହନ୍ତା । ଅର୍ଥାତ ଗ୍ରୀନ ହାଉସ ଗ୍ୟାସ ନଥିଲେ ପୃଥିବୀପୃଷ୍ଠରେ ଜୀବନର ସତ୍ତା ନଥାନ୍ତା । ବୈଜ୍ଞାନିକଙ୍କ ଅନୁସାରେ ଆମେମାନେ ବିଭିନ୍ନ କଳାକାରଖାନା ଏବଂ କୃଷିରୁ ଯେଉଁ ଗ୍ୟାସ ବାତାବରଣକୁ ଛାଡୁଛେ (ଯାହାକୁ ବୈଜ୍ଞାନିକ ଭାଷାରେ ଉତ୍ସର୍ଜନ କୁହନ୍ତି) ସେଥିଯୋଗୁ ଗ୍ରୀନହାଉସ ଗ୍ୟାସର ପରସ୍ତ ମୋଟା ହୋଇ ଚାଲିଛି । ଏହି ପରସ୍ତ



ଅଧିକରୁ ଅଧିକ ସୂର୍ଯ୍ୟ କିରଣ ଗ୍ରହଣ କରି ପୃଥିବୀର ତାପମାତ୍ରା ବଢ଼ାଇ ଚାଲିଛି । ଏହାକୁ ଗ୍ଲୋବାଲ ୱାର୍ମିଂ ବା ଜଳବାୟୁ ପରିବର୍ତ୍ତନ କୁହାଯାଇଥାଏ । ଏଥିରେ ସବୁଠୁ ଭୟଙ୍କର ପଦାର୍ଥଟି ହେଉଛି କାର୍ବନ ଡାଇଅକ୍ସାଇଡ, ଯାହାର ମାତ୍ରା ଦିନକୁ ଦିନ ବୃଦ୍ଧିପାଇ ଚାଲିଛି । ବିଶେଷକରି ଜଙ୍ଗଲ କ୍ଷୟ ଯୋଗୁ ଏହି ସମସ୍ୟା ଦିନକୁ ଦିନ ଗୁରୁତର ରୂପ ଧାରଣ କରିଚାଲିଛି । ତା'ଛଡ଼ା ମାନବୀୟ ଗତିବିଧି ଦ୍ୱାରା ମିଥେନ ଏବଂ ନାଇଟ୍ରସ ଅକ୍ସାଇଡ ଉତ୍ସର୍ଜନ ମଧ୍ୟ ବଢ଼ିଯାଇଛି ।

କିନ୍ତୁ କାର୍ବନ ତୁଳନାରେ ଏହାର ମାତ୍ରା ଖୁବ୍ କମ୍ । ୧୭୫୦ରେ ଔଦ୍ୟୋଗିକ କ୍ରାନ୍ତି ପରଠାରୁ କାର୍ବନ ଡାଇଅକ୍ସାଇଡର ସ୍ତର ୩୦ ପ୍ରତିଶତରୁ ଅଧିକ ବଢ଼ିଯାଇଥିବା ବେଳେ ମିଥେନର ସ୍ତର ୧୪୦ ପ୍ରତିଶତରୁ ଅଧିକ ବଢ଼ିଛି । ବାତାବରଣରେ କାର୍ବନ ଡାଇଅକ୍ସାଇଡର ସ୍ତର ଆଠଲକ୍ଷ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ରହିଛି । ଏକ ଆକଳନ ଅନୁସାରେ ଗତ ୧୦୦ ବର୍ଷ ମଧ୍ୟରେ ପୃଥିବୀର ତାପମାତ୍ରା ୦.୮ ଡିଗ୍ରୀ ସେଲସିୟସ ବଢ଼ିଛି । ଏହି ତାପମାତ୍ରା ବୃଦ୍ଧିର ୦.୬ ଡିଗ୍ରୀ ସେଲସିୟସ କେବଳ ଗତ ୩ ଦଶକ ମଧ୍ୟରେ ହିଁ ପରିଲକ୍ଷିତ ହୋଇଛି ।

**କ'ଣ କହେ ଉପଗ୍ରହ ତଥ୍ୟ:**

ଉପଗ୍ରହରୁ ପ୍ରାପ୍ତ ତଥ୍ୟ ଅନୁସାରେ ଗଲା କିଛି କିଛି ଦଶକ ମଧ୍ୟରେ ସମୁଦ୍ରରୁ ଜଳସ୍ତର ବର୍ଷକୁ ୩ ମିଲିମିଟର ବୃଦ୍ଧି ପାଇଛି । ବର୍ଷକୁ ୪ ପ୍ରତିଶତ ବେଗରେ ଗ୍ଲାସିୟର ତରଳିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ମନୁଷ୍ୟଙ୍କ ବ୍ୟତୀତ ବଣଜଙ୍ଗଲ ଏବଂ ଜୀବଜନ୍ତୁଙ୍କ ଉପରେ ମଧ୍ୟ ପଡୁଥିବାର ଦେଖିବାକୁ ମିଳୁଛି । ଗଛବୃଛରେ ଫଳ ଫଳିବା ଏବଂ ଫୁଲ ଫୁଟିବାର ମମୟ ମଧ୍ୟ ଧୀରେ ଧୀରେ ବଦଳିଗଲାଣି । ଏଥିସହିତ ପଶୁପକ୍ଷୀମାନେ ମଧ୍ୟ ଜଙ୍ଗଲ ଛାଡ଼ି ସହର କିମ୍ବା ଗାଁ ମଧ୍ୟକୁ ପଶିଆସିଲେଣି ।

**ଭବିଷ୍ୟତରେ କେତେ ବଢ଼ିବ ତାପମାତ୍ରା:**

୨୦୧୩ ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆନ୍ତର୍ଜାତୀୟ ସମିତି କମ୍ପ୍ୟୁଟର ମଡେଲିଂ ଆଧାରରେ ସମ୍ଭାବିତ ପରିସ୍ଥିତିର ପୂର୍ବାନୁମାନ କରିଥିଲା । ଏଥିରେ ଗୋଟିଏ ଅନୁମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ, ୧୮୫୦ ତୁଳନାରେ ଏକବିଂଶ ଶତାବ୍ଦୀ ଶେଷ ଯାଏ ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ ବଢ଼ିଯିବ । ଏମିତିକି ଆମେ ଯଦି ଗ୍ରୀନହାଉସ ଗ୍ୟାସ ଉତ୍ସର୍ଜନ ଅଧିକରୁ ଅଧିକ କମ୍ କରିବା ତଥାପି ଜଳବାୟୁ ପରିବର୍ତ୍ତନ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିବ, ବିଶେଷକରି ଗ୍ଲାସିୟର ଉପରେ ।

**କ'ଣ ସବୁ ପ୍ରଭାବିତ ପଡ଼ିବ:**

ପ୍ରକୃତିରେ ଏହାର ପ୍ରଭାବ କ'ଣ ପଡ଼ିବ ତାହା ନିଶ୍ଚିତ ଭାବେ କହିବା ମୁସ୍କିଲ । କିନ୍ତୁ ଏହାଦ୍ୱାରା ପିଇବା ପାଣି ସମସ୍ୟା ନିଶ୍ଚିତ ଭାବେ ଉପୁଜିବ । ଏତଦବ୍ୟତୀତ ଚାଷବାସ ମଧ୍ୟ କମ୍ ହୋଇଯିବ । ବନ୍ୟା, ବାତ୍ୟା, ମରୁଡ଼ି ସହିତ ତତଲା ପବନ ବହିବ । ଜଳବାୟୁ ପରିବର୍ତ୍ତନର ସବୁଠୁ ବଡ଼ ପ୍ରଭାବ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉପରେ ବହୁଳ ଭାବେ ପଡ଼ିବ । ମଣିଷ ଏବଂ ଜୀବଜନ୍ତୁଙ୍କ ଜୀବନ ଉପରେ ମଧ୍ୟ ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିବ । ଏହାଦ୍ୱାରା ଗଛବୃଛଠୁ ଆରମ୍ଭ କରି ଜୀବଜନ୍ତୁଙ୍କ ଯାଏ ବିଲୁପ୍ତ ହେବାର ସମ୍ଭାବନା ସୃଷ୍ଟି ହେବ ।



## ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ

ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ । ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ । ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି । ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ । ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ । ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି । ପରିଣାମସ୍ୱରୂପ ଆମିଗ୍‌ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ । ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ ।



## ମିଠା କିଲୋ ପ୍ରତି ୫୦ ହଜାର

ସ୍ୱାଦିଷ୍ଟ କବାବ ପାଇଁ ଲକ୍ଷ୍ନୌ ସହର ବେଶ ବିଦେଶରେ ସ୍ୱତନ୍ତ୍ର ପରିଚିତି ପାଇଛି । ଅନେକ ହୁଏତ ଜାଣିନଥିବେ ଭାରତର ସବୁଠୁ ଦାମୀ ମିଠା ପ୍ରସ୍ତୁତକାରୀ ସହରରର ମୁକୁଟ ମଧ୍ୟ ଏହା ହାସଲ କରିଛି । 'ଏକ୍‌ଜୋଟିକା' ନାମକ ମିଠାର ମୂଲ୍ୟ ଶୁଣିଲେ ବିଶ୍ୱାସ କରିପାରିବେ ନାହିଁ, କିନ୍ତୁ ଏହା ସତ । ଏହି ମିଠାର ମୂଲ୍ୟ କିଲୋ ପ୍ରତି ୫୦ ହଜାର ଟଙ୍କା । ଲୋକପ୍ରିୟ ମିଠା ଦୋକାନ ଛପ୍ପନ ଭୋଗ ଏହି ମିଠା ପ୍ରସ୍ତୁତ କରେ । ଏହାର ନିର୍ଦ୍ଦେଶକ ରବିନ୍ଦ୍ର ଗୁପ୍ତାଙ୍କ କଠିନ ପରିଶ୍ରମ ପାଇଁ ଏହି ଶୁଖିଲା ମିଠା ବିଶ୍ୱ ସ୍ତରରେ ମାନ୍ୟତା ପାଇଛି । ରବିନ୍ଦ୍ର, ତାଙ୍କର ଦୁଇ ଭାଇ ଓ ବାପା ମିଳିତ ଭାବେ ୧୯୯୨ ମସିହାରେ ଏହି ମିଠା ବ୍ୟବସାୟ ଆରମ୍ଭ କରିଥିଲେ । ଏକ୍‌ଜୋଟିକା ମିଠା ବିଶ୍ୱର ବିଭିନ୍ନ ସ୍ଥାନରୁ ସଂଗୃହିତ ୭-୮ଟି ଉପାଦାନରେ ପ୍ରସ୍ତୁତ । ଆମେରିକାରୁ ବ୍ଲୁବେରି, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆରୁ ମାକାଡାମିଆ, ୟୁରୋପରୁର ହାଜେଲନଟ୍ ଏବଂ ବିଶ୍ୱର ଅନ୍ୟ ସ୍ଥାନମାନଙ୍କରୁ ନିଆଯାଇଥିବା ପାଇନ୍ ନଟ୍, ସାଫ୍ରନ୍ ଓ ମାମ୍ରା ବାଦାମରୁ ଏହି ମିଠା ପ୍ରସ୍ତୁତ । ୨୦୦୭ ମସିହାରେ ଦୀପାବଳି ଉପଲକ୍ଷେ ଦିଲ୍ଲୀର ଜଣେ ବ୍ୟବସାୟୀ ସ୍ୱତନ୍ତ୍ର ମିଠା ପ୍ରସ୍ତୁତ ନିମନ୍ତେ ଅନୁରୋଧ କରିବାରୁ ରବିନ୍ଦ୍ର ଓ ତାଙ୍କ ଟିମ୍ ଏହି ଏକ୍‌ଜୋଟିକା ମିଠା ପ୍ରସ୍ତୁତ ଆରମ୍ଭ କରିଥିଲେ । କେବଳ ଲକ୍ଷ୍ନୌର ସଦର ବଜାର ସ୍ଥିତ ଛପ୍ପନ ଭୋଗ ମିଠା ଦୋକାନରେ ହିଁ ଏକ୍‌ଜୋଟିକା ମିଠା ଉପଲବ୍ଧ । ଏକ୍‌ଜୋଟିକାର ଗୋଟିଏ ବ୍ୟାଚ୍ ପ୍ରସ୍ତୁତ କରିବାକୁ କାରିଗରଙ୍କୁ ୬-୭ ଘଣ୍ଟା ସମୟ ଲାଗେ । ବର୍ଷ ସାରା ଏହା ଉପଲବ୍ଧ ହୋଇଥାଏ । ନିଆରା ପ୍ୟାକିଂ ଯୋଗୁ ଏହାକୁ ନେବାଆଣିବା ଖୁବ୍ ସହଜ ହୋଇଥାଏ । କାଠ ବାକ୍ସରେ ମିଠା ପ୍ୟାକ୍ ହୋଇଥାଏ । ଏହା ଏଭଳି ଭାବେ ଡିଜାଇନ୍ ହୋଇଛି, ଯଦ୍ୱାରା ୨୦-୩୦ ଦିନ ଧରି ମିଠା ତା' ଭିତରେ ସତେଜ ରହିପାରିବ । ଗୋଟିଏ ମିଠାର ଆକାର ୨.୫ ସେମି । ସବୁଠୁ ମଜାଦାର କଥା ହେଉଛି, ଖାଣ୍ଟି ଖାଇବାଯୋଗ୍ୟ ସୁନାକୁ ମିଠା ଉପରେ ଆସ୍ତରଣ ଦିଆଯାଇଛି । ବଡ଼ ବଡ଼ ଉଦ୍ୟୋଗପତିଙ୍କଠାରୁ ଆରମ୍ଭ କରି ବଲିଉଡ୍ ସେଲିବ୍ରିଟିମାନେ ଏହି ମିଠାକୁ ପସନ୍ଦ କରିଛନ୍ତି । ଏପରିକି ନରେନ୍ଦ୍ର ମୋଦି ମଧ୍ୟ ଏହି ନିଆରା ମିଠାକୁ ଖୁବ୍ ପସନ୍ଦ କରିଛନ୍ତି ବୋଲି ଦୋକାନ ମାଲିକ କହିଛନ୍ତି ।



## ୱାର୍କ ଫ୍ରମ୍ ହୋମ୍



**ପ୍ରତ୍ୟେକ କର୍ମଜୀବୀଙ୍କ ଲାଗି କାର୍ଯ୍ୟକ୍ଷେତ୍ରରେ ରହିଥାଏ ଏକ ଗାଇଡ୍‌ଲାଇନ୍ । ଅଫିସ୍‌ରେ ହେଉ ଅବା କରୋନା ଲାଗି ଘରେ ୱାର୍କ ଫ୍ରମ୍ ହୋମ୍ କରୁଥିବା କର୍ମଜୀବୀଙ୍କ ଲାଗି ସମାନ ଭାବେ ଲାଗୁ ହୋଇଥାଏ ସମାନ ନିୟମ । ତେଣୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସର୍ବଦା ତତ୍ପର ଏବଂ କ୍ରିୟାଶୀଳ ହୋଇ ସମସ୍ତ କାର୍ଯ୍ୟ ସମାପ୍ତ କରିବା ତାଙ୍କୁ ଦେଇଥାଏ ଏକ ଦକ୍ଷ କର୍ମଚାରୀର ପରିଚୟ । ହେଲେ ୱାର୍କ ଫ୍ରମ୍ ହୋମ୍ ସମୟରେ କେବେ କେବେ ସାମାନ୍ୟ ଅବହେଳା ନା କେବଳ କାମରେ ବ୍ୟାହତ ସୃଷ୍ଟି କରିଥାଏ ବରଂ ବ୍ୟକ୍ତିତ୍ୱ ଉପରେ ବି ପକାଇଥାଏ ନକାରାତ୍ମକ ପ୍ରଭାବ..**

ବର୍ତ୍ତମାନ କୋଭିଡ୍-୧୯ ସଂକ୍ରମଣ ରୋକିବା ଲାଗି ଅନେକ ଅଫିସ୍ ବିଶେଷ କରି ସଫ୍ଟୱେର କମ୍ପାନୀଗୁଡ଼ିକର ଏମ୍ପ୍ଲୋଇମାନଙ୍କୁ ୱାର୍କ ଫ୍ରମ୍ ହୋମ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ବାହାରକୁ ନ ଯାଇ ଘରେ ରହି କାମ କରିବା କାହା ଲାଗି ବେଶ୍ ସୁବିଧାଜନକ ଓ ଆରାମଦାୟକ ହେଉଥିବା ବେଳେ କାହା ଲାଗି ଘର କାମ ସହ ଅଫିସ୍ କାମ କଷ୍ଟକର ହୋଇପଡୁଛି । ଏମିତିରେ କେବେ କେବେ ଆରାମଦାୟକ ପରିବେଶ ଲାଗି ହେଉ ଅବା ଥକା ଲାଗିବା କାରଣରୁ ଆସିଥାଏ ନିଦ, ଯାହାଦ୍ୱାରା କାମ ବ୍ୟାହତ ହୁଏ, ଆଉ ପରବର୍ତ୍ତୀ ସମୟରେ ଏଥିପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେଣୁ ୱାର୍କ ଫ୍ରମ୍ ହୋମ୍ କରୁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ

◆ ପ୍ରଥମ କଥା ହେଉଛି ଘରେ କେଉଁ ସ୍ଥାନରେ ବସି କାମ କଲେ ଆପଣ ଡିଷ୍ଟର୍ବ ନ ହେବେ ତାହା ବାଛିନିଅନ୍ତୁ । ଅଫିସ୍ ଭଳି ଘରେ ମଧ୍ୟ ସମୟସୀମା ମଧ୍ୟରେର କିପରି କାମ ସାରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ । ଘରେ ଥିବାରୁ ଆଳସ୍ୟବଶତଃ କାର୍ଯ୍ୟକୁ ଟାଳିବା ବା ପରେ କରିବା ଭାବି ଅବହେଳା କରନ୍ତୁ ନାହିଁ । ନଚେତ୍ ଆଜିର କାମ କାଲିକୁ, କାଲିର କାମ ପରେ କରିବା ଭାବୁ ଭାବୁ ଅନେକ ନୂଆ କାମ ଆସି ପହଞ୍ଚିଯିବ । ଏବଂ ଯଥା ସମୟରେ ପୁରୁଣା କାମ ନ ସରି ସବୁଦିନ ଲାଗି ଅପୂର୍ଣ୍ଣ ରହିଯିବ । ଆଉ ଏଥିପାଇଁ ଅଫିସ୍‌ରେ ଅପଦସ୍ଥ ହେବା ସହ ଦରମା କମ୍ ମିଳିବା କିମ୍ବା ଜବ୍ ଯିବାର ଆଶଙ୍କାକୁ ବି ଏଡାଯାଇ ନପାରେ । ତେଣୁ ୱାର୍କ ଫ୍ରମ୍ ହୋମ୍‌ରେ ନିଜର ପ୍ରତ୍ୟେକ କାର୍ଯ୍ୟକୁ ତତ୍ପରତାର ସହ ସମ୍ପାଦନ କରନ୍ତୁ । ଅନେକେ ଘରେ କାମ କରୁଥିବାରୁ ଅନେକେ ସୋଫା, ବେଡ୍ ଆଦି ଉପରେ ଆରାମରେ ବସି ବା ଶୋଇ କାମ କରିଥାନ୍ତି । ହେଲେ ବେଳେ ବେଳେ ବସିବାର ସ୍ଥିତି ଯୋଗୁ ମଧ୍ୟ ଅଳସୁଆ ବା ମାନ୍ଦା ଲାଗିବା ଯୋଗୁ ନିଦ ଆସିଥାଏ । ଏବଂ କାମରେ ବାଧା ଉପୁଜିଥାଏ । ତେଣୁ ଅଫିସ୍ କାମ କରିବା ସମୟରେ ଟେବ୍‌ଲ, ଚେୟାର୍ ବ୍ୟବହାର କରିବା ଭଲ । ତଥାପି ନିଦ ଲାଗୁଥିଲେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ନରହି କିଛି ସମୟ ଉକ୍ତ ସ୍ଥାନରୁ ଉଠି ଯାଆନ୍ତୁ । ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ମଝିରେ ଚା କିମ୍ବା କଫି ପିଇଲେ ମୁଡ୍ ଫ୍ରେଶ୍ ଲାଗିବା ସହ ନିଦ ଛାଡିଯିବ । ଆପଣ ଚାହିଁଲେ ନିଦ ନ ଆସିବା ଲାଗି କାମ ମଝିରେ କିଛି ହାଲୁକା ଜଳଖିଆ ବା ସ୍ନାକ୍ସ ଖାଇପାରିବେ ।

◆ କାମ ମଧ୍ୟରେ ଆପଣ ଚାହିଁଲେ ଆଳସ୍ୟ କିମ୍ବା ନିଦ ଦୂର କରିବା ଲାଗି ଅଳ୍ପ ସମୟ ଘରକାମରେ ସାହାଯ୍ୟ ହେବା ଅବା ନିଜେ ଘରକାମ କରିପାରିବେ । ପୁନର୍ବାର ଭଲ ଭାବେ କାମ କରିବା ଲାଗି ଅଳ୍ପ ସମୟ ବିରତି ନେଇ ଘରେ ଛୋଟ ପିଲା କିମ୍ବା ପୋଷା ଜୀବଜନ୍ତୁ ଥିଲେ ତାଙ୍କ ସହ କିଛି ସମୟ ବିତାଇ ପାରିବେ । ଏହାଦ୍ୱାରା ଆପଣ ପୁନର୍ବାର ଆକ୍ଟିଭ୍ ହୋଇ କାମକୁ ଫେରିଯାଇ ପାରିବେ । ହେଲେ ଏହି ଆଳରେ ଯେପରି ଅଧିକ ସମୟ ନଷ୍ଟ ନ ହୁଏ ଏବଂ ଅଫିସ୍ କାମ ସାରିବା ବିଳମ୍ବ ନହୁଏ ସେଥିପ୍ରତି ଯତ୍ନଶୀଳ ହେବା ଆବଶ୍ୟକ ।

◆ ୱାର୍କ ଫ୍ରମ୍ ହୋମ୍ ଥିବାରୁ ଅନେକେ ଦିନରେ ନ କରି ଅଫିସ୍ କାମ ରାତିରେ ସାରିବାକୁ ଚେଷ୍ଟା କରନ୍ତି । ହେଲେ ଏହାଦ୍ୱାରା ନିଦ୍ରା ବ୍ୟାହତ ହୋଇଥାଏ । ଫଳରେ ମସ୍ତିଷ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ । ତେଣୁ ରାତିରେ ପର୍ଯ୍ୟାପ୍ତ ନିଦ୍ରା ନେବା ଦ୍ୱାରା ମସ୍ତିଷ୍କ ଆକ୍ଟିଭ୍ ହୋଇଯାଏ ଏବଂ ଦିନରେ ଭଲ ଭାବେ ଅଫିସ୍ କାମ କରିବା ସହଜ ହୋଇଥାଏ ।

◆ ଘରକାମ ସହ ଅଫିସ୍ କାମର ଚାପ ବଶତଃ ହେଉ ଅବା କାମ ସରିଲେ ଖାଇବା ଭାବି ଅବହେଳା ଯୋଗୁ ଅନେକେ ଖାଇବାକୁ ଅବହେଳା କରିବସନ୍ତି । ଫଳରେ ଶରୀରକୁ ଆବଶ୍ୟକ ମାତ୍ରାରେ ଏନର୍ଜି ନ ମିଳିବାରୁ ଶରୀରର ମାନ୍ଦା ଅନୁଭବ କରିଥାଏ । ଏବଂ କାମ କରିବା ସମୟରେ ନିଦ ଆସିଥାଏ । ତେଣୁ ୱାର୍କ ଫ୍ରମ୍ ହୋମ୍ ଆଳରେ ଖାଦ୍ୟକୁ ଆଦୌ ଅବହେଳା କରନ୍ତୁ ନାହିଁ । ଠିକ୍ ସମୟରେ ଖାଇବା, ପାଣି ପିଇବା ଦ୍ୱାରା ଶାରୀରିକ ଏବଂ ମାନସିକ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ । ଅପରପକ୍ଷେ ଅନେକେ ଘରେ ଥିବା ଯୋଗୁ କାମ ମଝିରେ ଟିକେ ଟିକେ ଖାଉ ଖାଉ ଆବଶ୍ୟକରୁ ଅଧିକ ଖାଇଦିଅନ୍ତି ଏବଂ ଏହା ହିଁ ସେମାନଙ୍କୁ ମାନ୍ଦା କରିବା ସହ କାମ କରିବାରେ ଅସୁବିଧା କରାଇଥାଏ । ତେଣୁ ମଧ୍ୟାହ୍ନ ଖାଦ୍ୟକୁ ଯଥାସମ୍ଭବ ହାଲୁକା ଏବଂ ପୁଷ୍ଟିକର କରିବାକୁ ଚେଷ୍ଟା କରନ୍ତୁ ।

# ୧୨ ତାରିଖ ଠାରୁ ପୂର୍ବତଟ ରେଳପଥରୁ ଆହୁରି ଅତିରିକ୍ତ ତିନି ଯୋଡ଼ା ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୧୦।୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧୨ ତାରିଖ ଠାରୁ ପୂର୍ବତଟ ରେଳପଥରୁ ଆଉ ୩ ଯୋଡା ସ୍ୱତନ୍ତ୍ର ଟ୍ରେନ୍ ଚାଲିବ। ଏହାକୁ ମିଶାଇ ପୂର୍ବତଟ ରେଳପଥରୁ ସମୁଦାୟ ୮ ଟି ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ ଚାଲିବ । ୧୦ ସେପ୍ଟେମ୍ବର ଠାରୁ ବିଭିନ୍ନ ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ ଗୁଡିକରେ ବୁକିଙ୍ଗ କରାଯିବ। ଉଭୟ ରେଳବାଇ ଯାତ୍ରୀ ସଂରକ୍ଷଣ କେନ୍ଦ୍ର ଓ ଆଇଆରସିଟିସି ୱେବ ସାଇଟରୁ ଟିକେଟ ଉପଲବ୍ଧ ହୋଇପାରିବ । କେବଳ ସଂରକ୍ଷିତ ଯାତ୍ରୀମାନେ ଟ୍ରେନ ରେ ଯାଇପାରିବେ। ପୂର୍ବରୁ ଚାଲୁଥିବା ନୂଆଦିଲ୍ଲୀ ରୁ ଭୁବନେଶ୍ୱର, ଭୁବନେଶ୍ୱରରୁ ମୁମ୍ବାଇ, ଭୁବନେଶ୍ୱର ରୁ ହାଓଡ଼ା/ ସିଆଲଦା ସ୍ୱତନ୍ତ୍ର ଟ୍ରେନ ଗୁଡିକ ପୂର୍ବ ନିର୍ଦ୍ଧାରିତ ସମୟାନୁସାରେ ଚଳାଚଳ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଖୋର୍ଦ୍ଧା ରୋଡ଼- ଅହମଦାବାଦ-ଖୋର୍ଦ୍ଧା ରୋଡ଼ସ୍ୱତନ୍ତ୍ର ଟ୍ରେନ (୦୨୮୪୩/ ୦୨୮୪୪) ଖୋର୍ଦ୍ଧା ରୋଡ଼ ରୁ ସେପ୍ଟେମ୍ବର ୧୨ ଠାରୁ ପ୍ରତି ମଙ୍ଗଳ, ଗୁରୁ, ଶୁକ୍ର ଓ ଶନିବାର ଦିନ ମାନଙ୍କରେ ସନ୍ଧ୍ୟା ୬ଟା୪୦ମି.ରେ ଛାଡିବ ଏବଂ ଅହମଦାବାଦ ଠାରୁ ସେପ୍ଟେମ୍ବର ୧୪ ତାରିଖରୁ ପ୍ରତି ସୋମ, ଗୁରୁ, ଶନି ଓ ରବିବାର ଦିନମାନଙ୍କରେ ସନ୍ଧ୍ୟା ୬ଟା୪୦ମି.ରେ ଛାଡିବ। ଖୋର୍ଦ୍ଧା ରୋଡ଼-ଓ଼ଖା-ଖୋର୍ଦ୍ଧାରୋଡ଼ସ୍ୱତନ୍ତ୍ର ଟ୍ରେନ (୦୮୪୦୧/୦୮୪୦୨)ଖୋର୍ଦ୍ଧା ରୋଡ଼ ରୁ ସେପ୍ଟେମ୍ବର ୧୩ ତାରିଖ ଠାରୁ ପ୍ରତି ରବିବାର ଦିନ ପୂର୍ବାହ୍ନ ୧୦ଟା୪୦ମି.ରେ ଛାଡିବ ଏବଂ ଓ଼ଖା ଠାରୁ ସେପ୍ଟେମ୍ବର ୧୬ ତାରିଖରୁ ପ୍ରତି ବୁଧବାର ସକାଳ ୮ ଟା୩୦ମି.ରେ ଛାଡିବ । ସେହିପରି ଗାନ୍ଧୀଧାମ-ଖୋର୍ଦ୍ଧାରୋଡ଼-ଗାନ୍ଧୀଧାମ ସ୍ୱତନ୍ତ୍ର ଟ୍ରେନ (୦୨୯୭୩/୦୨୯୭୪) ଗାନ୍ଧୀଧାମ ରୁ ସେପ୍ଟେମ୍ବର ମାସ ୧୬ ତାରିଖ ପ୍ରତି ବୁଧବାର ରାତ୍ର ୧୧ ଟାରୁ ଛାଡିବ ଏବଂ ଖୋର୍ଦ୍ଧା ରୋଡ଼ ରୁ ସେପ୍ଟେମ୍ବର ମାସ ୧୬ ଠାରୁ ପ୍ରତି ଶନିବାର ପୂର୍ବାହ୍ନ ୧୧ଟା୪୦ମି.ରେ ଛାଡିବ।

## ବିଦେଶୀ ଚୋରା ମଦ ଜବତ

କୋରେଇ,୧୦।୯ (ନି.ପ୍ର): ପାଣିକୋଇଲି ପୁଲିସ ମଙ୍ଗବାର ରାତ୍ରୀରେ ଜଣେ ଚୋରା ମଦ ବେପାରୀକୁ ଗିରଫ କରିବା ସହ ତାନିକଟ ମଦ ଜବତ କରିଛି । ଚୋରା ମଦ ବେପାରର ଖବର ପୁଲିସ ଥାନାଧିକାରୀ ସସ୍ମିତା ସାହୁଙ୍କ ନେତୃତ୍ୱରେ ଆଚନାକ ଶଙ୍ଖଚିଲା ନୁଡପୁରରେ ଚଡାଉ କରିଥିଲା। ଚଢାଉ ସମୟରେ ୩୫ ଲିଟର ବିଭିନ୍ନ ପ୍ରକାରର ବିଦେଶୀ ମଦ ଜବତ କରିବା ସହ ବେପାରୀ ନାଉଡପୁର ଗ୍ରାମର ଦର୍ଶନୀ ସାହୁଙ୍କ ପୁଅ ମୁରଲୀଧରଙ୍କୁ ଗିରଫ କରିଥିଲା। ଏନେଇ ଏକ ମାମଲା ୧୯୮/୨୦ ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତାଧିକାରୀ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଅଭୟ କୁମାର ନାୟକଙ୍କ ସୂତ୍ରରୁ ପ୍ରକାଶ।

# ପୂର୍ବତନ ଫୁଲବାଣୀ ଜିଲ୍ଲା ସଭାପତି ନିଳାଦ୍ରୀ ଜାନୀଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୧୦।୯ (ନି.ପ୍ର): ଟିଡିସିସିର ପୂର୍ବତନ ଚେୟାରମ୍ୟାନ୍ ଏବଂ ୨ ଥର ଅବିଭକ୍ତ ଫୁଲବାଣୀ ଜିଲ୍ଲା ବିଜେପି ସଭାପତି ଶ୍ରୀ ନିଳାଦ୍ରୀ ଜାନୀଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ଆଜି ପ୍ରାତଃ ସମୟରେ ଶ୍ରୀ ଜାନୀ କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ନିଜ ପୈତୃକ ଗ୍ରାମ ଦଳପଡାଠାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ବିଜେପି ପ୍ରତିଷ୍ଠା ହେବା ଦିନଠାରୁ ସ୍ୱର୍ଗତଃ ଜାନୀ ପାର୍ଟୀର ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ । ସ୍ୱର୍ଗତଃ ଜାନୀଙ୍କ ନିଧନରେ ରାଜ୍ୟ ଏବଂ ପାର୍ଟୀ ଜଣେ ଦକ୍ଷ ସଂଗଠକ ଏବଂ ରାଜନୀତିଜ୍ଞଙ୍କୁ ହରାଇଲା ବୋଲି କହିବା ସହ ଦୁଃଖ ପ୍ରକାଶ କରି ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନା କରିଛନ୍ତି ।

# ଭଦ୍ରକ-ଆଖଣ୍ଡଳମଣି ରାସ୍ତାରେ ଫାଟ

ଭଦ୍ରକ, ୧୦/୯ (ହି.ସ.) - ବନ୍ୟା ଯୋଗୁଁ ଧାମନଗର ଅଂଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବିଭିନ୍ନ ରାସ୍ତା ମଧ ନଷ୍ଟ ହୋଇଛି । ଧାମନଗର-ଫଳପୁର, ବୟାଙ୍ଗଡିହ-କୋଠାର, ଗୁଡୁପୋଖରୀ-ଆନ୍ଧିଳିଗାଁ, ହସନାବାଦ-ଧୁଷୁରୀ, ଭଟସାହି-ମିର୍ଗାହାଟକୂଳ, ଦୋବଲ-କ୍ଷେଣ୍ଟପୁର ଆଦି ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେବାରୁ ଏହିସବୁ ରାସ୍ତାର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଛି । ରାସ୍ତାର ଉଭୟପାର୍ଶ୍ୱ ସହିତ ରାସ୍ତାର ମଧ୍ୟଭାଗରୁ ମାଟି, ମେଲ ଓ ମହରମ ଧୋଇ ଯାଇଛି । ଏପରିକି ରାସ୍ତାର ମଝିଭାଗ ଖାଲଖମା ହୋଇଥିବାରୁ ଯାତାୟତରେ ବ୍ୟାଘାତ ସୃଷ୍ଟି ହେଉଛି । ସବୁଠାରୁ ଚଳଚଂଚଳ ରାସ୍ତା ଭଦ୍ରକ-ଆଖଣ୍ଡଳମଣି ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡିଛି । ରାସ୍ତାର ବିଭିନ୍ନ ସ୍ଥାନରୁ ପିଚ ଓ କଂକ୍ରିଟ ଉଠି ଯାଇଛି । ଧୁଷୁରୀ ନିକଟସ୍ଥ ପାୟାସାହି ଠାରେ ବନ୍ୟାଜଳ ଏହି ରାସ୍ତା ଉପରେ ପ୍ରବାହିତ ହେବାରୁ ରାସ୍ତାର ସାଇଟ ୱାଲ ଭାଙ୍ଗିଯିବା ସହିତ ପଥର ମଧ ଭସାଇ ନେଇଛି । ଯାହାଫଳରେ ରାସ୍ତାର ମଧ ଭାଗ କଂକ୍ରିଟ ସଂପ୍ରସାରଣ ହୋଇ ବଡବଡ ଫାଟ ସୃଷ୍ଟି ହୋଇଛି । ଏହି ସ୍ଥାନଟି ପୂର୍ବରୁ ଅନେକ ସମୟରେ ଦୁର୍ଘଟଣା ପ୍ରବଣ ଚିହ୍ନଟ ହୋଇଥିବା ବେଳେ ଏବେ ରାସ୍ତାର ମଧ୍ୟଭାଗରୁ ପ୍ରାୟ ୨ଶହ ମିଟର ଫାଟ ଯୋଗୁଁ ଦୁର୍ଘଟଣା ଅଧିକ ଆଂଶକା ଦେଖାଦେଇଛି । ମଧ ଭାଗରେ ଫାଟ ଯୋଗୁଁ କୌଣସି ବାଇକ କିମ୍ବା ସାଇକେଲ ଚକ ପଶି ଗଲେ ନିଶ୍ଚିତ ଭାବେ ଦୁର୍ଘଟଣାର ସମ୍ମୁଖୀନ ହେବ । ବନ୍ୟା ଛାଡିବା ପରେ ଏହି ସ୍ଥାନରେ ଅନେକ ବାଇକ ଓ ସାଇକେଲ ଆରୋହୀ ମଧ ଦୁର୍ଘଟଣାର ସମ୍ମୁଖୀନ ହେଲେଣି । ଆଜି ପର୍ଯ୍ୟନ୍ତ ଏହି ଚଳଚଞ୍ଚଳ ରାସ୍ତା ମରାମତି ହୋଇନଥିବାରୁ ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଛି ।

## ଭାଲୁ କାମୁଡାରେ ବୃଦ୍ଧ ମୃତ

ଭୁବନ,୧୦।୯ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମରେ ଭାଲୁ କାମୁଡାରେ ଜନୈକ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ସୁରପ୍ରତାପପୁର ଗ୍ରାମର ନରହରି ମହାନ୍ତି(୫୯) ଗତକାଲି ଅପରାହ୍ନରେ ସାଇକେଲ ଧରି ବିଲକୁ ଘାସ ପାଇଁ ଯାଇ ରାତି ପର୍ଯ୍ୟନ୍ତ ନଫେରିବାରୁ ପରିବାର ବର୍ଗ ତାଙ୍କୁ ଖୋଜାଖୋଜି କରି ନିକଟସ୍ଥ ମୁଣ୍ଡା ଜଙ୍ଗଲରେ ଶବ ପଡିଥିବା ଦେଖିବାକୁ ପାଇଥିଲେ । ଏ ସଂପର୍କରେ ପୋଲିସକୁ ଖବର ଦେବାରୁ ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ମୁରଲୀଧର ନାୟକ ଘଟଣାସ୍ଥଳରେ ପହଁଚି ଶବ ଜବତ କରି ଭୁବନ ଡାକ୍ତରଖାନାକୁ ଆଣିଥିଲେ । ମୃତ ନରହରି ଙ୍କର ମୁହଁ , ହାତ, ଛାତି ଇତ୍ୟାଦି ସ୍ଥାନରେ ଆମ୍ପୁଡା, କାମୁଡା ଚିହ୍ନ ରହିଛି । ଆଜି ଶବ ବ୍ୟବଚ୍ଛେଦ କରାଯିବା ପରେ ଭାଲୁ କାମୁଡାରେ ନରହରି ଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଏ ସଂପର୍କରେ ଭୁବନ ଥାନାରେ କେଶ୍ ନମ୍ବର ୧୮/୨୦୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ଗ୍ରାମବାସୀ ନିର୍ମାଣ କଲେ ରାସ୍ତା

କେନ୍ଦୁଝର,୧୦।୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଶେଷ ସୀମାରେ ଥିବା ଯୋଡା ବ୍ଲକ ଅନ୍ତର୍ଗତ ବଡ଼ କାଳିମାଟି ପଂଚାୟତ ଅଧିନସ୍ଥ ପିଢ ପୋଖରୀ ଗ୍ରାମକୁ ଦେଶ ସ୍ୱାଧୀନ ହେବାର ୭୩ ବର୍ଷ ପରେ ମଧ ଅଦ୍ୟାବଧି ଭଲ ରାସ୍ତା ଖଣ୍ଡିଏ ନାହିଁ । ଯାହା କି ଜିଲ୍ଲା ବିକାଶର ଏକ ନଗ୍ନ ଉଦାହରଣ ପାଲଟିଛି । କେନ୍ଦୁଝର ଜିଲ୍ଲାରେ ପିଢ ପୋଖରୀ କେବଳ ମାତ୍ର ଗୋଟିଏ ଗ୍ରାମ ନୁହେଁ ଜିଲ୍ଲାରେ ଏଭଳି ଏକାଧିକ ଗ୍ରାମ ରହିଛି । କେଉଁ ଗ୍ରାମରେ ରାସ୍ତା ନଥିବାରୁ ରୋଗୀ ଡାକ୍ତରଖାନାରେ ପହଂଚିପାରେ ନାହିଁ କିମ୍ୱା ଆମ୍ବୁଲାନ୍ସ ଗ୍ରାମକୁ ଯାଇପାରେ ନାହିଁ । ଏପରି କି ଖୋଦ ଜିଲ୍ଲା ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ରେ ମଧ ଏପରି ଗ୍ରାମାଂଚଳ ରହିଛି ଯେଉଁ ଗ୍ରାମର ଛାତ୍ର ଛାତ୍ରୀମାନଙ୍କୁ ରାସ୍ତା ଅଭାବରୁ ପାଠ ପଢିବା ଲାଗି ନିଜ ଜୀବନକୁ ବାଜି ଲଗାଇ ଉଛୁଳା ନଦୀରେ ଡଙ୍ଗାରେ ଆହୁଲା ମାରି ଦୈନନ୍ଦିନ ବିଦ୍ୟାଳୟକୁ ଯାଇଥାଆନ୍ତି । ପିଢ ପୋଖରୀ ଗ୍ରାମବାସୀ ମାନେ ରାସ୍ତା ନିର୍ମାଣ ପାଇଁ ପଂଚାୟତଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଦୌଡି ଦୌଡି ନୟାନ୍ତ ହୋଇପଡିବା ପରେ ମଧ ସେମାନଙ୍କର ସମସ୍ୟାକୁ ଦୂର କରିବା ଦିଗରେ ପ୍ରଶାସନ ଆଗ୍ରହ ପ୍ରକାଶ କଲା ନାହିଁ । ପ୍ରଶାସନର ସହଯୋଗ ଆଶା ମଉଳି ଯିବା ପରେ ଶେଷରେ ଗ୍ରାମବାସୀ ମାନେ ବାଧ ହୋଇ ନିଜ ନିଜର ଶ୍ରମଦାନ କରି ରାସ୍ତା ନିର୍ମାଣ କରବାକୁ ଅଂଟା ଭିଡିଲେ । ଗତ ଫେବୃଆରୀ ମାସ ୨୮ ତାରିଖ ରେ ପଂଚାୟତ କାର୍ଯ୍ୟାଳୟ ଠାରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଏକ ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଜଙ୍ଗଲ ଜମିକୁ ଅଣ ଜଙ୍ଗଲରେ ପରିଣତ କରିବା ଗ୍ରାମବାସୀଙ୍କର ମୁଖ୍ୟ ଦାବି ରହିଥିଲା । ସଭାରେ ଉପସ୍ଥିତ ବଡ କାଳିମାଟି ପଂଚାୟତର ସରପଂଚ ତ୍ରୀବନ ଗାଗରାଇ, ବାମେବାରୀ ଫରେଷ୍ଟର ଜତିନ୍ଦ୍ର କୁମାର ସାହୁ ଏବଂ ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପୀତିମୟଙ୍କ ସହ ପିଢ ପୋଖରୀ ଓ ପୁରୁଣା ଡିହି ଅଂଚଳର ୱାର୍ଡ ସଭ୍ୟ, ସଭ୍ୟା ଓ ଜନ ସାଧାରଣ ଉପସ୍ଥିତ ରହି ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିଣତ କରିବା ପାଇଁ ସହମତି ପ୍ରକାଶ ପାଇଥିଲା । ସମଗ୍ର ଅଂଚଳବାସୀଙ୍କ ପାଇଁ ଏହି ରାସ୍ତାଟି ଯାତାୟତର ଏକ ମାତ୍ର ମାଧମ ହୋଇଥିବା ଦୃଷ୍ଟିରୁ ଏହାକୁ ପିଚୁ କରିବାର ଦାବୀ ଗ୍ରାମବାସୀଙ୍କର ପୂର୍ବରୁ ରହିଥିଲା । ସମସ୍ତ ଦିଗକୁ ବିଚାରକୁ ନେଇ ଦୁବୁନା ଠାରୁ ପିଢ ପୋଖରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ୭ କୋଟି ୭୧ ଲକ୍ଷ ୯୨ ହଜାର ଟଙ୍କା ମଞ୍ଜୁର ହେଲା । ରାସ୍ତା କାର୍ଯ୍ୟ ମଧ ଆରମ୍ଭ ହେଲା । କିନ୍ତୁ ବନ ବିଭାଗ ପକ୍ଷରୁ ଏହି ରାସ୍ତା କାମକୁ ବନ୍ଦ କରିଦିଆଗଲା । ଫଳରେ ଲଗାଣ ବର୍ଷା ଯୋଗୁଁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ଯାତାୟତ ଏକ ପ୍ରକାର ଠପ୍ ହୋଇଯାଇଥିଲା । ଏହି ପିଢପୋଖରୀ ଗ୍ରାମକୁ ସରକାର ୨୦୧୧ ବର୍ଷରେ ଆଦର୍ଶ ଗ୍ରାମ ଭାବେ ଭାବେ ଘୋଷଣା କରାଯାଇଥିଲା । କିନ୍ତୁ ତାପରେ ଗ୍ରାମଟିକୁ ସମ୍ପୂର୍ଣ୍ଣ ଭାବେ ଯେପରି ଭୁଲିଯାଇଥଲେ । ଇତି ମଧରେ ୯ ବର୍ଷ ବିତିଯାଇଛି, କିନ୍ତୁ ଆଜି ବି ଗ୍ରାମକୁ ଭଲ ପାଦ ଚଲା ରାସ୍ତାଟିଏ ନାହିଁ । ଯାହା କି ଜିଲ୍ଲାର ପ୍ରଚାର ସର୍ବସ୍ୱ ବିକାଶକୁ ଏକ ପ୍ରକାର ସ୍ପଷ୍ଟ କରିଛି । ପ୍ରଶାସନର ଏତାଦୃଶ୍ୟ ମନୋଭାବରେ ଅତିଷ୍ଠ ହୋଇ ସ୍ଥାନୀୟ ବାସିନ୍ଦା ଉମାକାନ୍ତ ବାରିକ, ଜନେଶ ପଲେଇ, ରବଟ ଲମାଗା, ପ୍ରଦୀପ ନାଏକ, ପାଣୁ ଦେହୁରୀ, ସୀମାନ୍ତ ଦେହୁରୀ, ସାମନ୍ତ ଦେହୁରୀ, ହେମନ୍ତ ଦେହୁରୀ ପ୍ରମୁଖ ନିଜସ୍ୱ ଅର୍ଥରେ ଜେସିବି ମେସିନ ଲଗାଇବା ରାସ୍ତାକୁ ସମତୁଲ କରିବା ସହିତ ନିଜେ ଶ୍ରମଦାନ କରି ରାସ୍ତାଟିକୁ ଯାତାୟତ ଉପଯୋଗୀ କରିପାରିଛନ୍ତି । ଯାହା କି ଅନ୍ୟ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ବେଳେ ସରକାର ତଥା ପ୍ରଶାସନର ତଥା କଥିତ ବିକାଶମୁଖୀ କାର୍ଯ୍ୟକ୍ରମ ପ୍ରତି ଶକ୍ତ ଧକ୍କା ସଦୃଶ୍ୟ ହୋଇଥିବା ସଂପର୍କରେ ପ୍ରକାଶ ପାଇଥିବା ମତକୁ ହୁଏତ ଅସ୍ୱୀକାର କରାଯାଇ ନପାରେ। ତେବେ କେବେ ଏହି ଗ୍ରାମ ଉପରେ ପ୍ରଶାସନର ଶୁଭ ଦୃଷ୍ଟି ପଡୁଛି ତାହା ଦେଖିବାକୁ ବାକି ରହିଲା ।

# ଗୋଷେଇଁ ଗୁଲୁମୁଣ୍ଡା ଠାରେ ବାଲିଯାତ୍ରା ଅନୁଷ୍ଠିତ

ଗୁଣୁପୁର,୧୦।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ରାମନାଗୁଡା ବ୍ଲକ ଗୋସେଇଁ ଗୁଲୁମୁଣ୍ଡା ଠାରେ ପ୍ରତି ବର୍ଷ ଆଶ୍ୱିନ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ କୃଷି ଭିତ୍ତିକ ପର୍ବ ବାଲି ଯାତ୍ରା ପାଳନ କରାଯାଏ । ବାଲିଯାତ୍ରା ହେବା ୯ ଦିନ ପୂର୍ବରୁ ବିଭିନ୍ନ ନଦୀରୁ ବାଲି ଅଣାଯାଇ ଗ୍ରାମର ମାଝିଗୌରୀ ମନ୍ଦିରରେ ରଖାଯାଏ। ସେହି ବାଲିରେ ବିଭିନ୍ନ ପ୍ରକାର ଶସ୍ୟର ମି ବୁଣାଯାଏ। ସେହି ମିରୁ ଗଛ ଉଠିବାକୁ ଦେଖି ଚଳିତ ବର୍ଷର ଶସ୍ୟ ଅମଳ ବିଷୟରେ ପୂର୍ବାନୁମାନ କରାଯାଏ । ଯଦି ଗଜା ଠିକ ଭାବେ ଉଠିଲେ ସେହି ବର୍ଷ ଭଲ ଅମଳ ହୁଏ ବୋଲି ଲୋକଙ୍କ ବିଶ୍ୱାସ କରନ୍ତି । ରାୟଗଡାର ପ୍ରସିଦ୍ଧ ମା ମାଝିଗୌରୀ ଙ୍କ ମନ୍ଦିର ସହିତ ଏହି ମନ୍ଦିରର ପୂର୍ବରୁ ସମ୍ପର୍କ ରହିଛି । ପୂର୍ବେ ଏହି ବାଲିଯାତ୍ରା ରେ ଶହ ଶହ ବଳି ପଡୁଥିଲା, କିନ୍ତୁ ବର୍ତ୍ତମାନ ତାହା ବନ୍ଦ ହୋଇଯାଇଛି । ଲୋକେ କ୍ୱେଳ ନଡ଼ିଆ କୋରା ଓ ଉଖୁଡା ଭୋଗ ଦେଇ ପୂଜା କରୁଛନ୍ତି । ପୂଜା ସରିବା ପରେ ପୂଜକ କଣ୍ଟା ଦୋଳିରେ ବସି ଝୁଲନ୍ତି । ଏହାପରେ ଠାକୁରାଣୀଙ୍କ ଘଟ ଗ୍ରାମରେ ପରିକ୍ରମା କରାଯାଏ ଓ ଗ୍ରାମର ପ୍ରତି ଘରେ ଘଟ ରଖି ପୂଜା କରିଥାନ୍ତି । ଏହି ଯାତ୍ରା ରେ ଗୋବିନ୍ଦ ସେନାପତି, ବିସିକେଶନ ରଥ, କିଶୋର ଚନ୍ଦ୍ର ରଥ, ଗୁପ୍ତେଶ୍ୱର ମିଶ୍ର, ଦୁର୍ଗା ପ୍ରସାଦ ମିଶ୍ର ଓ ଡମ୍ବରୁ ସେନାପତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସମସ୍ତ ବିଧି ବିଧାନର ସହ ମାଙ୍କ ଯାତ୍ରାର ପୂଜାକର୍ମ କରିଥିଲେ ପୂଜକ କିଶୋର ଚନ୍ଦ୍ର ରଥ।

## ଟ୍ରକ ଧକ୍କାରେ ବାଇକ ଚୁରମାର, ଅଳ୍ପକେ ବର୍ତ୍ତିଲେ ଆରୋହୀ

କୋରେଇ,୧୦।୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ସୋତି ନିକଟରେ ବୁଧବାର ଦିନ ଏକ ଟ୍ରକ ଧକ୍କାରେ ବାଇକଟି ଚୁରମାର ହୋଇଯାଇଥିଲେ ମଧ୍ୟ ସୌଭାଗ୍ୟ ବଶତଃ ବାଇକ ଆରୋହୀ ଜଣକ ଡ଼େଇଁ ପଳାଇବାରୁ ଅଳ୍ପକେ ବଂଚିଯାଇଛନ୍ତି । ମିଳିଥିବା ସୁଚନାନୁସାରେ ଏହି ଥାନା ଅନ୍ତର୍ଗତ ସୋତି ଗ୍ରାମର କୃତିବାସ ଖଣ୍ଡାଇଙ୍କ ପୁଅ ଦୀପକ ନିଜ ହିରୋ ସ୍ପ୍ଲେଣ୍ଡର ବାଇକ( ଓଆର୦୪ଏମ୨୬୯୦) ଯୋଗେ ପାଣିକୋଇଲି ବଜାରକୁ ଆସୁଥିବା ବେଳେ ପାଣିକୋଇଲି ଆଡ଼କୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ (ଓଡ଼ି୨୧ଏଫ୨୦୧୦) ଏକ ଗାଈକୁ ବଂଚାଇବାକୁ ଯାଇ ଦୀପକଙ୍କ ବାଇକକୁ ଧକ୍କା ଦେଇଥିଲା । କିନ୍ତୁ ଦୀପକ କୌଣସି ମତେ ଟ୍ରକଟିକୁ ଦେଖିପାରି ଡ଼େଇଁ ପଳେଇଯାଇଥିଲେ । ଫଳରେ ତାଙ୍କର ବାଇକଟିକୁ ଟ୍ରକଟି ଚାପି ଦେଇ କିଛିବାଟ ଘୋଷାରି ନେଇଥିଲା । ଫଳରେ ବାଇକଟି ସମ୍ପୁର୍ଣ୍ଣ ଭାଙ୍ଗିରୁଜି ଚୁରମାର ହୋଇଯାଇଛି । ଖବର ପାଇ ପାଣିକୋଇଲି ଥାନା ପୁଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।

# ପୁଷ୍ଟିକର ମାଣ୍ଡିଆ ଲୋପ ପାଇବାରେ ବସିଲାଣି

ନୂଆପଡା,୧୦।୯ (ନି.ପ୍ର): ମାଣ୍ଡିଆ ଏକ ପୁଷ୍ଟିକର ଓ ସୁସ୍ୱାଦୁ ଖାଦ୍ୟ । ନୂଆପଡା ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ଭାବରେ ପରିଗଣିତ ଥିବା ବେଳେ ଏଠାକାର ୮୦ ପ୍ରତିଶତ ଲୋକେ କୃଷି କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି । ଆଦିବାସୀ ମାନଙ୍କ ପାଇଁ ମାଣ୍ଡିଆ ଏକ ପ୍ରମୁଖ ଖାଦ୍ୟ ରୂପରେ ପରିଗଣିତ ହୁଏ । ଆଗେ ମାଣ୍ଡିଆ ଚାଷ ପ୍ରଚୁର ପରିମାଣରେ କରାଯାଉଥିବା ବେଳେ ଏବେ ଏହା କମି କମି ଯାଇ ଲୋପ ପାଇବାରେ ବସିଲାଣି । ଜଙ୍ଗଲରେ ରହୁଥିବା ଆଦାବାସୀ ଓ ହରିଜନ ଶ୍ରେଣୀର ଲୋକ ମାନେ ଜଙ୍ଗଲର ଅନା ବନା ଘାସକୁ ପୋଡି ସେଥିରେ ମାଣ୍ଡିଆ ରୋପଣ କରି ଚାଷ କରୁଥିଲେ । ଧାନ ପରି ମାଣ୍ଡିଆକୁ ମଧ୍ୟ ପ୍ରଥମେ ତଳି ପକାଯାଏ ଓ ଚାରାକୁ ମାଟିରେ ଚଷି କିମ୍ବା ଖନନ କରି ରୋପଣ କରାଯାଇଥାଏ । ଏହା ପାଇଁ ଚାଷୀଙ୍କୁ ୪/୫ ଦିନ ରୋପଣ ପାଇଁ ସମୟ ଦେବାକୁ ପଡିଥାଏ ଏବଂ ପରିବାର ଲୋକେ ରୋପଣ କରିଥାନ୍ତି । ସାଧାରଣତଃ ମାଣ୍ଡିଆ ୩ ମାସ ମଧରେ ଏହା ଉତ୍ପାଦିତ ହୋଇଥାଏ । ଆଷାଢରେ ତଳି ପକାଯାଇ ଶ୍ରାବଣ ମଧରେ ରୋପଣ କରାଯାଏ ଏବଂ ଆଶ୍ୱିନ ମାସରେ ଅମଳ କରାଯାଇଥାଏ । ଆଗେ ଲୋକେ ମାଣ୍ଡିଆ ଯାଉକୁ ପ୍ରମୁଖ ଖାଦ୍ୟ ଭାବରେ ଗ୍ରହଣ କରୁଥିଲେ । ଏହା ବିଶେଷ କରି ପେଟକୁ ଥଣ୍ଡା ରଖୁଥିବାରୁ ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ଚିକିତ୍ସା ବିଜ୍ଞାନୀ ମତ ଦେଇଛନ୍ତି । ଖରା ଦିନରେ ସାଗ ସହିତ ମାଣ୍ଡିଆ ଯାଉ ଖାଇବାର ମଜା ସଂପୂର୍ଣ୍ଣ ନିଆରା ଅଟେ । ଆଗେ ସହଜ ଓ ସୁଲଭ ମୂଲ୍ୟରେ ଏହା ମିଳୁଥିବା ବେଳେ ବିକ୍ରିରେ ଲାଭ ହେଉନଥିବାରୁ ଚାଷୀ ମାନେ ଚାଷ କରିବାକୁ ପ୍ରସ୍ତୁତ ନୁହଁନ୍ତି । କମ୍ ପରିମାଣରେ ଚାଷ ହେଉଛି ଓ ସହରର ଠେଲାଗାଡି ମାନଙ୍କରେ ମାଣ୍ଡିଆ ଯାଉ ବିକ୍ରି ହେଉଛି । ମାଣ୍ଡିଆ ପିଠାର ମଧ ସ୍ୱତନ୍ତ୍ରତା ରହିଛି । ଖରାଦିନରେ ସରବତ ବଦଳରେ ମାଣ୍ଡିଆ ଯାଉ ଅତିଥିଙ୍କ ଦେଇ ଆପ୍ୟାୟିତ କରାଯାଉଥିଲା । ଏବେ ଏହାର ଚାହିଦା ବଢୁଥିଲେ ମଧ ଚାଷ କମି ଗଲାଣି । ଯୁବପିଢୀ ଚାଷ କାର୍ଯ୍ୟରେ ମନ ଦେଉନଥିବା ବେଳେ ଅଂଚଳର ବିଭିନ୍ନ ଚାଷ କାର୍ଯ୍ୟରେ ବ୍ୟାହତ ହେଉଛି । ଜିଲା କୃଷି ବିଭାଗ ମାଣ୍ଡିଆ ଚାଷ ଉପରେ ସଚେତନ କରିବାର ସମୟ ଆସିଛି । ନଚେତ୍ ଏହିଚାଷ ଓ ବିହନ ଲୋପପାଇ ଯିବାର ଯଥେଷ୍ଟ ସମ୍ଭାବନା ରହିଛି ।

# ବାରିପଦା ପି.ଆର.ଏମ. ମେଡିକାଲର ବହୁ ଚର୍ଚ୍ଚିତ ଶିଶୁ ବଦଳ ଘଟଣା : ଦୀର୍ଘ ୪ମାସ ପରେ ମାଆ କୋଳକୁ ଫେରିଲା ସନ୍ତାନ

## ମାଆ କୋଳ ଶୂନ୍ୟ କରି ଦୀର୍ଘ ୪ମାସ ଧରି ହସପିଟାଲ ହେପାଜତରେ ଥିଲା ବିବାଦୀୟ ଶିଶୁ

ବାରିପଦା,୧୦।୯ (ନି.ପ୍ର): ଦୀର୍ଘ ଦିନ ପରେ ବହୁଚର୍ଚ୍ଚିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲ ଶିଶୁ ଅଦଳ ବଦଳ ଘଟଣାରେ ଏକ ପ୍ରକାର ଯବନିକା ପଡ଼ିଛି । ଜନ୍ମଦାତ୍ରୀ ମାଆ ରଇବରୀ ଏବଂ ପିତା ବ୍ରଜମୋହନ ସିଂଙ୍କ କୋଳକୁ ଫେରିଛି ଜୀବିତ ଶିଶୁ। ଦୀର୍ଘଦିନ ହେବ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲରେ ଥିବା ଜୀବିତ ଶିଶୁଟିକୁ ଜନ୍ମଦାତା ପିତା ମାତାଙ୍କୁ ଫେରାଇବାକୁ ଚଳିତ ମାସ ୩ ତାରିଖରେ ବାରିପଦା ଜିଲ୍ଲା ଦୌରାଜଜ ଶ୍ରୀଯୁକ୍ତ ଏସ.ଆର. ବହିଦାର ଉଭୟ ପକ୍ଷର ମାମଲା ବିଚାର କରି ରାୟ ଦେଲାପରେ ଏହା ସମ୍ଭବ ହୋଇଛି । ଗତକାଲି ପି.ଆର.ଏମ. ହସ୍ପିଟାଲରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ବ୍ରଜ ମୋହନ ଏବଂ ରଇବରୀ ତାଙ୍କର ଶିଶୁ ପୁତ୍ରକୁ ଘରକୁ ନେଇଥିଲେ । ଦିର୍ଘ ଦିନପରେ ମାଆ ନିଜ କୋଳରେ ପିଲାକୁ ଧରି ନିଜର ଭାବାବେଗକୁ ସମ୍ଭାଳି ପାରିନଥିଲେ । ନିଜ ଜନ୍ମକଲା ଶିଶୁକୁ କୋଳରେ ଧରି ନିଜ ମାତୃ ପଣିଆର ସାର୍ଥକତାକୁ ଅନୁଭବ କରିବାରେ ଦୀର୍ଘ୧୨୦ଦିନ ଧରି ପାଚେରି ହୋଇ ଛିଡା ହୋଇଥିଲା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲ କର୍ତୃପକ୍ଷଙ୍କ ସାମାନ୍ୟ ଅସାବଧାନତା । ତେବେ ନିଜ ଛୁଆକୁ ଘରକୁ ନେଇ ବେଶ ପ୍ରଫୁଲ୍ଲିତ ଥିଲେ ଉଭୟ ପତି ପତ୍ନୀ । ଦୀର୍ଘ ଦିନର ସଂଘର୍ଷ ଏବଂ ନ୍ୟାୟିକ ଲଢେଇର ଫଳ ମିଳିଥିବା ପ୍ରକାଶ କରିଥିଲେ ସ୍ୱାମୀ ସ୍ତ୍ରୀ । ଜୀବିତ ଶିଶୁର ଡିଏନଏ ରିପୋର୍ଟ ବ୍ରଜ ମୋହନ ଏବଂ ରଇବାରି ସିଂଙ୍କ ସହିତ ମିଶୁ ଥିବାରୁ ଉକ୍ତ ଶିଶୁଙ୍କୁ ତାଙ୍କୁ ହସ୍ତାନ୍ତର କରିବାକୁ କୋର୍ଟ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ସଂରକ୍ଷିତ ହୋଇ ରହିଥିବା ମୃତ ଶିଶୁର ବ୍ୟବଚ୍ଛେଦ ପରେ ପ୍ରଶାସନ ପକ୍ଷରୁ ତା'ର ଶେଷକୃତ୍ୟ କରାଯାଇଛି । ମୃତ ଶିଶୁଟି କିନ୍ତୁ ନିଜ ଜନ୍ମକଲା ପିତା ମାତାଙ୍କ ପାଖକୁ ଫେରିପାରିନି । କୋର୍ଟ ମଧ୍ୟ ଏହି ଘଟଣାକୁ ଦୁର୍ଭାଗ୍ୟ ଜନକ କହିବା ସହିତ ଦୁଃଖ ପ୍ରକାଶ କରିଥିଲେ । କାରଣ ଉକ୍ତ ମୃତ ଶିଶୁକୁ ନେବାକୁ କେହି ମଧ୍ୟ ଆଗେଇ ଆସି ନ ଥିଲେ । ଉଲ୍ଲେଖ ଯୋଗ୍ୟଯେ ମେ ୧୧ରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏହି ଶିଶୁ ଅଦଳ ବଦଳ ଘଟଣା ପଦାକୁ ଆସିଥିଲା । ଉଭୟ ଶିଶୁଙ୍କ ମାଙ୍କ ନାମ ରାଇବରୀ ସିଂ



(ସମାନ) ଥିବାରୁ ଦ୍ୱନ୍ଦ୍ୱ ଉପୁଜିଥିଲା । ଏପ୍ରିଲ ମାସ ୨୬ ତାରିଖରେ ଶ୍ୟାମାଖୁଂଟା ବ୍ଲକ ଅନ୍ତର୍ଗତ ପୋଡ଼ାଅସ୍ତିଆ ଜାମବଣି ଗ୍ରାମର କାର୍ତିକ ସିଂ ଙ୍କ ପତ୍ନୀ ରଇବାରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ଶିଶୁର ଅବସ୍ଥା ଭଲ ନଥିବାରୁ ତାଙ୍କୁ ଶିଶୁ ବିଭାଗର ଏସ୍‌ନସିୟୁରେ ରଖାଯାଇଥିଲା । ଅନ୍ୟପକ୍ଷରେ ଶ୍ୟାମାଖୁଂଟା ବ୍ଲକ୍ ପୋଡ଼ାଅସ୍ତିଆ ଅନ୍ତର୍ଗତ ଧାଡ଼ଧୁଡ଼ ଗ୍ରାମର ବ୍ରଜମୋହନ ସିଂଙ୍କ ପତ୍ନୀ ରଇବାରୀ ସିଂ ମଧ୍ୟ ମେ ମାସ ୪ ତାରିଖରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ବ୍ରଜ ମୋହନଙ୍କର ୪ରେ ପୁଅ ଜନ୍ମ ହୋଇ ଥିବାବେଳେ ୫ ତାରିଖରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା । ଉକ୍ତ ଶିଶୁଟି ମଧ୍ୟ ଏସଏନସିୟୁରେ ଥିଲା । ମାତ୍ର ଡିସ୍‌ଚାର୍ଜ ସମୟରେ ବ୍ରଜମୋହନଙ୍କ ଶିଶୁପୁତ୍ରକୁ କାର୍ତ୍ତିକଙ୍କୁ ମାଆର ନାମ ସମାନ ଥିବା କାରଣରୁ ଭୂଲ ବଶତ ପ୍ରଦାନ କରାଯାଇଥିବା ହସ୍ପିଟାଲ କର୍ତୃପକ୍ଷ ଏକପ୍ରକାର ସ୍ୱୀକାର କରିଥିଲେ । ଏନେଇ ହସ୍ପିଟାଲ କର୍ତୃପକ୍ଷ କହିଛନ୍ତି ଯେ, କାର୍ତ୍ତିକ ଜାଣିଶୁଣି ନିଜ ପୁଅକୁ ଛାଡ଼ି ବ୍ରଜମୋହନଙ୍କ ପୁଅକୁ ନେଇ ଯାଇଥିଲେ । ତେବେ ଯଦି ଶିଶୁ ପୁତ୍ରକୁ ଜାଣିଶୁଣି କାର୍ତିକ ବଦଳ କରି ନେଇଥିଲେ ତେବେ ମେ୫ ତାରିଖରୁ ୧୧ ତାରିଖ ଭିତରେ ହସପିଟାଲ କର୍ତୃପକ୍ଷ କୌଣଷି ଅଭିଯୋଗ କରିନଥିଲେ କାହିଁକି ? ହସ୍ପିଟାଲ କର୍ତୃପକ୍ଷ କିପରି ଏପରି ବେପରୁଆ ଭାବେ କିଛି ଅନୁସନ୍ଧାନ ନକରି ଜଣଙ୍କ ସନ୍ତାନଙ୍କୁ ଅନ୍ୟଜଣଙ୍କୁ ଦେଲେ ତାହା ଏକ ବିରାଟ ପ୍ରଶ୍ନବାଚୀ । ତେବେ ସମସ୍ୟା ଉପୁଜିଥିଲା ଯେତେବେଳେ ୨୬ ତାରିଖରେ ଜନ୍ମ ହୋଇଥିବା ଶିଶୁପୁତ୍ରଟି ମେ ୧୧ ତାରିଖରେ ମୃତ୍ୟୁବରଣ କରିଥିଲା । ଏସଏନସିୟୁରେ ଥିବା ଉକ୍ତ ଶିଶୁପୁତ୍ରର ଯୋଗାଯୋଗ ନମ୍ବରରେ କାର୍ତିକଙ୍କର ନମ୍ବର ଥିଲା । ତେଣୁ ମୃତ ଶିଶୁପୁତ୍ରକୁ ନେଇଯିବାକୁ କାର୍ତ୍ତିକଙ୍କୁ ଶିଶୁ ବିଭାଗରୁ ଫୋନ୍ ଯାଇଥିଲା । ମାତ୍ର କାର୍ତିକ ନିଜର ଶିଶୁପୁତ୍ର ନେଇସାରିଛି ଏବଂ ସୁସ୍ଥ ଅବସ୍ଥାରେ ଘରେ ଥିବା କହିଥିଲେ । ଏଣୁ ଶିଶୁଟିକୁ କିଛି ଟିକା ଦେବାର ବାକି ଅଛି ବୋଲି କହି ଫୋନ ମାଧମରେ ଏସଏନସିୟୁକୁ ବିଭାଗୀୟ କର୍ମଚାରୀ ଡକାଇଥିଲେ । ଡାକ୍ତରଖାନାରେ ପହଂଚିବା ପରେ ଶିଶୁକୁ ଏସଏନସିୟୁ ବିଭାଗର ନର୍ସ ମାନେ ଟୀକା ଦେବା ବାହାନାରେ ଭିତରକୁ ନେଇ ଯିବାର କିଛି ସମୟ ପରେ ନର୍ସ ଜଣଙ୍କ ଶିଶୁଟି ମରିଯାଇଛି ବୋଲି କହିଥିଲେ । ଯାହାକୁ ନେଇ ବିବାଦ ଉପୁଜିଥିଲା । ଏହି ଘଟଣା ପାଇଁ କାର୍ତ୍ତିକଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଧାରଣା ଦିଆଯାଇଥିଲା । ଉତ୍ୟକ୍ତ ଲୋକେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ମଧ୍ୟ କରିଥିଲେ । ଘଟଣାକୁ ନେଇ ବାରିପଦାରେ ବେଶ୍ କିଛି ଦିନ ଧରି ଉତେଜନା ଲାଗି ରହିଥିଲା ।

# ପୁଅର ହତ୍ୟାକାରୀକୁ ଧରିବାରେ ପୁଲିସ୍‌ର ଟାଳଟୁଳ ନୀତି : ପରିବାର ତରଫରୁ ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, ୧୦/୯ (ହି.ସ.) - ଏହି ଜିଲାର ଚାନ୍ଦବାଲି ଥାନା ଅନ୍ତର୍ଗତ ମତୋ ପାଟଣା ସାହିର ନରେନ୍ଦ୍ର ମହାନ୍ତିଙ୍କ ପୁଅ କାଳିଆକୁ ଚଳିତବର୍ଷ ଫେବୃୟାରୀ ମାସ ୨୭ ତାରିଖ ଦିନ ହତ୍ୟା କରି ଏକ ନିଛାଟିଆ ଜାଗାରେ ଗେଟେ ଗଛରେ ଝୁଲାଇ ଦିଆଯାଇଥିଲା । ଘଟଣାକୁ ୭ ମାସ ପୂରି ଯାଇଥିଲେ ବି ଚାନ୍ଦବାଲି ପୁଲିସ୍ ଅଭିଯୁକ୍ତମାନଙ୍କୁ ଧରିବାର ନା ଧରୁନଥିବାକୁ ପରିବାର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ମୃତ ପ୍ରଫୁଲ୍ଲଙ୍କ ପିତା ନରେନ୍ଦ୍ର ମହାନ୍ତି, ମାତା କମଳିନୀ ମହାନ୍ତି ପ୍ରମୁଖ ପୁଲିସ୍‌ର ଖାମଖିଆଲି ନୀତିକୁ ତୀବ୍ର ସମାଲୋଚନା କରିଛନ୍ତି । ସେମାନଙ୍କର ଅଭିଯୋଗ ଥାନାକୁ ଦୌଡି ଦୌଡି ନୟାନ୍ତ ହୋଇସାରିଲିଣି, ହେଲେ ପୁଲିସ୍ ଏଯାଏଁ ଅଭିଯୁକ୍ତମାନଙ୍କୁ ଗିରଫ କରୁନାହିଁ । ପରିବାର ତରଫରୁ ଏ ବାବଦରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ପୁଲିସ୍ ଡିଜି, ମୁଖ୍ୟ ବିଚାରପତି, ପୁଲିସ୍ ଆଇଜିଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀଙ୍କ ଅବଗତି ନିମନ୍ତେ ଜଣାଇଛନ୍ତି । ଅଭିଯୋଗ ବାବଦରେ ଥାନା ଅଧିକାରୀ ପ୍ରଜ୍ଞାହ ମହାନ୍ତିଙ୍କୁ ପଚାରିବାରୁ ୫ ଜଣ ଅଭିଯୁକ୍ତମାନଙ୍କୁ ପୁଲିସ୍ ଚିହ୍ନଟ କରିସାରିଛି, ସେମାନଙ୍କୁ ଲାଏ ଡିଟେକସନ ପାଇଁ ଅଦାଲତରେ ପ୍ରାର୍ଥନା କରାଯାଇଛି ଖୁବଶୀଘ୍ର । ତେବେ ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି ।

# ତାମିଲନାଡୁ ରାଜ୍ୟର ବସ୍‌କୁ ପର୍ମିଟ ଓ ଟ୍ୟାକ୍ସ ନଥିବାରୁ ୧୯ ହଜାର ଟଙ୍କା ଜୋରିମାନା

## ବସ୍‌ଟି ଶ୍ରମିକମାନଙ୍କୁ ଆଣିବା ପାଇଁ ବଲାଙ୍ଗୀର ଯାଉଥିଲା

ରାୟଗଡ଼ା,୧୦।୯ (ନି.ପ୍ର): ଆଜି ରାୟଗଡ଼ା ସଦର ପିତାମହଲ୍ ଛକଠାରେ ତାମିଲନାଡୁ ରାଜ୍ୟର ଏକ ଘୋରୋଇ ବସ୍‌ଟି ଦେଖିବାକୁ ମିଳିଥିଲା । ଏହି ବସ୍‌ଟି ଦାଦନ ଶ୍ରମିକଙ୍କୁ ନେବା ପାଇଁ ତିରୁପୁରରୁ ଆସିଛି । ଏହା ବଲାଙ୍ଗୀର ଜିଲ୍ଲା ବେଲପଡା ରୁ ଦାଦନ ଶ୍ରମିକ ଆଣିବା ପାଇଁ ଯାଉଥିଲା । ତିରୁପୁର ଠାରେ ଥିବା ଏକ ସୂତାକଳକୁ ଦାଦନ ଖଟିବା ପାଇଁ ଏଠାକାର ଶ୍ରମିକଙ୍କୁ ନେବା ପାଇଁ ବସ୍‌ଟି ଆସିଥିବା ଜଣାପଡିଛି । ଦୁଇ ଜଣ ଡ୍ରାଇଭର ଏସ୍ ରବି ଓ ପି ନାରାୟଣ ଏହି ବସ୍‌ରେ ଥିଲେ । ଏବଂ ପିତାମହଲ ନିକଟରୁ ବସ୍‌ଟିକୁ ରାୟଗଡ଼ା ଆରଟିଓ ଜବତ କରିଛନ୍ତି । ବସ୍‌ର କେବଳ ଇପାସ ଥିବାବେଳେ କୌଣସି ଟ୍ୟାକ୍ସ କିମ୍ବା ପର୍ମିଟ୍ ନଥିବା ଆର୍‌ଟିଓ ପ୍ରକାଶ କରିଛନ୍ତି । ଏନେଇ ଆରଟିଓ ଦିଲ୍ଲୀପ କୁମାର ଦଳାଇ ବସଟିକୁ ୧୯ ହଜାର ଟଙ୍କା ଜରିମାନା କରିଛନ୍ତି ।

# ବାଘାଯତୀନଙ୍କ ୧୦୫ ତମ ପୂଣ୍ୟ ତିଥି ଅବସରରେ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ




ଉଦଳା, ୧୦।୯ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଆଜି ସେପ୍ଟେମ୍ବର ୧୦ ତାରିଖ ଗୁରୁବାର ଦିନ ସ୍ୱାଧିନତା ସଂଗ୍ରାମୀ କ୍ରାନ୍ତିକାରୀ ବାଘାଯତୀନଙ୍କ ପୂଣ୍ୟ ତିଥି ଅବସରରେ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । କରୋନା ପାଇଁ ସମସ୍ତଙ୍କୁ ଏକାଠି କରି କାର୍ଯ୍ୟକ୍ରମ କରିବା ସମ୍ଭବ ନହେବାରୁ ମୋବାଇଲର ଗୁଗୁଲ ମିଟ ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବ ପ୍ରସ୍ତୁତି ଅନୁସାରେ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା ସମସ୍ତଙ୍କ ନିକଟକୁ ଲିଙ୍କ ପଠାଇବା ସହିତ ଫୋନ କରି କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମ ପରିଚାଳନା ପାଇଁ ଉଦଳା ସହରର ୱାର୍ଡ଼ ନଂ-୩ ଠାରେ ଏକ ଅସ୍ଥାୟୀ ଷ୍ଟୁଡ଼ିଓ ଖୋଲା ଯାଇଥିଲା । ଷ୍ଟୁଡ଼ିଓ ମଧ୍ୟରେ ପ୍ରଥମେ ବାଘାଯତୀନଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ସେବାଟ୍ରଷ୍ଟର ସଭାପତି ଶ୍ରୀମତୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଇନଜୀବି ବସନ୍ତ କୁମାର ପରିଡ଼ା, ସଂଗଠକ ମନୋରଂଜନ ମଲ୍ଲିକ, ସାମ୍ବାଦିକ ସୁଶାନ୍ତ ମିଶ୍ର, ଶିକ୍ଷାବିତ ପ୍ରଫୁଲ୍ଲ ମହାଳିକ, ଶିକ୍ଷକ କରୁଣାକର ନାୟକ ପ୍ରମୁଖ ଅଂଶ ଗ୍ରହଣ କରି ଦେଶକୁ ସ୍ୱାଧିନ କରିବାରେ ବାଘାଯତୀନଙ୍କ ଭୂମିକା କିପରି ଥିଲା ଓ କପ୍ତିପଦା ସହିତ ତାଙ୍କର ସମ୍ପର୍କ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରଫୁଲ୍ଲ କୁମାର ଖିଲାର, ସତ୍ୟବ୍ରତ ମିଶ୍ର, ଅକ୍ଷୟ ଦାସ, ସର୍ବେଶ୍ୱର ମହାପାତ୍ର, ନମିତା ରାଉତ, ଅନୀତା ବିଶ୍ୱାଳ, ରୁକ୍ମଣୀ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମମତା ମଣ୍ଡଳ, ମମତା ସାହୁ, ବେଣୁଧର କଣ୍ଡାବାଉଁଶିଆ, ମହେନ୍ଦ୍ର ମାର୍ଣ୍ଡି ସ୍ୱପ୍ନେଶ୍ୱର ନାୟକ, ପ୍ରିୟଙ୍କା ମହାପାତ୍ର, ସ୍ୱର୍ଣ୍ଣଲତା ବେହେରା, ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର, ୧୦।୯ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୬୮୭ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨୪୦୧୯ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୧୫୪୬, ବାଲେଶ୍ୱର ଜିଲ୍ଲାରେ ୪୭୦୪, ବରଗଡ ଜିଲ୍ଲାରେ ୩୯୪୧, ଭଦ୍ରକ ଜିଲ୍ଲାରେ ୩୫୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୨୫୫୨ . ବୌଦ୍ଧ ଜିଲ୍ଲାରେ ୯୬୭, କଟକ ଜିଲ୍ଲାରେ ୧୧,୯୧୧, ଦେବଗଡ ଜିଲ୍ଲାରେ ୩୩୪, ଢେଙ୍କାନାଳ ଜିଲ୍ଲାରେ ୨୩୧୧. ଗଜପତି ଜିଲ୍ଲାରେ ୩୦୯୮, ଗଂଜାମ ଜିଲ୍ଲାରେ ୧୮୯୭୮, ଜଗତସିଂହପୁର ଜିଲ୍ଲାରେ ୨୬୬୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୫୩୫୪ , ଝାରସୁଗୁଡା ଜିଲ୍ଲାରେ ୨୧୯୭, କଳାହାଣ୍ଡି ଜିଲ୍ଲାରେ ୧୭୮୯, କନ୍ଧମାଳ ୨୬୬୨, କେନ୍ଦ୍ରାପଡା ଜିଲ୍ଲାରେ ୨୬୫୭, କେନ୍ଦୁଝର ଜିଲ୍ଲାରେ ୨୬୫୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୪୪୬୮ , ମାଲକାନଗିରି ଜିଲ୍ଲାରେ ୨୬୪୭, ମୟୁରଭଂଜ ଜିଲ୍ଲାରେ ୫୨୫୩. ନବରଙ୍ଗପୁର ଜିଲ୍ଲାରେ ୧୭୫୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୫୮୯, ନୂଆପଡା ଜିଲ୍ଲାରେ ୧୧୯୧ , ପୁରୀ ଜିଲ୍ଲାରେ ୫୫୫୯, ରାୟଗଡା ଜିଲ୍ଲାରେ ୫୮୦୮. ସମ୍ବଲପୁର ଜିଲ୍ଲାରେ ୩୬୪୩ . ସୁବର୍ଣ୍ଣପୁର ଜିଲ୍ଲାରେ ୧୪୮୯ ଓ ସୁନ୍ଦରଗଡ ଜିଲ୍ଲାରେ ୫୨୬୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଉତ୍ତର ବାଲେଶ୍ୱରର ଗର୍ବ ଓ ଗୌରବ ଓୟୁଏଟି ପ୍ରାଧ୍ୟାପକଙ୍କୁ ଆନ୍ତର୍ଜାତୀୟ ଏସିଆନ୍ ଏଜୁକେସନ୍ ଆୱାର୍ଡ ପ୍ରଦାନ



ଜଳେଶ୍ୱର, ୧୦।୯ (ନି.ପ୍ର): ଜଳେଶ୍ୱର ମାଟିର ସୁଯୋଗ୍ୟ ସନ୍ତାନ ତଥା ଲାଖ ଚାଷର ଜନକଭାବେ ପରିଚିତ, ଓୟୁଏଟିର ପ୍ରାଧ୍ୟାପକ ଡ. ରଂଜନ କୁମାର କରଙ୍କୁ ଆନ୍ତର୍ଜାତୀୟ ଏସିଆନ୍ ଏଜୁକେସନ୍ ଆୱାର୍ଡ ପ୍ରଦାନ କରାଯାଇଛି । କାଇଟସ୍ ଏଜୁକେସନ୍, ଫାଉଣ୍ଡର ସାର୍କଲ ଅଫ ଲାଇଫ ଓ ବ୍ରେନ୍ ପାୱାର ସର୍ଭିସେସ୍ ଦ୍ୱାରା ୨୦୨୦ରେ ଡ. କରଙ୍କୁ ଏହା ମିଳିଥିବା ଜଣାଯାଇଛି । ସେ ଏବେ ଓୟୁଏଟିରେ ବନବିଜ୍ଞାନର ପ୍ରାଧ୍ୟାପକଭାବେ କାର୍ଯ୍ୟରତ । ପଣ୍ଡିତ ଦୁର୍ଗାରାମ କର ଓ ଅନୀତା କରଙ୍କ ଜ୍ୟେଷ୍ଠପୁତ୍ର ଡ. ରଂଜନ କର ରାଇବଣିଆର ରାଇବଳିଆର ସିଂ ହାଇସ୍କୁଲର ୧୯୮୮ ମସିହାରେ ମ୍ୟାଟ୍ରିକ ପାସ୍ କରି ଓୟୁଏଟିରୁ ସ୍ନାତକ, ହିମାଳଚ ପ୍ରଦେଶର ଡ. ଯଶୋବନ୍ତ ସିଂ କରମର ବିଶ୍ୱବିଦ୍ୟାଳୟରୁ କୃଷି ବନୀକରଣରେ ସ୍ନାତକତ୍ତର ଓ ମିଜୋରାମ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ବନବିଜ୍ଞାନରେ ପିଏଚ୍‌ଡି ଉପାଧି ପାଇ ଆନ୍ତର୍ଜାତୀୟ ସ୍ତରରେ ବହୁ ପୁସ୍ତକ ରଚନା କରିଛନ୍ତି । ବାଲେଶ୍ୱର ଜିଲାର କୃଷି କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନାର ସୂତ୍ର ସେହିଁ ପ୍ରସ୍ତୁତ କରିଥିଲେ । ଜିଲାର ଜୈବବିଭିଦତା ଉପରେ ଗବେଷଣା କରି ଏକ ସନ୍ଦର୍ଭ ପ୍ରସ୍ତୁତ କରିଥିବା ଜଣାଯାଏ । ଏହି ସମ୍ମାନ ତାଙ୍କୁ ମିଳିଥିବାରୁ ଜଳେଶ୍ୱର ଓ ଭୋଗରାଇ ଅଂଚଳରେ ଆନନ୍ଦର ଢେଉ ଖେଳି ଯାଇଛି । କୃଷି ଗବେଷଣା କ୍ଷେତ୍ରରେ ସେ ଭାରତ ସରକାରଙ୍କ ପକ୍ଷରୁ ଶ୍ରେଷ୍ଟ ବୈଜ୍ଞାନୀକ ଭାବେ ପୂର୍ବରୁ ପୁରସ୍କୃତ ହୋଇଛନ୍ତି । ଏବେ ଏସୀୟା ମହାଦେଶର ୨୦୦ଜଣ ଅଧ୍ୟାପକଙ୍କୁ ଏପରି ଆୱାର୍ଡ ମିଳିଥିବା ବେଳେ ସେ ସେମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ସନ୍ଦର୍ଭରେ ପ୍ରକାଶ କରାଯାଇଛି । ତାଙ୍କର ଜନ୍ମସ୍ଥାନ ଭୋଗରାଇରେ ହୋଇଥିବା ବେଳେ ଶୈଶବଅବସ୍ଥାରୁ ଜଳେଶ୍ୱରରେ ଅବସ୍ଥାନ କରି ଆସୁଛନ୍ତି ।

### ବିନା କାମରେ ଏମଜିଏନଆରଇଜିଏ ଯୋଜନାରେ ଲକ୍ଷାଧିକ ଟଙ୍କା ହଡ଼ପ ଘଟଣା

# ମୁଖ୍ୟମନ୍ତ୍ରୀ, ୫ଟି ସଚିବ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀ ଦେଲେ ଦାବିପତ୍ର



ବାରିପଦା, ୧୦।୯ (ନି.ପ୍ର): ମୟୂରଭଂଜ ଜିଲ୍ଲାର ମରୋଡା ବ୍ଲକର ବରକନ୍ଦ ଗ୍ରାମପଂଚାୟତ ଅଂଚଳରେ ବିନା କାମରେ ଏମ.ଜି.ଏନ.ଆର. ଇ.ଜି.ଏ. ଯୋଜନାରେ ଲକ୍ଷାଧିକ ଟଙ୍କା ହଡ଼ପ ଘଟଣା ନେଇ ବୁଧବାର ମୁଖ୍ୟମନ୍ତ୍ରୀ, ୫ଟି ସଚିବ ଓ ଜିଲାପାଳଙ୍କ ଉଦେଶ୍ୟରେ ଗ୍ରାମବାସୀ ମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଝିଙ୍କିରିଆ ଅଂଚଳରେ ଚେକଡ୍ୟାମ, ରାସ୍ତାର ଉନ୍ନତି କରଣ କାର୍ଯ୍ୟ ଆଦିର ନିର୍ମାଣ ପ୍ରକଳ୍ପରେ ବ୍ୟାପକ ଦୁର୍ନିତୀ ହୋଇଥିବାର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଚାଷଜମୀକୁ ପାଣି ନେବା ପାଇଁ ଚେକଡ୍ୟାମ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବୀ କରିଆସୁଥିବା ବେଳେ ଅଦ୍ୟାବଧି ଚେକଡେମ ନିର୍ମାଣ ହୋଇ ନଥିବାରୁ ବାଉଁଶଖୁଂଟି ପୋତି ମାଟିବନ୍ଧ ଦେଇ ଗ୍ରାମବାସୀ ମାନେ ନିଜ ପ୍ରଚେଷ୍ଟାରେ ଚାଷଜମୀକୁ ପାଣି ନେଉଥିବା ବେଳେ ଚେକଡ୍ୟାମ ନିର୍ମାଣ ବାବଦରେ ତଥା ଉପରୋକ୍ତ ପ୍ରକଳ୍ପ ସବୁରେ କାର୍ଯ୍ୟ ସ୍ଥଳରେ ଆଦୌ କାମ ହୋଇନଥିଲେ ମଧ୍ୟ ଏମ.ଜି.ଏନ.ଆର.ଇ.ଜି.ଏ. ଯୋଜନାରେ ମାଷ୍ଟର ରୋଲ ପ୍ରସ୍ତୁତ ହୋଇ ଶ୍ରମିକ ମାନଙ୍କର ମଜୁରୀ ବାବଦ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ କରିଛନ୍ତି । ତେବେ ଦୀର୍ଘ ଦିନ ଧରି ନିର୍ମାଣ ସ୍ଥାନରେ କାର୍ଯ୍ୟ ଫଳକ ମଧ୍ୟ ଲେଖାଯାଉ ନଥିବା ବେଳେ ହଠାତ କୌଣସି କାମ ନହୋଇ କାର୍ଯ୍ୟଫଳକ ଲେଖାଯିବାରୁ ଏବଂ ବିନା କାମରେ କିଛି ଲେବରଙ୍କ ବ୍ୟାଙ୍କ ଖାତାକୁ ମଜୁରୀ ଅର୍ଥ ଆସିବାରୁ ଗ୍ରାମବାସୀଙ୍କର ସନ୍ଦେହ ହୋଇଥିଲା । ଏନେଇ ସେମାନେ ବରକନ୍ଦ ଗ୍ରାମପଂଚାୟତ ଅଫିସ ତଥା ସ୍ଥାନୀୟ ବିଡ଼ିଓଙ୍କୁ ମଧ୍ୟ ଜଣାଇଥିଲେ କିନ୍ତୁ ତାର କୋଣସି ସୁଫଳ ମିଳିପାରିନଥିଲା । ଦୁର୍ନିତୀ ଗ୍ରସ୍ତ ଅଧିକାରୀ କର୍ମଚାରୀ ଓ ଜନପ୍ରତିନିଧି ମାନଙ୍କ ସଲାସୁତୁରାରେ କେବଳ କାଗଜ ପତ୍ରରେ ଚାଲିଥିବା ଏହି ଦୁର୍ନୀତି କାର୍ଯ୍ୟକୁ ବିରୋଧ କରି ମୁଖ୍ୟମନ୍ତ୍ରୀ, ୫ଟି ସଚିବ ଓ ଜିଲାପାଳଙ୍କ ଉଦେଶ୍ୟରେ ଗ୍ରାମବାସୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତେବେ ଆଗାମୀ ଦିନରେ ଦାବି ପୂରଣ ନେହେଲେ ଗ୍ରାମବାସୀ ମାନେ ଆଗକୁ ତୀବ୍ର ଆନ୍ଦୋଳନ କରିବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି ।

# ଗୋଟିଏ ଦିନରେ ୩୭୪୮ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୯୧୨୧କୁ ବୃଦ୍ଧି

ଭୁବନେଶ୍ୱର, ୧୦।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୭୪୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୯୧୨୧ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୧୦୨୧୮୫ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୨୩୧୨ ରହିଛି । ଆଜି ଚିହ୍ନଟ ହୋଇଥିବା ୩୭୪୮ ଜଣଙ୍କ ମଧ୍ୟରୁ ୨୨୧୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୩୮ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୬୧୫ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୧୪ , ବାଲେଶ୍ୱର ଜିଲ୍ଲାରେ ୭୪ ଜଣ, ବରଗଡ ଜିଲ୍ଲାରେ ୧୬୯, ଭଦ୍ରକ ଜିଲ୍ଲାରେ ୮୨, ବୌଦ୍ଧ ଜିଲ୍ଲାରେ ୪୧ ବଲାଙ୍ଗିର ଜିଲ୍ଲାରେ ୧୮୦, କଟକ ଜିଲ୍ଲାରେ ୩୯୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୮. ଢେଙ୍କାନାଳ ଜିଲ୍ଲାରେ ୧୦୧, ଗଜପତି ଜିଲ୍ଲାରେ ୧୮, ଗଂଜାମ ଜିଲ୍ଲାରେ ୯୫, ଜଗତସିଂହପୁର ଜିଲ୍ଲାରେ ୧୦୯, ଯାଜପୁର ଜିଲ୍ଲାରେ ୧୪୮ . ଝାରସୁଗୁଡା ଜିଲ୍ଲାରେ ୪୯, କଳାହାଣ୍ଡି ଜିଲ୍ଲାରେ ୭୪ . କନ୍ଧମାଳ ଜିଲ୍ଲାରେ ୫୭, କେନ୍ଦ୍ରାପଡା ଜିଲ୍ଲାରେ ୧୪୭ ,କେନ୍ଦୁଝର ଜିଲ୍ଲାରେ ୮୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧୨୭ ଜଣ, ମାଲକାନଗିରି ଜିଲ୍ଲାରେ ୧୯ , ମୟୁରଭଂଜ ଜିଲ୍ଲାରେ ୧୬୦ ନବରଙ୍ଗପୁରରେ ୧୨୫, ନୟାଗଡ ଜିଲ୍ଲାରେ ୪୮, ନୂଆପଡା ଜିଲ୍ଲାରେ ୯୬, ପୁରୀ ଜିଲ୍ଲାରେ ୩୩୨, ରାୟଗଡା ଜିଲ୍ଲାରେ ୫୮, ସମ୍ବଲପୁର ଜିଲ୍ଲାରେ ୧୦୪ ,ସୋନପୁର ଜିଲ୍ଲାରେ ୭୪ ତଥା ସୁନ୍ଦରଗଡ ଜିଲ୍ଲାରେ ୯୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଅଫିସ ଭିତରୁ ଝୁଲନ୍ତା ଅବସ୍ଥାରେ ଯୁବତୀର ମୃତ ଦେହ ଉଦ୍ଧାର

ବାରିପଦା, ୧୦।୯ (ନି.ପ୍ର): ମୟୂରଭଂଜ ଜିଲ୍ଲା ବାରିପଦା ଟାଉନ ଥାନା ଅନ୍ତର୍ଗତ ଶବର ସାହିରେ ଥିବା ହୋପ ସଂସ୍ଥାର ଅଫିସରେ ଜଣେ ଯୁବତୀ କର୍ମଚାରୀଙ୍କର ଝୁଲନ୍ତା ଅବସ୍ଥାରେ ଥିବା ମୃତ ଦେହ ଉଦ୍ଧାର କରାଯାଇଛି । ମୃତ ଯୁବତୀ ହେଲେ ବାଲେଶ୍ୱର ଜିଲ୍ଲାର କମର୍ଦା ଅଂଚଳର ଗୌରାଙ୍ଗ ଦାସଙ୍କ ଝିଅ ଅମ୍ରିତା ଦାସ । ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲାର ଅମ୍ରିତା ଗତ ଚାରି ମାସ ହେଲା ହୋପ କାର୍ଯ୍ୟାଳୟରେ କର୍ମଚାରୀ ହିସାବରେ କାର୍ଯ୍ୟ କରୁଥିଲେ । ହୋପ କାର୍ଯ୍ୟାଳୟ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ର ଛାତ୍ରୀଙ୍କୁ ନାମ ଲେଖାଇବାର ମାଧ୍ୟମ ରୂପେ କାମ କରୁଥିବା ଜଣାପଡିଛି । ତେବେ ମଙ୍ଗଳବାର ସନ୍ଧ୍ୟା ସମୟରେ ଉକ୍ତ ଯୁବତୀଙ୍କର ହୋପ କାର୍ଯ୍ୟାଳୟରେ ଝୁଲନ୍ତା ଅବସ୍ଥାରେ ମୃତ ଶରୀରକୁ ଅନ୍ୟ କର୍ମଚାରୀ ମାନେ ଦେଖିବାକୁ ପାଇଥିଲେ । ଖବର ପାଇ ବାରିପଦା ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚିଥିଲା ଏହାପରେ ମୃତ ଯୁବତୀଙ୍କ ପରିବାର ଲୋକଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ବୁଧବାର ପୂର୍ବାହ୍ନରେ ଯୁବତୀର ପରିବାର ଲୋକ ପହଁଚିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇଥିଲା । ଘଟଣା ସ୍ଥଳରେ ଯୁବତୀର ମୋବାଇଲ ଓ ସୁଇସାଇଡ଼ ନୋଟକୁ ଜବତ କରିବା ସହିତ କେସ ନମ୍ବର-୧୨୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୋଲିସ । ବାରିପଦା ଟାଉନ ଥାନା ମୃତ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପିଆରଏମ୍ ହସ୍ପିଟାଲକୁ ପଠାଇବା ସହ ଶବ ବ୍ୟବଚ୍ଛେଦ ରିପର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି ତଦନ୍ତକାରୀ ଅଧିକାରୀ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ରାଷ୍ଟ୍ର ଉଦ୍ଦେଶ୍ୟରେ...

ଏହାସହ ସାରା ଦେଶରେ ୫୦୦୦ କମ୍ପ୍ରେସଡ୍ ବାୟୋ ଗ୍ୟାସ ପ୍ଲାଂଟ୍ ପ୍ରତିଷ୍ଠା କରିବା ଦିଗରେ ଭାରତ ସରକାର ଅଗ୍ରସର ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତ ସରକାର ପ୍ରାକୃତିକ ଗ୍ୟାସକୁ ପ୍ରୋତ୍ସାହନ ଦେବା ଦିଗରେ କାମ କରୁଛନ୍ତି । ୨୦୩୦ ସୁଦ୍ଧା ପ୍ରାକୃତିକ ଗ୍ୟାସର ସେୟାରକୁ ବର୍ତମାନର ୬.୩ ପ୍ରତିଶତରୁ ୧୫ ପ୍ରତିଶତ କରାଯିବାର ଲକ୍ଷ୍ୟ ରଖାଯାଇଛି । ବର୍ତମାନ ଦେଶରେ ପ୍ରାୟ ୧୭ ହଜାର କିମି ଲମ୍ବ ଗ୍ୟାସ ପାଇପଲାଇନର ନିର୍ମାଣ କାମ ଚାଲୁଛି । ପରିବେଶ ସହଯୋଗୀ ଇନ୍ଧନ ଉପଲବ୍ଧ କରିବା ପାଇଁ ସିଜିଡି ନେଟୱାର୍କର ସଂପ୍ରସାରଣ କରାଯାଉଛି । ଘର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଏବଂ ସିଏନଜି ପରିବହନ କ୍ଷେତ୍ର ପାଇଁ ପ୍ରାକୃତିକ ଗ୍ୟାସ ଯୋଗାଯାଉଛି । କମ୍ପ୍ରେସଡ୍ ବାୟୋ-ଗ୍ୟାସ(ସିବିଜି) ଏବଂ ଜୈବଖତ ଉତ୍ପାଦନ କରି ଉଦ୍ୟମୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଚୀନ ଏବଂ ଆମେରିକା ପରେ ଦ୍ୱିତୀୟ ବୃହତମ ଜନସଂଖ୍ୟା ଆଧାରରେ ଭାରତ ତୃତୀୟ ସର୍ବବୃହତ ଉର୍ଜା ଉପଭୋକ୍ତା ରାଷ୍ଟ୍ର । ବିଶ୍ୱରେ ଅଧିକ ଉର୍ଜା ବ୍ୟବହାର କରିଥିବା କ୍ଷେତ୍ରରେ ଭାରତରେ ଉର୍ଜା ଉପଭୋକ୍ତା ଏବଂ ଉର୍ଜା ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦେଶର ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ଉର୍ଜା ବ୍ୟବସାୟରେ ନୂଆ ନିବେଶକଙ୍କ ପାଇଁ ନୀତି ସଂସ୍କାର ଅଣାଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ମାର୍କେଟିଂ କମ୍ପାନୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କାମ କରିବା ପାଇଁ ଆହ୍ୱାନ କରିଛନ୍ତି । ଏହା ଦ୍ୱାରା ଉର୍ଜା କ୍ଷେତ୍ରରେ ଅଧିକ ପ୍ରତିଯୋଗିତା ବଢ଼ିବ ଏବଂ ଉପଭୋକ୍ତାଙ୍କ ପାଇଁ ସଠିକ୍ ମୂଲ୍ୟ ନିର୍ଣ୍ଣୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ଆତ୍ମନିର୍ଭର ଭାରତ...

ଏହାଦ୍ୱାରା ଆମ ମତ୍ସ୍ୟଜୀବି ଏବଂ ମତ୍ସ୍ୟ ଉଦ୍ୟୋଗ ସହ ସଂପୃକ୍ତ ପକ୍ଷ ଉପକୃତ ହୋଇପାରିବେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତା ୩-୪ ବର୍ଷ ମଧ୍ୟରେ ଦେଶର ମତ୍ସ୍ୟ ରପ୍ତାନୀ ପରିମାଣ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାଫଳରେ କେବଳ ମତ୍ସ୍ୟ ଉଦ୍ୟୋଗରେ ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ । ଏହି ଉଦ୍ୟୋଗ ସଂପର୍କରେ ମୋର ବନ୍ଧୁମାନଙ୍କ ସହ ଆଜି କଥାବାର୍ତ୍ତା କଲାବେଳେ ଏହାର ଦକ୍ଷତା ଓ ସମ୍ଭାବନା ଘେନି ମୋର ବିଶ୍ୱାସ ଆହୁରି ବୃଦ୍ଧି ପାଇଛି । ସେ କହିଛନ୍ତି ଯେ ସ୍ୱଚ୍ଛ ଜଳ ଉପରେ ମାଛଚାଷ ବିଶେଷ ନିର୍ଭର କରେ । ଗଙ୍ଗା ସଫେଇ ଅଭିଯାନ ଏହି କ୍ଷେତ୍ରକୁ ସହାୟକ ହେବ । ସେ କହିଛନ୍ତି ଯେ ଗଙ୍ଗା ନଦୀର ଆଖପାଖରେ ନୌ-ପରିବହନ ପାଇଁ ଯେଉଁ କାର୍ଯ୍ୟ ଚାଲିଛି ତାହା ମଧ୍ୟ ମତ୍ସ୍ୟ ଉଦ୍ୟୋଗକୁ ସହାୟତା ଯୋଗାଇ ଦେବ । ଗତ ଅଗଷ୍ଟ ୧୫ରେ ମିଶନ ଡଲ୍ ?ଫିନ ଘୋଷଣା କରାଯାଇଥିଲା । ମତ୍ସ୍ୟ ଉଦ୍ୟୋଗ ଉପରେ ଏହା ମଧ୍ୟ ଅନୁକୂଳ ପ୍ରଭାବ ପଡିବ । ପ୍ରତ୍ୟେକ ଘରକୁ ନିରାପଦ ପାନୀୟ ଜଳଯୋଗାଣ କ୍ଷେତ୍ରରେ ବିହାର ସରକାରଙ୍କ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ ମାତ୍ର ୪ରୁ ୫ବର୍ଷ ତଳେ ବିହାରରେ ମାତ୍ର ୨ ଶତାଂଶ ଘରକୁ ପାଇପ ଜଳଯୋଗାଣ ବ୍ୟବସ୍ଥା ଥିଲା । ଖୁବ୍ ? କମ୍ ? ଦିନରେ ଏବେ ୭୦ ଶତାଂଶରୁ ଅଧିକରେ ପହଞ୍ଚିଛି । ଏମାନେ ସ୍ୱଚ୍ଛ ପେୟ ଜଳ ନିଜ ଘରେ ପାଇବାର ସୁବିଧା ଲାଭ କରିଛନ୍ତି । ବିହାର ସରକାରଙ୍କ ଏହି ଉଦ୍ୟମକୁ କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନ ଏବେ ଅଧିକ ସହାୟତା ଯୋଗାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କରୋନା ମହାମାରୀ ସମୟରେ ମଧ୍ୟ ବିହାରର ୬୦ ଲକ୍ଷ ପରିବାରକୁ ପାଇପ ଜଳ ଯୋଗାଣ ସୁବିଧା ଯୋଗାଇ ଦିଆଯାଇଛି । ଏହା ଏକ ବଡ଼ ଉପଲବ୍ଧି । ସଂକଟ ସମୟରେ ଆମ ଦେଶର ଗାଁମାନଙ୍କରେ କାମ କିପରି ହେଉଛି ଏହା ତାହାର ଏକ ଉଦାହରଣ । ଦେଶର ପ୍ରାୟ ସବୁ କ୍ଷେତ୍ର ବନ୍ଦ ଥିବାବେଳେ ଗାଁଗହଳିରେ ଏହା ସମ୍ଭବ ହୋଇପାରିଛି । ଏହା ଆମ ଗାଁଗୁଡିକର ଶକ୍ତି । କରୋନା ମହାମାରୀ ସତ୍ତ୍ୱେ ଖାଦ୍ୟଶସ୍ୟ, ଫଳ, ପନିପରିବା ଏବଂ ଦୁଗ୍ଧ ଆଦି ନିରନ୍ତର ମଣ୍ଡି ଓ ଡେରିକୁ ଆସୁଥିଲା ଏବଂ ଏଥିରେ କୌଣସି ଅଭାବ ପରିଲକ୍ଷିତ ହୋଇନାହିଁ । ଏହା ହିଁ ଆମ ଗାଁଗୁଡିକର ବିଶେଷତ୍ୱ । କେବଳ ଏତିକି ନୁହେଁ, ଦୁଗ୍ଧ ଉଦ୍ୟୋଗ ମଧ୍ୟ କରୋନା ମହାମାରୀ ଭଳି ଦୁଃସମୟରେ ରେକର୍ଡ ପରିମାଣର କ୍ଷୀର ଗୋପାଳଙ୍କଠାରୁ କିଣିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପିଏମ୍ ? କିଷାନ ସମ୍ମାନ ନିଧି ମଧ୍ୟ ସିଧାସଳଖ ୧୦ କୋଟିରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାରେ ସହାୟକ ହୋଇଛି । ସେଥିମଧ୍ୟରୁ ବିହାରର ୭୫ ଲକ୍ଷ କୃଷକ ଉପକୃତ ହୋଇଛନ୍ତି । କରୋନା ମହାମାରୀ ସହିତ ବନ୍ୟା ବିପ୍ରାତକୁ ମଧ୍ୟ ବିହାର ସାହସର ସହିତ ମୁକାବିଲା କରିଛି । ଏଥିପାଇଁ ବିହାରବାସୀ ପ୍ରଶଂସାର ପାତ୍ର । ବନ୍ୟା ବିପନ୍ନଙ୍କୁ ଶୀଘ୍ର ରିଲିଫ ଯୋଗାଇବା ସହ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ ଶେଷ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ଉଦ୍ୟମ ଚଳାଇଛନ୍ତି । ମାଗଣା ରାସନ କାର୍ଡ ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଯୋଜନା ସଂପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିହାରର ପ୍ରତ୍ୟେକ ଅଭାବୀ ପରିବାର ପାଖରେ ସହାୟତା ପହଞ୍ଚାଇବାକୁ ସରକାର ନିଶ୍ଚିତ କରିଛନ୍ତି । ଏହାଛଡା ବିଦେଶରୁ ଫେରି ଆସିଥିବା ପ୍ରବାସୀ ଶ୍ରମିକମାନଙ୍କୁ ଘରପାଖରେ କାମଧନ୍ଦା ଯୋଗାଇ ଦେବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ପରିସ୍ଥିତିକୁ ଦେଖି ଜୁନ୍ ?ରେ ଆରମ୍ଭ ହୋଇଥିବା ଏହି ମାଗଣା ରାସନ ଯୋଗାଣ କାର୍ଯ୍ୟକ୍ରମକୁ ଛଟ୍ ?ପୂଜା ଓ ଦିପାବଳୀ ଶେଷ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କରୋନା ଯୋଗୁଁ ଯେଉଁସବୁ ଶ୍ରମିକ ସହରରୁ ଗାଁକୁ ଫେରିଛନ୍ତି ସେମାନେ ଗୋପାଳନ ଏବଂ ତତ୍ ?ସଂକ୍ରାନ୍ତ ଧନ୍ଦା ଆଡ଼େ ମୁହାଁଇଛନ୍ତି ।

## ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ...

ପ୍ରାର୍ଥୀଙ୍କୁ ସହଯୋଗ ଦେବା ପାଇଁ କାମନା କରିଛନ୍ତି । ଉଲ୍ଲେଖନୀୟ ଯେ ଏନଡିଏ ପକ୍ଷରୁ ରାଜ୍ୟ ସଭା ଉପାଧ୍ୟକ୍ଷ ପାଇଁ ଜେଡିୟୁ ସଦସ୍ୟ ହରିବଂଶ ନାରାୟଣ ସିଂହ ବୁଧବାର ଦିନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏଥିରେ ତାଙ୍କର ପ୍ରାର୍ଥୀତ୍ୱକୁ ସମର୍ଥନ ଦେବାକୁ ଶ୍ରୀ କୁମାର ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିବା ଜଣା ପଡିଛି ।

## ନିଟ୍ ପରୀକ୍ଷାର୍ଥୀଙ୍କ ...

ମାଇକ ଦ୍ୱାରା ଗହଳି ନ କରିବାକୁ ନିବେଦନ କରାଯିବ । ସ୍ଥାନୀୟ ପୋଲିସ ପକ୍ଷରୁ ଗହଳି ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଛି । ଜେଇଇ ପରୀକ୍ଷାର୍ଥୀଙ୍କ ପରି ନିଟ୍ ପରୀକ୍ଷାର୍ଥୀଙ୍କର ମଧ୍ୟ ଥର୍ମାଲ୍ ସ୍କ୍ରିନିଂ କରାଯିବ । ଏଯାଏଁ କୌଣସି ପରୀକ୍ଷାର୍ଥୀଙ୍କ କୋଭିଡ ଲକ୍ଷଣ ଦେଖାଯାଇ ନାହିଁ ବୋଲି ସେ କହିଛନ୍ତି । ଅପରପକ୍ଷରେ ନିଟ୍ ପରୀକ୍ଷା ପାଇଁ ଭୁବନେଶ୍ୱର ମହାନଗର ନିଗମ ଓ ନିଟ୍ ସଂଯୋଜକଙ୍କ ସହ ଆଲୋଚନା ଚାଲିଛି । ରାଜ୍ୟ ସରକାର ଭଲ ବ୍ୟବସ୍ଥା କରିଛନ୍ତି ବୋଲି ରାଜ୍ୟ ସଂଯୋଜକ ପଲି ପଟ୍ଟନାୟକ କହିଛନ୍ତି । ପରୀକ୍ଷାର୍ଥୀଙ୍କ ଯାତାୟତଠାରୁ ରହିବ ବ୍ୟବସ୍ଥା ଭଲ ଭାବେ ହୋଇଥିବା ସେ ସୂଚନା ଦେଇଛନ୍ତି । ଶନିବାରରୁ ପରୀକ୍ଷା ଦେବା ପାଇଁ ବସ୍ ରେ ପରୀକ୍ଷାର୍ଥୀ ଆସିବେ । ରବିବାର ଅପରାହ୍ନ ୨ଟା ରୁ ୫ ଟା ରେ ପରୀକ୍ଷା ଦେଇ ଫେରିଯିବେ । ପରୀକ୍ଷା କେନ୍ଦ୍ରକୁ ୧୨.୩୦ରୁ ପ୍ରବେଶ ଆରମ୍ଭ ହେବ । କେନ୍ଦ୍ର ଗୁଡ଼ିକୁ ଭଲ ଭାବେ ବିଶୋଧନ ମଧ୍ୟ କରାଯାଉଛି ସେ ପ୍ରକାଶ କରିଛନ୍ତି ।

## ରାଜ୍ୟରେ ଆଉ ୧୧...

୫୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କଟକ ଜିଲ୍ଲାର ଜଣେ ୮୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ଉଚ୍ଚ ରକ୍ତଚାପ, ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଅନ୍ୟ ଜଣେ ୪୯ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କର ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗଂଜାମ ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କୋରାପୁଟ ଜିଲ୍ଲାର ଜଣେ ୭୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ। ନୟାଗଡ ଜିଲ୍ଲାର ଜଣେ ୬୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୧୭ ବର୍ଷୀୟା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ କ୍ରନିକ କିଡନି ରୋଗରେ ପୀଡିତ ଥିଲେ। । ରାୟଗଡା ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ।

## ୨୪ ଘଂଟାରେ...

ଯାଜପୁରରୁ ୯୨, କେନ୍ଦୁଝରରୁ ୮୨, ସମ୍ବଲପୁରରୁ ୮୧, ଜଗତ୍‌ସିଂହପୁରୁ ୭୫, କେନ୍ଦ୍ରାପଡ଼ାରୁ ୬୬, ଢେଙ୍କାନାଳରୁ ୬୫, କୋରାପୁଟରୁ ୬୫, ଭଦ୍ରକରୁ ୫୩, ନବରଙ୍ଗପୁରରୁ ୫୨, ବାଲେଶ୍ୱରରୁ ୩୮, ସୁନ୍ଦରଗଡ଼ରୁ ୩୪, କଳାହାଣ୍ଡିରୁ ୩୩, ମାଲକାନଗିରିରୁ ୨୭, ବଲାଙ୍ଗୀରରୁ ୨୫, ସୋନପୁରରୁ ୨୪, ବୌଦ୍ଧରୁ ୨୩, ନୂଆପଡ଼ାରୁ ୨୩, କନ୍ଧମାଳରୁ ୨୦, ଗଜପତିରୁ ୧୮, ଅନୁଗୁଳରୁ ୧୭ ଓ ଦେବଗଡ଼ରୁ ୫ ଜଣ ସୁସ୍ଥ ହୋଇଛନ୍ତି ।

## ଗୁଣପୁରରେ ସାର...

ପରିମାଣ ଠାରୁ ଢେର ଅଧିକା ସାର ପ୍ରଦାନ କରିଥିବା ଏହି ଟିମ ହାତରେ ଧରାପଡିଛି । ସେହିଭଳି ରାମନାଗୁଡା ବ୍ଲକର ମାଁ ମାଝିଗୋରୀ ଡିଲର ମଧ୍ୟ ଅନୁରୂପରେ ସରକାର ଗାଇଡ ଲାଇନକୁ ବେଖାତିର କରି ସାର ବିକ୍ରି କରିଛନ୍ତି । ଏହି ଦୁଇ ଡିଲରଙ୍କୁ ଲାଇସେନ୍ସ ରଦ୍ଦ କରିବା ସହ ନିଲମ୍ବିତ କରାଯାଇଛି । ସେହିଭଳି ଗୁଣପୁରର ଯଶ୍ୱୀତା ଡିଲର ସରକାରଙ୍କ ନିକଟରୁ ବ୍ୟାପକ ସାର ଉଠାଇ ବିନା କାଗଜପତ୍ରରେ ଲକ୍ଷାଧିକ ଟଙ୍କା କଳାବଜାରୀ କରିଥିବା ଏହି ଟିମ ତଦନ୍ତ ବେଳେ ଜଣାପଡିଛି । ଏହି ଡିଲରଙ୍କୁ କାରଣ ଦର୍ଶାଅ ନୋଟିସଜାରୀ କରାଯାଇଛି । କୃଷିବିଭାଗର ଏଭଳି ଧରପଗଡ ଅସାଧୁ ସାର ବ୍ୟବସାୟୀଙ୍କ ମଧ୍ୟରେ ଭାଲେଣୀ ପଡିଛି । କଳାବଜାରୀ ସମ୍ପର୍କରେ ଗୁଣପୁର ଜିଲା କୃଷି ଅଧିକାରୀଙ୍କୁ ପଚାରିବାରୁ ଏଣିକି ପ୍ରତି ଦୁଇଦିନରେ ବିଭିନ୍ନ ସ୍ଥାନରେ ଚଢଉ କରାଯିବ ଓ ଚାଷୀଙ୍କୁ ସଠିକ ମୂଲ୍ୟରେ ସାର ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି ।

ଶୁକ୍ରବାର,୧୧ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଭୁବନେଶ୍ୱରରୁ ଆଉ ୪୬୦ ପଜିଟିଭ୍

ଭୁବନେଶ୍ୱର,୧୦।୯ (ନି.ପ୍ର): ଭୁବନେଶ୍ୱର ସହରରୁ ୪୬୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୧୮୫ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୨୭୫ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଅପରପକ୍ଷରେ ଆଉ ୪୦୫ ଆକ୍ରାନ୍ତ ସୁସ୍ଥ ହୋଇ ଫେରିଛନ୍ତି। ଏଥିସହ ଭୁବନେଶ୍ୱରରୁ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪,୯୫୨କୁ ବୃଦ୍ଧି ପାଇଛି। ୯,୭୫୫ ଜଣ ସୁସ୍ଥ ହୋଇଥିବା ବେଳେ ବର୍ତମାନ ୫,୧୩୦ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। କରୋନା ଯୋଗୁଁ ଏଯାବତ୍ ୫୪ ଜଣ ପ୍ରାଣ ହରାଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗୁରୁବାର ଚିହ୍ନଟ ୧୮୫ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ଚନ୍ଦ୍ରଶେଖରପୁରରୁ ୮ ଜଣ, ଚନ୍ଦ୍ର ଶେଖରପୁର ବିଡିଏ କଲୋନିଓ ଡେଲଟା କଲୋନୀରୁ ୭ ଜଣ ଲେଖାଏଁ , ୟୁନିଟ୍ ୮ ,ଘରୋଇ ହସ୍ପିଟାଲ ରୁ ୬ ଜଣ ଲେଖାଏଁ , ନୟାପଲ୍ଲୀରୁ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୭୫ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ଆଇଆରସି ଭିଲେଜରୁ ୧୭ ଜଣ, ସହିଦନଗରରୁ ୧୧ ଜଣ, ନୟାପଲ୍ଲୀରୁ ୯ ଜଣ, ରସୁଲଗଡରୁ ୭, ୟୁନିଟ୍ ୬ ଓ ବରମୁଣ୍ଡା ଜଗନ୍ନାଥ ବିହାରରୁ ୬ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।ସେହିପରି ଡୁମଡୁମା, ବଡଗଡ ବ୍ରିଟ୍ କଲୋନୀ, ମଂଚେଶ୍ୱର, ନିଳାଦ୍ରୀବିହାର, ନୟାପଲ୍ଲୀ ବେହେରା ସାହି,ରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ଅପରପକ୍ଷରେ ୟୁନିଟ୍ ୬ ଓ ପଟିଆ ବିଗ୍ ବଜାର ଅଂଚଳରୁ ୧୪ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ୟୁନିଟ୍ ୨ ଓ ଆଇଜିଣିଆରୁ ୧୩ ଜଣ ଲେଖାଏଁ , ଇନ୍ଦ୍ରଧନୁ ମାର୍କେଟ୍ , ଭରତପୁର ବସ୍ତି ରସୁଲଗଡ ଗାଁ ରୁ ୧୦ ଜଣ ଲଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀଙ୍କ ଦ୍ୱାରା 'ସରୋଦ' ବନ୍ଦର ବ୍ୟବସ୍ଥାର ଶୁଭାରମ୍ଭ



ପାରାଦୀପ,୧୦।୯ (ନି.ପ୍ର): କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ(ସ୍ୱାଧିନ) ମନ୍ସୁଖ ମାଣ୍ଡଭିୟା ଗୁରୁବାର ଦିନ ନୂଆଦିଲ୍ଲୀ ଠାରେ ବନ୍ଦର ସମ୍ପର୍କିତ ବିଭିନ୍ନ ମିବ୍ୟୋୟି ବିବାଦର ସମାଧାନ ନିମିତ୍ତ ଏକ 'ସରୋଦ' ବନ୍ଦର ସମିତି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ମାଣ୍ଡଭିୟା କହିଛନ୍ତି ଯେ ଏହି ବ୍ୟବସ୍ଥା ଭାରତୀୟ ବନ୍ଦର କ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ବନ୍ଦର ସେବା କ୍ଷେତ୍ରରେ ଆଶା, ବିଶ୍ୱାସ ଓ ନ୍ୟାୟ ବ୍ୟବସ୍ଥା ଉପରେ ଆଧାରିତ ହେବ । ଏହି ବ୍ୟବସ୍ଥା ପ୍ରଚଳନ ଫଳରେ ଆଇନ୍‌ଗତ ବ୍ୟୟ ଓ ସମୟକୁ ବହୁଳ ଭାବେ ବଂଚାଯାଇ ବିବାଦ ଗୁଡିକର ଉପଯୁକ୍ତ ଓ ନ୍ୟାର୍ଯ୍ୟପୂର୍ଣ୍ଣ ସମାଧାନ ହୋଇପାରିବ । ଏହି ନ୍ତସରୋଦନ୍ତ ବନ୍ଦର ବ୍ୟବସ୍ଥାରେ ଭାରତୀୟ ବନ୍ଦର ସଂଘ, ଭାରାତୀୟ ବେସରକାରୀ ବନ୍ଦର ଓ ଟର୍ମିନାଲ୍ ସଂଘ ସଭ୍ୟ ଭାବେ ରହିଛନ୍ତି । ଏହି ନ୍ତସରୋଦନ୍ତ ବନ୍ଦର ବ୍ୟବସ୍ଥା ବୃହତ୍ତ ବନ୍ଦର ନୌବାଣିଜ୍ୟ କ୍ଷେତ୍ରକୁ ବିଭିନ୍ନ ବିବାଦର ସମାଧାନ ନିମନ୍ତେ ଉପଦେଶ ଦେଇପାରିବ। ଏହି ବ୍ୟବସ୍ଥା ଦ୍ୱାରା ବହୁ ବିବାଦର ସମାଧାନ ହୋଇପାରିବ ବୋଲି ପାରାଦୀପ ବନ୍ଦର ପକ୍ଷରୁ ସୂଚନା ମିଳିଛି।

# ଦେଶୁଆଁ ପୋଖରୀରେ ବାଘାଯତୀନଙ୍କ ୧୦୫ ତମ ବଳିଦାନ ଦିବସ

ବାଲେଶ୍ୱର,୧୦।୯ (ନି.ପ୍ର): ମହାମାରୀ କରୋନାର ପ୍ରକୋପ ସତ୍ତ୍ୱେ ବାଘାଯତୀନ ବିକାଶ ପରିଷଦ ପକ୍ଷରୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ଉଗ୍ର ଜାତୀୟତାବାଦୀ ସଂଗ୍ରାମୀ ଶହୀଦ ବାଘାଯତୀନ ଓ ସାଥୀଙ୍କ ୧୦୫ତମ ବଳିଦାନ ଦିବସ ସମାରୋହ ଆଜି ଚଷାଖଣ୍ଡସ୍ଥିତ ଦେଶୁଆଁ ପୋଖରୀଠାରେ ହୋଇଯାଇଛି । କମିଟିର ସ୍ଥାୟୀ ସଭାପତି ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଆୟୋଜିତ ବଳିଦାନ ସ୍ମୃତି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବାଘାଯତୀନ ଓ ସାଥୀଙ୍କ ଆତ୍ମବଳି ବାଲେଶ୍ୱର ସମେତ ସମଗ୍ର ଦେଶ ପାଇଁ ଗୌରବ ବୋଲି ସେ କହିଥିଲେ। ଶହୀଦ ଦୀର ବାଘାଯତୀନ ଏବଂ ତାଙ୍କର ଚାରିଜଣ ସହଯୋଗୀଙ୍କର ଇଂରେଜ ସୈନ୍ୟଙ୍କ ସହ ଦେଶୁଆଁ ପୋଖରୀ କୂଳରେ ରକ୍ତାକ୍ତ ସଂଘର୍ଷର କାହାଣୀ ଦେଶବାସୀଙ୍କୁ ସର୍ବଦା ଅନୁପ୍ରାଣୀତ କରୁଥିବ ବୋଲି ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ମତ ପ୍ରକାଶ କରିଥିଲେ। ବିକାଶ ପରିଷଦର ସମ୍ପାଦକ ସର୍ବେଶ୍ୱର ମହାନ୍ତି, ଉପସଭାପତି ମନୋଜ କୁମାର ନାୟକ, ସ୍ନେହଲତା ଦାସ, ସହ-ସମ୍ପାଦିକା ଜୟନ୍ତୀ ପଣ୍ଡା, ଅଜିତ୍ କୁମାର ବରାଳ, ସୁଦର୍ଶନ ଭୂୟାଁ, ପ୍ରଫୁଲ୍ଲ ବେହେରା, ପ୍ରଫୁଲ୍ଲ ଜେନା, ପଦ୍ମଲୋଚନ ନାୟକ, ରମେଶ ଚନ୍ଦ୍ର ଦାସ, ଅନୀତା ଭୂୟାଁ, ଶେଖ୍ ଯମୁନାର ପ୍ରମୁଖ ଏଥିରେ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ଦୟନୀୟ ଅବସ୍ଥାରେ ଥିବା ବାଘାଯତୀନ ସ୍ମୃତିପୀଠ ରାସ୍ତାର ନବୀକରଣ ପାଇଁ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଏହି ଅବସରରେ ନିବେଦନ କରାଯାଇଥିଲା। ଏନେଇ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ପୁଲିସଙ୍କ ସମେତ ବହୁ ସାଧାରଣ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତେ ସାମାଜିକ ଦୂରତା ରକ୍ଷା କରୁଥିବା ଦେଖିବାକୁ ମିଳିଥିଲା।



# ଗୁଣପୁରରେ ସାର କଳାବଜାରୀ : ଚାଷୀ ମୁଣ୍ଡରେ ଚଡକ

## ୨ ଡିଲରଙ୍କୁ ନିଲମ୍ବିତ, ଜଣକୁ କାରଣ ଦର୍ଶାଅ ନୋଟିସ

ଗୁଣପୁର,୧୦।୯ (ନି.ପ୍ର): ରାୟଗଡା ଜିଲା ଗୁଣପୁର କୃଷିଜିଲାରେ ଗତକିଛି ଦିନ ହେବ ସାରର କଳାବଜାରୀ ହେଉଥିବା ଅଭିଯୋଗ ହେଉଛି । କେତେବେଳେ ସାରର ଅଭାବବିକ୍ରି ତ ଆଉ କେତେକବେଳେ ସରକାରୀ ଦର ଠାରୁ ଦ୍ୱିଗୁଣ ଦରରେ ସାର ବିକ୍ରି ହେଉଛି । ଏଭଳି ଅଭିଯୋଗ ହେବାପରେ ସ୍ଥାନୀୟ କୃଷିବିଭାଗ ଧରପଗଡ କରି ୨ଜଣ ସାର ଡିଲରଙ୍କୁ ନିଲମ୍ବିତ କରିବା ସହ ଅନ୍ୟ ଜଣେ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସଜାରୀ କରିଛନ୍ତି । ଏକ ଦୁଇ ମାସ ହେଲା ଚାଷୀମାନେ କ୍ଷେତରେ ସମସ୍ତ କାର୍ଯ୍ୟ କରିବା ପରେ ଏବେ ସାର ବୁଣିବା ସମୟ ଅଟେ । ଯାହା ଫଳରେ ଚାଷୀ ସରକାର ସ୍ୱୀକୃତିପ୍ରାପ୍ତ ଡିଲର ଓ ଲ୍ୟାମ୍ପସ ଉପରେ ନିର୍ଭର କରୁଛନ୍ତି । ସକାଳେ ପାଇଲେ ଶତାଧିକ ଚାଷୀ ଏହି ଦୁଇଟି ସ୍ଥାନରେ ଲମ୍ବା ଲାଇନରେ ଛିଡା ହେଉଛନ୍ତି । କିନ୍ତୁ କେତେକ ବେଳେ ଷ୍ଟୋକ ନଥିବା କହୁଛନ୍ତି ତ ଆଉ କେତେ ବେଳେ ସରକାର ଦର ଠାରୁ ଅଧିକା ଟଙ୍କା ନେଇ ସାର ଚାଷୀଙ୍କୁ ପ୍ରଦାନ କରାଯାଉଛି । ଆଉ କେତେକ ସ୍ଥାନରେ କମ ସାର ଚାଷୀଙ୍କୁ ଦେଇ ଅଧିକ ସାର ଦେବା ନେଇ କାଗଜପତ୍ରରେ ଦର୍ଶାଇ ଲକ୍ଷାଧିକ ଟଙ୍କାର ସାର କଳାବଜାରୀ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଖରିପ ଋତୁରେ ଜିଲାର ୧୩ ଲ୍ୟାମ୍ପସକୁ ୫୮୧୬.୧୫୦ ମେଟ୍ରିକ ଟନ୍ ସାର ଖୋଲାବଜାରରେ ବିକ୍ରି ପାଇଁ ଘରୋଇ ଡିଲରମାନଙ୍କୁ ୫୧୪୬.୪୬ ମେଟ୍ରିକ ଟନ୍ ସାର ଯୋଗାଇ ଦିଆଯାଇଛି । ଲ୍ୟାମ୍ପସକୁ ଚାଷୀଙ୍କ ସାର ବସ୍ତା ପିଛା ୨୬୬ଟଙ୍କାରେ ମିଳୁଥିବା ବେଳେ ଘରୋଇ ଡିଲର ଚାଷୀଙ୍କ ନିକଟରୁ ୪୭୦ରୁ ୫୦୦ଟଙ୍କା ଚଢା ଦରରେ ବିକ୍ରି କରୁଛନ୍ତି । ଲ୍ୟାମ୍ପସ କର୍ତ୍ତୃପକ୍ଷ ଚାଷୀଙ୍କ ନାମରେ ଅଧିକା ସାର ଦେଖାଇ ଚଢା ଦରରେ କଳାବଜାରୀରେ ବିକ୍ରି କରୁଛନ୍ତି । ଲ୍ୟାମ୍ପସ ଡିଲର, କୃଷିବିଭାଗ, ଡିଲର ଓ ଅନ୍ୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକା ଏଭଳି ବେଆଇନ କାର୍ଯ୍ୟ ଚାଲୁରହିଛି । ସାର ବିକ୍ରି କରିବା ପରେ କୃଷି ବିଭାଗ ପକ୍ଷରୁ ଯାଞ୍ଚ ନକରି ନିରବଦ୍ରଷ୍ଟା କଳାବେପାରୀଙ୍କୁ ବେଶ୍ ସୁହାଉଛି । ରାମନାଗୁଡା ଲ୍ୟାମ୍ପସକୁ ୯୩୮.୬୭୦ ମେଟ୍ରିକ ଟନ୍ ସାର ସରକାରଙ୍କ ପକ୍ଷରୁ ଯୋଗାଇଥିବା ବେଳେ ୨ ଘରୋଇ ଡିଲରଙ୍କୁ ମିଳିଛି ୧୯୧୫.୬ ମେଟ୍ରିକ ଟନ ସାର ମିଳିଛି । ସେହିଭଳି ଗୁଣପୁର, ପଦ୍ମପୁର, ଗୁଡାରୀରେ ଥିବା ଲ୍ୟାମ୍ପସ ଓ ଡିଲରମାନଙ୍କୁ ପ୍ରଚୁର ପରିମାଣରେ ରିହାତି ଦରରେ ଚାଷୀଙ୍କୁ ପ୍ରଦାନ କରିବା ନିମନ୍ତେ ସାର ଯୋଗାଇ ଦିଆଯାଇଛି । କିନ୍ତୁ ଉକ୍ତ ସାର ସଠିକ ମାର୍ଗରେ ବିକ୍ରି ନହେବାରୁ ଚାଷୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଚାଷୀମାନେ ଅଭିଯୋଗ କରିବା ପରେ ଆଜି ଗୁଣପୁର କୃଷି ଜିଲା ଅଧିକାରୀ ବାବାଜୀଚରଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଅଚାନକ ଘରୋଇ ଡିଲର ବିକ୍ରିୟ କେନ୍ଦ୍ରରେ ପହଞ୍ଚି ତଦାରଖ କରିଛନ୍ତି । ତଦାରଖ ବେଳେ ବହୁ ଅନିୟମିତତା ପଦାକୁ ଆସିଛି । ରାଜେଶ୍ୱରୀ ଡିଲର ୨ଜଣ ଚାଷୀଙ୍କ ଜମିର

▶▶ପୃଷ୍ଠା ୭



# ଦିନକରେ ଚିହ୍ନଟ ୭୪ପଜିଟିଭ୍ : ୪୭୦୪କୁ ବୃଦ୍ଧି ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୧୦।୯ (ନି.ପ୍ର): ଦିନକୁ ଦିନ ଓଡ଼ିଶାରେ ବଢୁଥିବା କରୋନା ସଂକ୍ରମଣ ରାଜ୍ୟବାସୀଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୩,୯୯୧ ଜଣ ସଂକ୍ରମିତ ହୋଇଥିବା ବେଳେ ରାଜ୍ୟ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୩୯ହଜାର ୧୨୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଜି ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୯୧ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି । ଆଜି ଗୋଟିଏ ଦିନରେ ୭୪ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୪୭୦୪ରେ ପହଞ୍ଚିଛି। ଆଜିସୁଦ୍ଧା ଜିଲ୍ଲାରେ ୩୭୨୫ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୬୦ ଜଣ ଆକ୍ରାନ୍ତ ଏବେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ଏବେ ୧୪ରେ ସ୍ଥିର ରହିଛି। ତେବେ ବ୍ଲକ ତୁଳନାରେ ବାଲେଶ୍ୱର ପୌରାଞ୍ଚଳରେ ବଢୁଥିବା ସଂକ୍ରମଣ ସମସ୍ତଙ୍କ ଚିନ୍ତା ବଢ଼ାଇଛି। ସେହିଭଳି ଜିଲ୍ଲାର ଗୋଟିଏ ଗୋଟିଏ ଅଞ୍ଚଳରେ ଏକକାଳୀନ ଅଧିକ ସଂଖ୍ୟକ ପଜିଟିଭ ଚିହ୍ନଟ ହେବା ସ୍ଥାନୀୟ ସଂକ୍ରମଣକୁ ସଙ୍ଗୀନ ସ୍ଥିତିରେ ପଞ୍ଚାଇବାର ଆଶଙ୍କା ସୃଷ୍ଟି କରିଛି।

# ୬୦ନଂ ଜାତୀୟ ରାଜପଥରେ ସ୍କୁଟିକୁ ପିଟିଲା ଅଜଣା କାର୍ : ୧ ମୃତ, ୧ ଗୁରୁତର



ଜଳେଶ୍ୱର,୧୦।୯ (ନି.ପ୍ର): ୬୦ନଂ ଜାତୀୟ ରାଜପଥର ଗାୟତ୍ରୀ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ସ୍କୁଟିକୁ ଏକ ଅଜାଣ କାର୍‌କୁ ଧକ୍କା ଦେଇ ଫେରାର ହୋଇଥିବା ବେଳେ ସ୍କୁଟିରେ ଥିବା ୨ଜଣଙ୍କ ମଧ୍ୟରୁ ଜଣକର ମୃତ୍ୟୁ ହୋଇଛି । ଅନ୍ୟଜଣେ ଗୁରୁତର ହୋଇ ପ୍ରଥମେ ଜିକେ ଭଟ୍ଟର ହସ୍‌ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ଘଟଣାରୁ ପ୍ରକାଶ ଆଜି ପୂର୍ବାହ୍ନରେ ଶାନ୍ତିଆ ଗାଁର ରମେଶ ଚନ୍ଦ୍ର ସାହୁଙ୍କ ଟ୍ରାକ୍ଟର ଡ୍ରାଇଭର ଛୋଟରାୟ ଟୁଡୁ (୧୮) ଓ ଲାଲାଚାନ୍ଦ ସିଂ (୨୩) ଦୁହେଁ ମୟୁରଭଂଜର ମାଣିତ୍ରୀକୁ ଗଲାବେଳେ ଗାୟାତ୍ରୀ ଫିଲିଂ ଷ୍ଟେସନ ସମ୍ମୁଖରେ ଏକ ଅଜଣା କାର୍ ସାମନାପଟୁ ଧକ୍କା ଦେଇଥିଲା । ଏଥିରେ ଛୋଟରାୟ ଟୁଡୁର ମୃତ୍ୟୁ ଘଟିଛି । ସେ ଗତ ୩ବର୍ଷ ଧରି ରମେଶ ସାହୁଙ୍କ ନିକଟରେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲା । ସେ ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ ଗ୍ରାମର ଲସ ଟୁଡୁର ଏକମାତ୍ର ପୁଅ ଥିଲେ । ଘଟଣା ଶୁଣି ଛୋଟରାୟର ବାପା, ମା ଜଳେଶ୍ୱର ହସ୍‌ପିଟାଲ ପରିସରରେ ଏକମାତ୍ର ପୁଅର ଶବ ବ୍ୟବଚ୍ଛେଦ କରି ଘରକୁ ଫିଂବା ସଂପର୍କରେ କହିଥିଲେ ।

# ଚିହ୍ନଟ ହେଲେ ନୂଆ ୮୨ ଆକ୍ରାନ୍ତ: ଆଉ ଜଣଙ୍କ ମୃତ୍ୟୁ ପରେ ସଂଖ୍ୟା ୧୦

ଭଦ୍ରକ,୧୦।୯ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ଆଉ ୮୨ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୪୦ଜଣ ସୁସ୍ଥ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଯାହା ଫଳରେ ଜିଲ୍ଲାର କୋବିଡ ପରିସଂଖ୍ୟାନ ହୋଇଛି ମୋଟ ନମୁନା ପରୀକ୍ଷା ୫୮ହଜାର୧୫୭, ମୋଟ ପଜିଟିଭ କେଶ୍ ୩୫୮୬, ମୋଟ ସୁସ୍ଥ ହୋଇଛନ୍ତି ୨୭୩୦ ଏବଂ ମୃତ୍ୟୁ ସଂଖ୍ୟା ୧୦। ଆକ୍ଟିଭ କେଶ ରହିଛି ୮୪୬। ନୂତନ ଭାବେ ଚିହ୍ନଟ ହୋଇଥିବା ଆକ୍ରାନ୍ତ ବାସୁଦେବପୁର ବ୍ଲକରୁ ୨ଜଣ, ବାସୁଦେବପୁର ପୌରପାଳିକାରୁ ୩, ଭଦ୍ରକ ବ୍ଲକରୁ ୧୪, ଭଦ୍ରକ ପୌରପାଳିକାରୁ ୫, ବନ୍ତ ବ୍ଲକରୁ ୨୩, ଭଣ୍ଡାରିପୋଖରୀ ବ୍ଲକରୁ ୧୧, ଚାନ୍ଦବାଲି ବ୍ଲକରୁ ଜଣେ, ଚାନ୍ଦବାଲି ଏନ୍‌ଏସିରୁ ୩ଜଣ ଏବଂ ତିହିଡି ବ୍ଲକରୁ ୨୦ଜଣ ଚିହ୍ନଟ ହୋଇଛନ୍ତି।

# ବର୍ଷାରେ ଧୋଇଗଲା ଡିଷ୍ଟ୍ରିକ୍ଟବୋର୍ଡ ପୋଖରୀର ନବନିର୍ମିତ ରାସ୍ତା

ଜଳେଶ୍ୱର,୧୦।୯ (ନି.ପ୍ର): ଜଳେଶ୍ୱର ପୌରପାଳିକାର ବଡବଜାରସ୍ଥିତ ଡିଷ୍ଟ୍ରିକ୍ଟବୋଡ ପୋଖରୀର ପର୍ଶ୍ଚିମପଟେ ଏକ ରାସ୍ତା ନିର୍ମାଣ ହେଉଥିଲା । ନିକଟରେ ଡିଷ୍ଟ୍ରିଟବୋଡ ପୋଖରୀ ଥିବାରୁ ଏକ ବଡ ଗାର୍ଡୱାଲ ନିର୍ମାଣକାର୍ଯ୍ୟ ସରିଛି । କିନ୍ତୁ ରାସ୍ତା ନିର୍ମାଣ ହେଉଥିବା ବେଳେ ଗତ ବର୍ଷାରେ ରାସ୍ତାର ବହୁ ଅଂଶ ଧୋଇ ଯାଇଛି । ରାସ୍ତାଟି କଂକ୍ରିଟ ନିର୍ମାଣ ହେଉଥିଲେ ମଧ୍ୟ ଧୋଇଯାଇଥିବା ଯୋଗୁଁ ଏହାର ନିର୍ମାଣରେ ତୃଟି ରହିଥିବା ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି । ଏପରି ରାସ୍ତାକାମ ବର୍ଷାଦିନରେ ନିର୍ମାଣ ସଂପର୍କରେ ବହୁକଥା ଶୁଣିବାକୁ ମିଳୁଛି ।



# କରୋନା ନିୟନ୍ତ୍ରଣ : ଭୁବନେଶ୍ୱରରେ ଲାଗୁ ହେବ ଗଂଜାମ ଫର୍ମୁଲା

ଭୁବନେଶ୍ୱର,୧୦।୯ (ନି.ପ୍ର): ଭୁବନେଶ୍ୱରରେ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ଲାଗୁ ହେବ ଗଂଜାମ ଫର୍ମୁଲା । କରୋନା ନିୟନ୍ତ୍ରଣ ନେଇ ବିଏମସି ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିବା କହିଛନ୍ତି ଭୁବନେଶ୍ୱର ସ୍ୱତନ୍ତ୍ର ଏଡିଏମ ପାରୁଲ ପଟୱାରୀ । ଗୁରୁବାର ଦିନ ସେ କହିଛନ୍ତି ଯେ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ରାଜଧାନୀରେ ବ୍ୟାପକ ହେଲଥ ସ୍କ୍ରିନିଂ ହେବ। ବସ୍ତି ଏବଂ ଅନ୍ୟ ଅଂଚଳରେ ହେଲଥ ସ୍କ୍ରିନିଂ କରାଯିବ। ଏଥିପାଇଁ ୫୬୫ ରାପିଡି ରେସପନ୍ସ ଟିମ ଗଠନ କରାଯାଇଛି । ଏପରିକି କୌଣସି କରୋନା ନେଇ ସନ୍ଦେହ ଥିଲେ ୧୯୨୯କୁ କଲ କରି ସଂପୂର୍ଣ୍ଣ ତଥ୍ୟ ପାଇପାରିବେ । ଏହା ବ୍ୟତୀତ ହୋମ୍ ଆଇସୋଲେସନରେ ଥିବା ଘରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବ ବିଏମସି। ହୋମ ଆଇସୋଲେସନରେ ଥିବା ଲୋକଙ୍କ ସହ ଭିଡିଓ ଜରିଆରେ ରୋଗୀଙ୍କୁ ପରାମର୍ଶ ଦିଆଯିବ ।

# ଜିଲ୍ଲାପାଳଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମର ବାଙ୍କିଶୋଳ କୋଭିଡ ହସପିଟାଲ ଓ ଲକ୍ଷ୍ମୀପୋଷୀ ଅନ୍ୱେଷା କୋଭିଡ କେୟାର କେନ୍ଦ୍ର ପରିଦର୍ଶନ



ବାରିପଦା ,୧୦।୯ (ନି.ପ୍ର): ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଭା.ପ୍ର.ସେ.ଙ୍କ ତତ୍ୱାବଧାନରେ ପ୍ରସାଶନିକ ଜିଲ୍ଲାସ୍ତରୀୟ ଟିମ ବାରିପଦା ବାଙ୍କିଶୋଳ ସ୍ଥିତ କୋଭିଡ ହସପିଟାଲ ଓ ଲକ୍ଷ୍ମୀପୋଷୀ ସ୍ଥିତ ଅନ୍ୱେଷା କୋଭିଡ କେୟାର ସେଂଟର ପରିଦର୍ଶନ କରି କୋଭିଡ ଚିକିତ୍ସା ପରିଚାଳନା ତଥା ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ସହିତ ହସପିଟାଲ ବୁଲି ସମସ୍ତ ପରିଚାଳନା କାର୍ଯ୍ୟଧାରା ନିରିକ୍ଷଣ କରିଥିଲେ । ଏହି ଟିମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମୟୂରଭ ବିବେକାନନ୍ଦ ସାହୁ,ଓ.ପ୍ର.ସେ., ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ରୂପଭାନୁ ମିଶ୍ର, ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି ଭା.ପ୍ର.ସେ., ଡେପୁଟି କଲେକ୍ଟର ତଥା ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ସାମିଲ ଥିଲେ । କୋଭିଡ ଚିକିତ୍ସା ପରିଚାଳନା ତଥା ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାରେ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ସହ ହସପିଟାଲ କୋଭିଡ କେୟାର କେନ୍ଦ୍ର ବୁଲି ସମସ୍ତ ପରିଚାଳନା କାର୍ଯ୍ୟର ନିରୀକ୍ଷଣ କରିଥିଲେ । ଏଥିସହିତ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ କୋଭିଡ ହସପିଟାଲର ଚିକିତ୍ସାଧିନ ଅନ୍ତେବାସୀ ମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିବା ସହିତ ସେମାନଙ୍କର ମନୋବଳ ବୃଦ୍ଧି କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ମାନବିକତାର ସହିତ ସେମାନଙ୍କୁ ସେବା ଯୋଗାଇଦେବା ପାଇଁ ସଂପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନ କାଳରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ତଥା ବାଙ୍କିଶୋଳ କିମସ କୋଭିଡ ହସପିଟାଲର ଭାରପ୍ରାପ୍ତ ଚିକିତ୍ସାଧିକାରୀ, ସହକାରୀ ଜିଲ୍ଲାପାଳ (ନିର୍ବାଚନ) ତଥା ଭାରପ୍ରାପ୍ତ ଅଧିକାରୀ କିମସ କୋଭିଡ ହସପିଟାଲ ବାଙ୍କିଶୋଳ, କୋରୋନା ସଂଯୋଜକ ତଥା ଅନ୍ୱେଷାର ନୋଡାଲ ଅଫିସର, ବାରିପଦା ବିଇଓ ତଥା କରୋନା କେୟାର ସେଂଟର ର ଫୁଡ ଇନଚାର୍ଯ୍ୟ, ସମସ୍ତ ସିଆରସିସି, ହସପିଟାଲ ମେନେଜର ତଥା ଅନ୍ୱେଷା କୋଭିଡ କେୟାର ସେଂଟରର ଇନଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୀ ବନ୍ୟାଂଚଳ ଗସ୍ତ କରି କ୍ଷୟକ୍ଷତିର ଅନୁସନ୍ଧାନ କଲା କଂଗ୍ରେସ ଟିମ୍

ଭୁବନେଶ୍ୱର,୧୦।୯ (ନି.ପ୍ର): ଏଆଇସିସି ପକ୍ଷରୁ ଗଠିତ ବନ୍ୟା ଅନୁସନ୍ଧାନକାରୀ କମିଟିର ଅନ୍ୟତମ ସଦସ୍ୟ ତଥା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନଙ୍କ ନେତୃତ୍ୱରେ ଏକ କମିଟି ପୁରୀ ଜିଲ୍ଲାର ନିମାପଡା, ଅସ୍ତରଙ୍ଗ, କାକଟପୁର, ଗୋପ, ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ ବ୍ଲକର ବିଭିନ୍ନ ବନ୍ୟାଂଚଳର ପଂଚାୟତଗୁଡ଼ିକୁ ଗସ୍ତକରିବା ସହ ପାଣି ଘେରରେ ଥିବା ବିପନ୍ନ ଲୋକମାନଙ୍କ ସହିତ ଆଲୋଚନାକରି ଫେରିବାପରେ ପ୍ରଶାସନ ତରଫରୁ ଆବଶ୍ୟକ ପରିମାଣର ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇ ନ ଥିବା ହେତୁ କ୍ଷୋଭ ପ୍ରକାଶ କରିଥିଲେ। ବିଭିନ୍ନ ସ୍ଥାନରେ ନଦୀବନ୍ଧ ସୁଦୃଢ଼ୀକରଣ କରା ନଯିବା, ବନ୍ୟା ଜଳ ନିଷ୍କାସନ ପାଇଁ ସ୍ଥାୟୀ ପ୍ରତିକାର କରାଯାଉ ନ ଥିବା ଯୋଗୁଁ ଅନେକ ସ୍ଥାନରେ ମନୁଷ୍ୟକୃତ ବନ୍ୟା ସୃଷ୍ଟି ହେଉଛି। ଅସ୍ତରଙ୍ଗ ବ୍ଲକର ଦ୍ୱୀପାଂଚଳ ତାଳଦା ପଂଚାୟତକୁ ଗମନାଗମନ ପାଇଁ ବିଳୁ ସେତୁ ବ୍ରିଜ୍ ଦୀର୍ଘ ୭ ବର୍ଷ ହେଲା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆଯାଇ ଅଧାହୋଇ ପଡ଼ିଥିବାରୁ ଉକ୍ତ ବ୍ଲକଠାରୁ ତାଳଦା ପଂଚାୟତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିଛି।

# ଲୋକ ନିୟମ ନମାନିଲେ ସଂକ୍ରମଣ ବଢିବ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୦।୯ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ନିୟମ ମାନିବାକୁ ପଡିବ। ଯଦି ନ ମାନିବେ ତାହାଲେ ସଂକ୍ରମଣ ବଢିବ। ବର୍ତମାନ ଯେଉଁମାନଙ୍କର କୌଣସି ଲକ୍ଷଣ ନାହିଁ ସେମାନଙ୍କୁ ଆମେ ହୋମ୍ ଆଇସୋଲେସନ୍ ପାଇଁ ପରାମର୍ଶ ଦେଉଛୁ। ସଂକ୍ରମଣ ବଢୁଥିବାରୁ ଆମ୍ବୁଲାନ୍ସ ବଢ଼ା ଯାଇଛି ଏବଂ ଆଇସିୟୁ ବଢାଯିବାକୁ ନିଷ୍ପତି ହୋଇଛି। ଆବଶ୍ୟକ ହେଲେ ୧୦୪/୧୦୯ କୁ କଲ୍ କରି ଲୋକମାନେ ସହାୟତା ନେଇ ପାରିବେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo